ମାନସିଂହ-ଚୟନ

Digitized by srujanika@gmail.com



ଡକ୍ଟର ମାୟାଧର ମାନସିଂହ

Digitized by srujan ka@gmail.com

ସୂଚୀ

ବିଷୟ		ପୃଷ୍ଠା
—ଛାତ୍ର ପର୍ବ ଓ ପ୍ରଥମ ବେକାର କାଳ—		
୧ । ବୋଇତ-ବନ୍ଦାଣ	...	୧
୨ । ବାଣୀ-ଭିକ୍ଷା		୮
୩ । ଧରଣୀ-ବାସ	...	୯
୪ । ଶେଷ କଥା		୧୩
୫ । ଦେବ-ପୂଜା		୧୫
୬ । ତୁମର ପ୍ରୟୋଜନ		୧୭
୭ । ଉଦାସୀ ପାନ୍ଥ	...	୧୮
୮ । ଘରପଣା	... ...	୧୯
୯ । ବିଶ୍ୱଦେବାଳୟ	... ...	୨୬
୧୦ । ଚିଲିକା	...	୨୯
୧୧ । ପ୍ରିୟଭୂମି	...	୩୦
୧୨ । ସରମ	... ...	୩୧
୧୩ । ରୂପାଲୋକ	...	୩୨
୧୪ । ହେମନ୍ତ-ପ୍ରଭାତ	...	୩୩
୧୫ । ପ୍ରକୃତିର ବୈଚିତ୍ର୍ୟ	...	୩୪
୧୬ । ବିଜୟିନୀ		୩୫
୧୭ । ସାଧନା	...	୩୬
୧୮ । ବିରହ	... ...	୩୭

Digitized by srujan ka@gmail.com

୧୯ । ଦେହ ଓ ସ୍ନେହ ୩୮
୨୦ । ବଗିଚ ସ୍ରଷ୍ଟା ... ୩୯
୨୧ । ମୁକ୍ତ ନାହିଁ ମାଗେ ୪୦
୨୨ । ଆତ୍ମାର ସୌନ୍ଦର୍ଯ୍ୟ ୪୧
୨୩ । ଅପରାଧ ୪୨
୨୪ । ଜୀବନପଥ ... ୪୩
୨୫ । ଜୟେ-ପରାଜୟେ ୪୪
୨୬ । ନଶୀଥ-ଆଳାପ ... ୪୫

—ଶିକ୍ଷକତା, ବଲ୍ଲଭ ପ୍ରବାସ ଓ ଦ୍ୱିତୀୟ ବେକାର କାଳ—

୨୭ । ଝରଣା-ଗାଥା ୪୭
୨୮ । ଝରଦ-ପ୍ରଦୀପ ୫୨
୨୯ । ଶ୍ରାବଣ ଅଭିସାର ୫୩
୩୦ । ମିଳନ-ମାଧୁର୍ଯ୍ୟ ୫୬
୩୧ । ନୃତ୍ୟ ସ୍ୱୟମ୍ବର ... ୫୯
୩୨ । ଅତୃପ୍ତ ଭୋଗ ୬୧
୩୩ । ଯୋଗ୍ୟ ଦେବ ୬୨
୩୪ । ଝଲ-ଲକ୍ଷ୍ମୀ ୬୩
୩୫ । କୋଣାର୍କର ଲାସ୍ୟଲୀଳା—ସ୍ପନ୍ଦନ ୬୬
—ଉଦ୍‌ଯୋଗ ... ୭୨
—ନୃତ୍ୟ ୭୮
—ଶିଳ୍ପୀବନ୍ଦନା ୮୧
୩୬ । ସମର ସମ୍ମୁଖେ ... ୮୩
୩୭ । ଆତତାୟୀ ... ୮୮

Digitized by srujan ka@gmail.com

—ଗଦ୍ଧକାନ୍ତ ଜୀବନ ଓ ହୃଦୟର ଷତ—

୩୮ । ନବ ଜନମ ୯୩
୩୯ । ନାସ୍ତିର ଅଧିକାର ... ୯୬
୪୦ । ଅପଣ୍ୟ ପ୍ରେମ ୯୯
୪୧ । ଅଦାନ ୧୦୦
୪୨ । ଈଶ୍ୱର ସାଧାରଣ ୧୦୧
୪୩ । ଉତ୍ପୀଡ଼ିତ ଈଶ୍ୱର ୧୦୨
୪୪ । ସାମାନ୍ୟ ସଂଚୟ ... ୧୦୩
୪୫ । ଅଶ୍ରୁର ହିସାବ ୧୦୪
୪୬ । ଏକ ଓ ବହୁ ... ୧୦୫
୪୭ । ଅଶ୍ରୁ ମୁକ୍ତା ୧୦୬
୪୮ । ପୁଷ୍ପ ପ୍ରଣୟ ୧୦୭
୪୯ । ଦର୍ଶନ-ଗୌରବ ... ୧୦୮
୫୦ । ଭ୍ରମର ଅହଂକାର ୧୦୯
୫୧ । କ୍ଷୁଦ୍ର ପ୍ରୀତି ୧୧୦
୫୨ । ଜନ୍ମ ଜନ୍ମାନ୍ତର ୧୧୧
୫୩ । ନବୋଧର ଅଧିକାର ୧୧୨
୫୪ । ପାନ୍ଥ-ଗାଥା ୧୧୩
୫୫ । ସ୍ୱର୍ଗଚ୍ୟୁତ ୧୨୬
୫୬ । ଭିଖାରି ୧୨୮
୫୭ । ମୋ ଧନ ରେ ... ୧୩୦
୫୮ । ରୂପାନ୍ତର ... ୧୩୩

—ସାମୟିକ—

୫୯ । ସାଆନ୍ତମା ୧୩୪

Digitized by srujan ka@gmail.com

୬୦ । ଟେଲ୍ଲି-ମୃତ୍ୟୁ ୧୩୭
୬୧ । ହତସ୍ୱପ୍ନାର ପଥ ୧୪୧
୬୨ । ଦ୍ୱନ୍ଦ୍ୱ ... ୧୪୪
୬୩ । ପ୍ରାଣର ବାଚୁଣୀ ... ୧୪୬
୬୪ । ଢଅ ଗୁଡ଼ି-ତାରେ ୧୪୯
୬୫ । ଭରତ ପୁଷ ୧୫୦
୬୬ । ଅଗଷ୍ଟ ପନ୍ଦର ... ୧୫୧
୬୭ । ଜୀବଯଜ୍ଞ ... ୧୫୫
୬୮ । ସମାଧି ... ୧୫୯
୬୯ । ତାହାରେ ସ୍ୱର ଭଇ ... ୧୬୩
୭୦ । ଫେରାଇ ଦିଅ ୧୬୪
୭୧ । ସେଇ ଦୁଇ ଆଖି ... ୧୬୭
୭୨ । ତୀର୍ଥ ଯାତ୍ରା ... ୧୭୦

Digitized by srujan ka@gmail.com

ବୋଇତ-ବନ୍ଦାଣ

ପ୍ରଭାତେ କନକ-ରଶ୍ମି ତରୁଣ ରବିର
ବୃକ୍ଷଶିରେ ଗ୍ରାମ-ଗୃହେ ଜ୍ୟୋତିର ଅମ୍ବର
ଝୁଞ୍ଜି ଦେଲା ଷଣକରେ । ମୁଗ୍‌ଧ ଗ୍ରାମବାସୀ
ଜମା ହେଲେ ନଦୀଘାଟରେ ଦଳେ ଦଳେ ଆସି
ବୋଇତ ଦେଖିବା ପାଇଁ । ଦୁଇ ବର୍ଷ ପରେ
ସାଧବର ପୁଅ ତିନି ଫେରିଛନ୍ତି ଘରେ,
କେବା ଆଣିଛନ୍ତି ଦୂରୁ, ସାଗର ସେ ପାରୁ
ଶୁଣାଯାଏ ରାଜପୁତ୍ର ଆସିଛି ସେ ଆଡ଼ୁ
ଏ ଦେଶ ଦେଖିବା ଲାଗି । ନାନା କଥା ଶୁଣି,
ନାନା କଥା ସୃଷ୍ଟି ଶୀଳ କଳ୍ପନାରୁ ବୁଣି
ଆସୁଛନ୍ତି ପଲ୍ଲୀଜନେ ମାଡ଼ି ନଦୀଘାଟରେ
ବୋଇତ ଦେଖିବା ଲାଗି । ହେଲେ ଜମା ଧୀରେ

Digitized by srujan ka@gmail.com

କେହୁ ଖଟରେ, କେହୁ ମଟରେ, କେହୁ ଟିକେ ଦୂରେ
ଘନଚ୍ଛାୟା ବୃକ୍ଷତଳେ । ଗ୍ରାମ ପ୍ରୌଢ଼ ଦଳେ
ଖର ଘୁଣ୍ଡ଼ ବୋଇତରେ ଗଲେ ପଶି ବଳେ
ଡାକ ଡାକ ଉଚ୍ଚସ୍ୱରେ ସାଧବପୁଅରେ
ଗୁରୁଜନ ଭାବ ଧରି; ଟୋକାଏ ପଶ୍ଚାତେ
କୌତୂହଳେ ପଛ ଧରି ପଶୁଁ, ତାଙ୍କୁ ହାତେ
ନିବାରିଲେ ନପାରୁଲେ, କ୍ରୋଧ ହେଲେ କହି;
କହିଲେ, "ଏଗୁଡ଼ ଖାଲି କୁଳାଙ୍ଗାର ଛି ଛି !
କଥା କି ମାନନ୍ତି ଆଜି ? ଶିଖିଲେ ଆସ୍ପର ?
ଆମ ପିଲାଦିନେ ସ୍ୱପ୍ନ ଥିଲା ଏ ବେଭାର !"

ବହିଗତ ଗ୍ରାମପଥେ ବୃକ୍ଷ ଅନ୍ତରାଳୁ
ଶୁଭିଲା ଏକାଳେ ହୁଳହୁଳି ଧ୍ୱନି ସ୍ୱରୁ
ଗ୍ରାମସୀମନ୍ତ୍ରମା କଣ୍ଠୁ । ହମେ ସେହୁ ପଥେ
ବାହାରିଲେ ସୁନ୍ଦରୀଏ ଧରି ଏକ ହସ୍ତେ
ସୁରଭିତ ମାଗଜନା, ଅନ୍ୟ ହସ୍ତେ ଧରି
ନବ ସୂର୍ପ, ଶୁଭ୍ର ବନ୍ଦାପନା ଦ୍ରବ୍ୟେ ଭରି ।
ମୁଖ ତାଙ୍କ ନତ ଲାଜେ, ଲୋକ-ସମାଗମେ
ପଦ୍ମ ସେ କି ପ୍ରଦୋଷରେ ତାରକା-ଆଗମେ !
ଅବଶ ଚରଣ ତାଙ୍କ, ବାଲୁକାରେ ମିଶେ
ଅଲକ୍ତରଞ୍ଜିତ ନଖପନ୍ତି ନାହିଁ ଦିଶେ—
ତାରା ସେ ଲୁଚନ୍ତି କିବା ବୃଷ୍ଟି-ଘନତଳେ
କୁସୁମ ସେ ଲୁପ୍ତ କିବା ପଲ୍ଲବଗହଳେ !
ନତମୁଖୀ ସେ ବାମାଏ କନ୍ଥୁ ପରସ୍ପରେ
ସ୍ୱଭାବଜ ଗୁଣେ ରତ ଗଳ୍ପେ କ୍ଷୀଣ ସ୍ୱରେ

Digitized by srujan ka@gmail.com

କେଜାଣି କ କଥା ଧରି । ନାପିତୁଣୀ ଡାକେ,
କନ୍ଧଲା ପଛରୁ ଉଚ୍ଚେ, "ବେଳ ଅଛି ନକ
ସ୍ଥଳୁଛ ଗପୁଛ ମଠେ ? ଆସନା ଭୁଲିତେ
ସାଧବ ସାଆନ୍ତେ ମୋର ବସିଦେଣି ଚଢ଼େ;
ବନ୍ଦାପନା ସରିଲେ ତ ଆସିବେ ସେ ଘରେ ?
ସ୍ନାନ-ଶୁଦ୍ଧି ହେବ ପୁଣି—ଆସନା ଚଞ୍ଚଳେ…"
'ଚାଲ', 'ଚାଲ' କହି ସବୁ ସୀମାନ୍ତିନୀକୁଳ
ଚଞ୍ଚଳ କରିଲେ ଗତି । ବାଳୁକା-ବ୍ୟାକୁଳ
ସେ ପଥେ ଭୂଷଣ-ଗୁରୁ ପଦ ବାମାଙ୍କର
ଗତି ହୁଏ ବଳେ ମନ୍ଦ । ଶ୍ରମାଇ ପୟର,
ଉପୁଜାଇ ସ୍ୱେଦ-ମୁକ୍ତା ଶ୍ରମେ ଗଣ୍ଡ-ସ୍ଥଳେ
କ୍ରମେ ବାମା ଉପସ୍ଥିତ ପୋତ ସମୀପରେ ।
ବହୁବଧୂସିନୀ କେହୁ କନ୍ଧଲା ଆଗେଇ
'କର ଲୋ ବନ୍ଦନା ବେଗେ ।' ଜନତାରେ ଝୁଣ୍ଟି
ନବସୀମନ୍ତିନୀଗଣ ଗୁରୁ ସରମରେ
ଟେକି ନ ପାରିଲେ ହସ୍ତ—ଜାଣି, ନାପିତରେ
ସଂକେତନ୍ତି ବୁଢ଼ୀ ଏକ—ସେ ତହୁଁ ଚିତ୍କାର
ଦୂରସ୍ଥ କରିଲା ଲୁବ୍ଧ ଜନତାରେ ଠାରି ।
ତହୁଁ ଏକ ନାସ୍ତ ଉଚ୍ଚେ, 'କର ଲୋ ବନ୍ଦନା'…
ଆନ ଆର ପାଖ-ଜଣେ କହୁଛି 'ଦେଖନା
ଠିଆ କେମିଁ ? କର ବେଗେ ।'—ଠିକ୍ ସେଇପରି
ଏକ ଆନେ ଡିଆରିଲେ । ତହୁଁ କ୍ରୋଧ କରି
ଛଟଣାଇ ସ୍ତ୍ରାମିମା ଉଠେ କରିଲେ ଚିତ୍କାର,
"ଆସ୍ତୁ ଏ ଟୋକୀଏ ସତେ ! ଲଜ୍ଜା ଲୋ କାହାର.

Digitized by srujan ka@gmail.com

ହେଲ କହାଁ ନିଜ ପଦ ଏତେ ମାତୃଥାଇ ?
ବନ୍ଦାଅ ନେ"—ବୋଲୁଁ ସର୍ବେ ଲାଗିଲେ ବନ୍ଦାଇ ।

ପ୍ରାରମ୍ଭ ଗାନ

ପ୍ରଥମା

ସାଧବ ଘର ବୋଇତ

ଦୂରୁ ଦେଖୁଁ ଆଣେ ଲକ୍ଷ୍ମୀ କନ୍ଧ ତ ଗୋ,
ମଣିରତନ ନୁହେ କନ୍ଧ ତ, ସଜନ ଗୋ !

ଦ୍ଵିତୀୟା

ବୋଇତ ଏ ସାଧବର,

ଦେଖି ଆସେ କେତେ ଦେଶ ନଗର ଗୋ,
ଭାସି ଆସଇ କାଟି ସାଗର ସଜନ ଗୋ !

ତୃତୀୟା

କେତେ ପୋତ ଜଳେ ଭାସେ

ସାଧବ ପୋତ ସରିକି ନ ଆସେ ଗୋ,
ରାଜହଂସ ସମ ପରକାଶେ ସଜନୀ ଗୋ !

ପ୍ରଥମା

ଆସ ଗୋ ବନ୍ଦାଇ ନବା

ବୋଇତ-ରାଣୀ କି ଦେଇ ପୂଜିବା ଗୋ ?
ତାଙ୍କ ପଦ-ଜଳ ଶିରେ ଦବା, ସଜନୀ ଗୋ !

Digitized by srujan ka@gmail.com

ଦ୍ୱିତୀୟା

ଭଣପୁରେ ମୋର ଘର

ସିନ୍ଧୁକୂଳୁ ଦୂରେ ମୋର ନଗର ଗୋ
ମତେ କହାଅ ଏ ଉପଚ୍ଛର, ସଜନ ଗୋ !

ତୃତୀୟା

ମୋ ଘର ବାଣପୁରରେ

ପୋତ ତ ମାଲ ଛଳକା ଜଳରେ ଗୋ,
ମୋତେ ଆଗ କର ବନ୍ଦାଣରେ, ସଜନ ଗୋ !

ପ୍ରଥମା

ମୁଁ ତ ଚେଳଚାଳ ନାରୀ

ମୋତେ ଧଳା ଚହିଁ ବାରଧି-ବାରି ଗୋ
ମୁଁ କି ବନ୍ଦାଣରେ ଯିବି ହାରି, ସଜନ ଗୋ !

ପ୍ରଥମା

ବନ୍ଦନା କର ଲୋ ଏବେ……

ସମସ୍ତେ

[ଶଙ୍କରାଭରଣ]

ଜୟ ଗୋ ବୋଇତ-ରାଣୀ ସଲିଳ ସୁନ୍ଦରୀ
ଆମ୍ଭ ଲାଗି ଆଣ ଧନ କାହୁଁ ଗର୍ଭେ ଭରି
ପୂର୍ଣ୍ଣ କର ଗନ୍ତାଘର
ତୁମ୍ଭ ଲାଗି ପୁଣି ଉଠେ ଭବନ ଆମ୍ଭର ।

Digitized by srujan ka@gmail.com

ହେମନ୍ତେ ବଦାନ୍ୟ ହେଇ, ଚଳେ ନଧାଜଳେ
ତୋର ଫେରିବାକୁ ଚାହିଁଥାଇ ସନ୍ତତରେ
ଆଷାଢ଼ରେ ତୋ ଆସିବା
ଘରେ ଯେମନ୍ତେ ଗୃହବଧୂ ପ୍ରବେଶ ସେ କଥା ।

ଯେଣୁଯାଇ ପ୍ରିୟ-ଜନେ ଦୂର ସେ ପ୍ରବାସେ
ଆମେ କୁଳବଧୂ ଚାହିଁଥାଉ ତୋର ଆଶେ,
ପୁଣି ଯେଣୁ ପ୍ରିୟଜନ
ତୋ ଫେରିବା ଆମ୍ଭ ଚିତ୍ତେ ଆନନ୍ଦ-କାରଣ ।

ସୁଖରେ ଫେରାଇଥିବୁ ପ୍ରିୟଙ୍କୁ ଆମ୍ଭର
କୁଳମେଁ ଗୋ ହେବୁ ହେବ, କାରଣ ତାଙ୍କର
ଦୂର ଦେଶେ ପରବାସେ
ଚିତ୍ତ ତାଙ୍କ ନ ଯାଏ ଯେପରି ଆନ ଆଶେ ।

ତୁମ୍ଭେ ଲକ୍ଷ୍ମୀ, ତୁମ୍ଭେ ଦେବୀ, ତୁମ୍ଭେ ତ ସକଳ
ତୁମ୍ଭ ଯୋଗୁ ଏ ବେଶ-ଭୂଷଣ ଏ ଦେହର
ତୁମ୍ଭ ଯୋଗୁ ଗୃହସୁଖ
ତୁମ୍ଭ ଯୋଗୁ ମୁଖେ ଫୁଟେ କାଞ୍ଚନ-ମୟୂଖ ।

ସଦା ତୁମ୍ଭ ସିନ୍ଧୁ-ଯାତ୍ରା ହେଉ ଜୟ-ଶୀଳ
ତୁମ୍ଭ ଖଡ୍ଗେ ଛିନ୍ନ ହେଉ ଦୁଷ୍ଟ ଶତ୍ରୁ-ଶିର
ସିନ୍ଧୁ ବକ୍ଷ ସଦା ତରି
ଦେଶରେ ବଞ୍ଚିଅ ଆଣି ଘରେ ଘରେ ଶିରୀ ।

Digitized by srujan ka@gmail.com

୮

ଆମ୍ଭର ବନ୍ଦନା ଘେନ ଆଗୋ ସିନ୍ଧୁ ରାଣି !
ଜନକେ ପୂରଅ ଘର ଦୂରଦେଶୁ ଆଣି
ଆମ୍ଭ ପ୍ରିୟେ ପାଳୁଥିବ,
ଜନନୀ ସମାନ ସଦା ଭାଳୁଥିବ ଶିବ ।

ବନ୍ଦାପନା ହେଲା ଶେଷ । ସର୍ବ ସୀମନ୍ତନୀ
ବୋଇତେ ପଶିଲେ ଧୀରେ ବଜାଇ କଙ୍କିଣୀ
ବନ୍ଧୁର ଅଳିନ୍ଦେ ମନ୍ଦେ, ଭେଟିବାକୁ ତର୍ଣ୍ଣି
ସାଧବପୁଅରେ ପୁଣି, ଦାନା ଚଅଁଷ୍ଟୋଇ ।

ବୀଣା-ଭିକ୍ଷା

ଗାଇବା ଇଚ୍ଛା ଯଦି ଦେଲ ହେ ପ୍ରଭୁ ମତେ
ବାଇବା ପାଇଁ ବୀଣା ଦିଅ ଏ ମୋର ହସ୍ତେ ।

ଜାଗଇ ଘନ-ଘଟା-ଆଗୁଳସ୍ୱନ-ଗୀତ
ପ୍ରାଣେ ମୋ ଉପୁଜାଏ ବିପୁଳ ଗାନ-ପ୍ରୀତି ।
ନ ଥାଏ ନ ଥାଏ ଗୋ କୁଟୀରେ ବୀଣା ମୋର
ପୁହାଇବ ଏ ଘଟା ଶ୍ରାବଣ ଘନ-ଘୋର
ହତାଶ ଉର ସଖା, ହତାଶ ପଛ ସତେ !
ଦେଇନା ମତେ ବୀଣା ଯେଣୁ ହେ ମୋର ହସ୍ତେ ।

ଜୋଛନା ମୋ ଅଗଣା ଶୋଭନା କରି ଆସେ
ମଲ୍ଲୀ ଫୁଟି ଉଠେ, ବଉଳ ଛୁଟେ ବାସେ,
ଆକୁଳ ସହକାରେ ଦୁକୂଳ ପର ଘେର
ଶୁକଳ କଉମୁଦୀ, ମଳୟେ ନାଚେ ଥର;
କାମିନୀ ଗୁଚ୍ଛ ନାଚେ, ନାଚଇ ମାଧବିକା
ଲଗଇ ଶୋଭା-ପୁରେ ପ୍ରମୋଦ କଣାବାକା;
ସେ ପରସାଦ-ସ୍ୱାଦ, ଅନ୍ତେ ଦେଇ ଢାଳି
ଗାଇବା ଘୋର ଆଶା ପରାଣେ ଦେଇ ଜାଳି,
ବାଇବା ପାଇଁ ବୀଣା, ଦେଇନା କପାଁ କହ
ବ୍ୟର୍ଥ ଅଭିଳାଷ ପୋଡ଼ଇ ଅହରହ ।

Digitized by srujan ka@gmail.com

ଧରଣୀ-ବାସ

୧

ଥରେ ଥରେ ଲାଗେ ମନେ ଏ ଜୀବନ ଅମୃତରୁ ଜାତ
ନୁହେଁ ଏହି ମୃତ୍ତିକାର । ଧରଣୀର କଳୁଷ ସଂଘାତ
କଳୁଷ କରିଛି ମୋର ଶ୍ୱେତ, ପୂତ ଦେବତା ଜୀବନ
ବିରୂପ କରିଛି ଦେହ, କର୍ଦ୍ଦମିତ କରିଅଛି ମନ ।
ମନେ ହୁଏ କିଏ ମୋର ଜନ୍ମ-ସ୍ୱପ୍ନେ ଯେବ୍ଲେ ଅନ୍ଧକାରେ
ସେ କେଉଁ ବିଷମ-ଯନ୍ତ୍ରେ ସ୍ୱର୍ଗଦ୍ୱାର ତଟବନଧାରେ
ନେଲ ମୋ ମନ୍ଦାରମାଳା ମୋ କଣ୍ଠରୁ ଛାଡ଼ି ଦ୍ୱେଷଭରେ
ଶରୀରୁ ମୁଛାଇଦେଲ କଳ୍ପ-ପୁଷ୍ପ-ରେଣୁ ନିଜ କରେ;
ସ୍ୱର୍ଣ୍ଣ-ଅରବିନ୍ଦ-କଳି କେଶୁଁ ମୋର କାଢ଼ି ଦେଲା ଧୋଇ
ପାରିଜାତ-ଗନ୍ଧ ଦେଲ ମୋ ନିଖିଳ ଦେହୁଁ ଧୀରେ ଧୋଇ;

Digitized by srujan ka@gmail.com

ତାପରେ ନିକ୍ଷେପିଦେଲ ଅନ୍ତସାକ୍ଷୀ ନିଃସହାୟ କରି
ଧରଣୀର ମୃତ୍ତିକାରେ ପଡ଼ିଲି ମୁଁ ମୃତ ଉଲ୍‌କାପରି ।
ତାପରେ ମୃତ୍ତିକା-ସ୍ପର୍ଶେ ଏ ମାଟିର ଲକ୍ଷ କୀଟ ସମ
ଆରମ୍ଭିଛି ଜୀବଲୀଳା । ମୋହବଶେ ଭୁଲିଛି ପରମ,—
ମୋ ଦୈବତ ଆଭିଜାତ୍ୟ । ଧରଣୀର ଜୀବନ-ସଂଗ୍ରାମେ
ଜୀଇନ ଦେଇଛି ତାଳ ସଂସାରର ଘୃଣ୍ୟ ଶ୍ରେୟ ନାମେ !

ପୂଜାମୟ ଏ ଜୀବନ । ନର୍ଯ୍ୟାସିନ ଶୁଷ୍କ ପୁଷ୍ପ ସରି
ମି ପ୍ରମାଣ ମୋର ପ୍ରାଣ ପୂର୍ବଜନ୍ମ ସଞ୍ଚରଭ ସ୍ମୃତି ।

୨

ହାୟ ଲୋ ଧରଣୀ, ତୋର ସ୍ପର୍ଶ ଏତେ ଅଶିବ କପାଇଁ ?
ନସର୍ଗ-ଅତିଥି ଆସି ତୋ ବାୟୁର ତପ୍ତ-ଘ୍ରାଣ ପାଇ
ଜୀବନେ ମରଣ ଲୋଡ଼େ; ମୃତ୍ତିକାର କାମନା-ବାସନା
ଅନ୍ଧ କରେ ଚକ୍ଷୁ ତାର । ଦେବତାର ଅମୃତ-ଚେତନା

ପଦେ ପଦେ ମୃତ୍ୟୁ ଲଭେ । ପ୍ରାଣ-ଘାତୀ ବିଷୟ-ସଂଗ୍ରାମେ
ବିଷମ ଜଞ୍ଜାଳ-ଜାଲ ଘେରି ତାରେ କୃତାର୍ଥତା ନାମେ,
ନତ କରେ ଶିର ତାର; ଅବଶେଷେ, ଆଶ୍ରି ତୋର ତଳ
ଆପଣାର ଘରେ ସେ ଯେ ଚୂମ୍ବେ ପଦ ଜରା ମରଣର ।

ଭୂମାର ପରମ ସ୍ପର୍ଶ ହ୍ଲାଣୁ ଲଭେ କ୍ରମଶଃ ଜୀବନେ
କ୍ରମଶଃ ଘୋଟଇ ମାୟା-ଅନ୍ଧକାର ମରମେ ମରମେ ।
ସତ୍ୟର ସନ୍ଧାନ ଭୁଲେ, ମିଥ୍ୟା ପଛେ ସତ୍ୟ ବୋଲି ଧାଏଁ,
ସତ୍ୟର ସ୍ୱଖ୍ୟତା କଲେ, ଅତ୍ୟାଗ୍ରହ ଅଙ୍ଗୁଳି ଦେଖାଏ ।

ଜୀବନୁଁ ଆନନ୍ଦ ତୁଟେ, ନ ତୁଟଇ ବୁଭୁକ୍ଷା ପ୍ରାଣର
ହୃଦୟେ ଉଠଇ ଆଶା, ଲଭିବାକୁ ବ୍ୟର୍ଥତା ମାତର;

Digitized by srujan ka@gmail.com

ସୁଖ ବୋଲି ଯାହା ମିଳେ, ତୁଏ ତାହା ଶେଷ ତିକ୍ତତାରେ
ବ୍ୟର୍ଥତାର ଅସନ୍ତୋଷେ ପ୍ରାଣ ମରେ ଝୁରି ହାହାକାରେ ।

ଅବଶେଷେ ଅନ୍ତରୀକ୍ଷେ ହସ୍ତ ଟେକି ମାଗେ ପରିତ୍ରାଣ
ହେ ଧରଣି, କାହିଁ କାହିଁ ସ୍ପର୍ଶ ତୋର ଏତେ ଅକଲ୍ୟାଣ ?

୩

ତଥାପି ଧରଣି ! ତୁମ୍ଭେ ପ୍ରିୟ ଏତେ, ତୁମ୍ଭ ଅକଲ୍ୟାଣେ
ତୋ ମାଟିରେ ମାନବର ଗୃହ ସ୍ନେହ, ଉଧାଡ଼-ବଧାନେ !

ଏତେ ଲୋଭେ ଏହି ମାଟି, ତରୁଦୃତି, ଟାଣେ ମାନବର
ସତ୍ୟ ଲାଗି, ମୁକ୍ତି ଲାଗି ନାହିଁ ଯାଏ ତାର ଅବସର !
ଊର୍ଦ୍ଧ୍ୱେ ଏ ଅନନ୍ତାକାଶ, କୋଟି କୋଟି ତାରକାମଣ୍ଡିତ
ପ୍ରକୃତି ଶବଳ ଲୀଳା, ବିହଗର ମଧୁର ସଙ୍ଗୀତ,
ଅନ୍ତରୀକ୍ଷେ ଋତୁରାଜ, ଗ୍ରୀଷ୍ମ, ବର୍ଷା, ବସନ୍ତରେ ଯେନ,
ସ୍ୱପ୍ନଲୋକ-ସୃଷ୍ଟିମୟୀ, ଲୀଳାମୟୀ, ଉଦାସିନି କେନ,

ସମସ୍ତ ରହଇ ପଡ଼ି, ମାନବର, ଚେତନା ବାହାରେ
ସେ କେବଳ ଦୃଷ୍ଟି ରଖେ, ହେ ଧରଣି, ତୋର ମୃତ୍ତିକାରେ;
ଧରଣୀର ସୁଖଦୁଃଖେ, ଜଞ୍ଜାଳରେ, ପରମ କଲ୍ୟାଣ
ଦେଖେ ସେ । ମରଣ ମଧ୍ୟେ, ଲଭଇ ସେ ଅମୃତ-ଆଘ୍ରାଣ ।

ଜୀବନ-ସଂଗ୍ରାମେ ଯେବେ, ଭଗ୍ନଜାନୁ ଗୃହେ ଆସେ ଫେରି
କାହାର ମୃଣାଳ-ବାହୁ ଶାନ୍ତ ଦିଏ, କଣ୍ଠେ ତାର ଘେରି,
ଜୟ ଲଭି ସଂଗ୍ରାମରେ, ଫେରିଲେ ବା ପ୍ରବାଳ-ଓଷ୍ଠର
ପରମ ଚୁମ୍ବନ ଲଭି କୃତାର୍ଥତା ଲଭେ ଜୀବନର ।

ପିତାମାତା ବନ୍ଧୁଜନ, ଭଗିନୀର ସ୍ନେହ ବନ୍ଧନେ
ସେ ଲଭେ ପରମ ମୁକ୍ତି, ପରାଜୟେ ଜୟ ଲଭେ ରଣେ ।

Digitized by srujan ka@gmail.com

ରୋଗଶୋକେ ପ୍ରତିବେଶୀ, ନେତ୍ର ଢାଳେ, ଅଶ୍ରୁ ତାହା ପାଇଁ
ମାଗିଲେ କରୁଣା ତାକୁ କେହି କେବେ, ନାହିଁ କରେ ନାହିଁ ।

ଅନନ୍ତ ବ୍ୟର୍ଥତା ମଧ୍ୟେ ହେ ଧରଣି, ଏ ଦାନ ପରମ
ମାନବେ ମାନବେ ପ୍ରୀତି, ଏ ବିଶ୍ୱାସ ଏ ସ୍ନେହ-ଧରମ,

ଅନ୍ତରେ ଅନ୍ତରେ ଏହି ସମଧାତ ଦୟା କରୁଣାର,
କୁଟୁମ୍ବ ସମାଜ ମଧ୍ୟେ ଏ ମଧୁର ସମ୍ବନ୍ଧ-ସଞ୍ଚାର,
ସଂଗ୍ରାମ-କଠୋର ଏହି ଅବସନ୍ନ ବିସର୍ଣ୍ଣ ଜୀବନେ
ପରମ ଆନନ୍ଦମୟ କରିଅଛୁ ଅମୃତ-ସିଞ୍ଚନେ ।

ସର୍ବ ଅକଲ୍ୟାଣ ମେଳେ, ହେ ଧରଣି, ତେଣୁ ତୋ ଆଶ୍ରୟ
ପ୍ରିୟ ଏତେ; ସର୍ବବ୍ୟାପୀ ପରାଜୟେ ଜୟ-ସୁଖମୟ ।

Digitized by srujan ka@gmail.com

ଶେଷକଥା

୧

ହେ ବିଧାତା,

ଦେଲ କିପାଁ ମୋ ଜୀବନେ ଯେତେ ସବୁ ତିକ୍ତ ଅଭିଜ୍ଞତା ।
ଛତ୍ରେ ଦେଲ ଦୟା, ଯାହା, ଇଚ୍ଛା କରେ ଧନୀ ଏ ଧରାର
ଦେବ ଯୋଷ୍ଟି ଏକ ସତେ ଯେତେ ଦୁଃଖ, ଭୟ, ଅତ୍ୟାଚାର;
ବାହୁରେ ଦେଇଛ କିନ୍ତୁ ଶିଳ୍ପୀର ଘୃଣ୍ୟ ଦୁର୍ବଳତା ।
କରିଛ ରିକ୍ତ ମୋ କରେ, ନୀରବରେ ଦେଖେ ଦୁରବସ୍ଥା ।

ଅନ୍ତରେ ଆସିଲ ମୋର ସତ୍ୟ ଶିବ ସୁନ୍ଦରର ବାଣୀ,
ତାହାରେ ଯେ ପଥେ କିନ୍ତୁ ଘୂରାଇଛ ମୋ ଚରଣ ଗତି,
ସେ ପଥେ, କି ସାଧୁତା, କିବା ପାପ, କିଅବା ଅନ୍ୟାୟେ
ଅଜ୍ଞାତେ ପୂରାଇ ମତେ, କଳୁଷିତ କଲ ଚିତ୍ତେ, କାୟେ ।
ପାର୍ଥୁଛି ମୋ ପ୍ରାଣ ଆତ୍ମା ସ୍ୱରଗର ଜ୍ୟୋତି ସଦାକାଳେ
ଢାଳିଥିଲ ପଦେ ମମ, ଟାଣି ମତେ ମୋହ-ଅନ୍ଧକାରେ ।

ମରମେ ଦେଲ ତ ମୋର ସେନେହର ଦ୍ରବ-ଜାହ୍ନବୀ
ଅକାଳେ, ଅକ୍ଷେପେ କିନ୍ତୁ ଅବର୍ତ୍ତରେ ଗଲ ମୁହିଁ ପ୍ଲାବ ।
କାହା ସ୍ନେହ କାରେ ଦେଲ, କାହାପାଇଁ କଲ ଅଭିସାର
ଯୋଗ ଦୋଷେ ସ୍ନେହ ମୋର ହୋଇଗଲ ଘୃଣ୍ୟ ବ୍ୟଭିଚାର ।

Digitized by srujan ka@gmail.com

ପିତୃମାତୃହୀନ ବୋଲି ଯେବା ସ୍ନେହେ ବାଲ୍ୟେ ବଢ଼ାଇଲେ
ଯୌବନରେ ମୃତ୍ୟୁ ତବ ଗୋଟି ଗୋଟି ନେଲା ଧୀରେ ଧୀରେ ।
ସବୁଆଡ଼େ ଭଗ୍ନ ଆଶା, ବ୍ୟର୍ଥତାର ସ୍ତୂପ ଚାରିପାଶେ,
ଲକ୍ଷ୍ୟହୀନ, ଛନ୍ନଛନ୍ନ, ଏ ଜୀବନ ଦେଲ କେଉଁ ଆଶେ ?
ସଙ୍ଗହୀନ ପ୍ରେତ ପରି ଠିଆ ମୁହିଁ ଆଜ ଜୀବଗ୍ରାମେ
ଦରିଦ୍ର, ଲାଞ୍ଛିତ, ପାପୀ—
ହେ ବିଧାତା, ଘୃଣେ ତୋର ନାମେ ।

୨

ଅର୍ଦ୍ଧପଥେ ପୁଚ୍ଛେ ନିଜେ 'ଶେଷ କେବେ ସବୁ ଅଭିଳାଷ ?'
ଜୀବନ କି ଏହିପରି ଖାଲି ପଦଦଳିତ ଘାସ ?
ଅରଣ୍ୟର ବୃକ୍ଷ ପରି ମୁଁ କି ମଥା ନ ତୋଳିବି ନଭେ
ପ୍ରଭଞ୍ଜନ, ବଜ୍ର, ବୃଷ୍ଟି ସଙ୍ଗେ ଲଢ଼ି ଉନ୍ନତ ଗରବେ ?
ବିଧାତା ନିର୍ଦ୍ଦେଶ ବୋଲି ନିଜେ ମେଲି ଘଟଣା ସ୍ରୋତେ
ହେଉଥିବି ଚାଳିତ କି ବାରମ୍ବାର ହରାଇ ବ୍ୟକ୍ତିତ୍ୱେ ?
ବିଦ୍ରୋହ ଆସିଛି ଆଜ, ସେ ବିଦ୍ରୋହ ଲାଞ୍ଛନାରୁ ଆସେ
ବାଧାପ୍ରାପ୍ତ ସ୍ରୋତ ସମ ଧାଏଁ ଯାହା ବ୍ୟଗ୍ର ମୁକ୍ତି ଆଶେ ।
ଆଜ ମୁଁ ହୃଦରେ ମନେ ପୋଛିଦେଇ ସକଳ ଅତୀତ
ରଚିବି ମୋ ଜୀବନରୁ ନବ ଏକ ମହାନ ସଂଗୀତ ।
ପାପ ଯାହା, କୁତ୍ସିତ ଯା, ଲାଞ୍ଛନା ଯା, ଫିଙ୍ଗି ତା ବନ୍ଧନ,
ସତ୍ୟେ, ଶିବେ ଶବଳିତ କରିବି ଏ ବିକଳ ଜୀବନ ।
ଖିଆଲି ବିଧାତା ଲାଗି ଅନୁଯୋଗ ଅବା ଅଭିଯୋଗ
ନ ରଚି—କଷଟେ, ଲୁହେ, ନର ଲାଗି ରଚିଯିବି ଯାଗ ।

———

Digitized by srujan ka@gmail.com

ଦେବ-ପୂଜା

ପୁଷ୍ପେ ନୈବେଦ୍ୟ, ଶୁଦ୍ଧପୂତ ହୋଇ, ଦେଉଳରେ କା ପୂଜା କର ହେ ?
ସୃଷ୍ଟି ଯାର ନଦୀର ଆଲୋକ, ସେ କି ଅଛି ଅନ୍ଧକାରେ ରହେ ?
ଅନ୍ଧକାରେ ଆଖି ବୁଜି ତାଙ୍କୁ, ଦେଖିବାରେ କପା ଏ ପ୍ରୟାସ
ଆଖି ମେଲି ଦେଖନା ଆଲୋକେ କି ସୁନ୍ଦର ତାହାର ପ୍ରକାଶ ।
ଅନ୍ତରରୁ ଅନ୍ତରୀକ୍ଷେ ବ୍ୟାପି ବିରାଜିତ ଯେ ଭୁବନେଶ୍ୱର
କ୍ଷୁଦ୍ର, ତୃଣ, ଅନ୍ଧକାର ଗୃହେ, ତାର କିପାଁ ଆରାଧନା କର ?

ଦେଖ ଦେଖ ଆଗେ ପଛେ ତବ, ଶତ ଶତ ନରନାରୀଗଣ
ଯାଙ୍କୁ ତୁମେ ପଛେ ଦେଇ ଫେଲ, ଦେବତାରେ ଲଭିବ ବ୍ରାହ୍ମଣ ?
ଦେବତାଙ୍କୁ ବାହାରେ ରଖିଲ, ଛୁଇଁବାକୁ ଓଟରିଲ ତାହାରେ
କାହିଁ ତୁମେ ଗଲ ପୂଜିବାକୁ ଦେଉଳର କ୍ଷୁଦ୍ର ଅନ୍ଧକାରେ ?
ପାପ ଏ ଯେ, ପୁଣ୍ୟ କେ କହିଲା, ସେ ପାପରୁ ମୁକ୍ତ ସେ ଦେବତା
ଯେତେ ଛଅ ପୂଜା କା ଆରତି; ତେଣୁ ସେ ଯେ ନ କହୁଛୁ କଥା ।
ଏଇ ପାପେ ଜାଣି ହେ ଋତ୍ୱିକ, ତେଣୁ କଲେ ଦେବତା ପ୍ରୟାଣ
ଆଜ ଖାଲି ଦେଉଳେ ଦେଉଳେ ବିରାଜିତ ଏ କାଷ୍ଠପାଷାଣ ।

ଏବେ କାଠ ପଥର ନ ପୂଜ, ଆସ ପୂଜ ଜୀବନ୍ତ ଦେବତା
ଯା ଆଖିରୁ ଲୁହ ଯିବ ବହି, କହିବେଲେ ପଦେ ମଧୁ କଥା ।

ବନ୍ଦ କର ମନ୍ତ୍ର ପାଠ ତବ, ବନ୍ଦ କର କର୍ପୂର ଆରତି
ଦେଉଳର ବାହାରେ ଦେବତା ହାତ ପାତି ଉଭା ରହିଛନ୍ତି ।

Digitized by srujan ka@gmail.com

ଦେବ-ଦ୍ୱାର ନିରନ୍ଧ୍ରରେ ଦିଅ, ଦେବ-ସେବା ହେଉ ମାନବରେ
ଦେବତାର ଦରଶନ ଲଭ, ମାନବର ପ୍ରତି ଘରେ ଘରେ ।

ସେ ପୂଜାରେ ମୂକ ଭଗବାନ, ବାକ୍‌ମୟ ଭୁବନେ ହୋଇବେ ।
ଦିଅଁ ହୋଇ ପ୍ରତି ପ୍ରତିବେଶୀ ନାରାୟଣୀ ବାଣୀ ଶୁଣାଇବେ ।

ଆସ ଭକ୍ତ, ଆସ ପୁରୋହିତ, ନ ପଶ ହେ ଆଉ ଅନ୍ଧକାରେ
ବିଧାତାର ବିମଳ ଆଲୋକେ, ଖୋଜ ଆଜି ମୂର୍ତ୍ତି ବିଧାତାରେ ।

ତୁମର ପ୍ରୟୋଜନ

ନିବିଡ଼ ଦୁଃଖାନଳେ ଜଳି ମୁଁ ମରେ ପଛେ
ତୁମରି ଲୀଳା ପରକାଶୁ ହେ
ନିବିଡ଼ ନିରାଶାର ଅନ୍ତ ଭେଦି ପ୍ରଭେ
ଗଭୀର ବିଶ୍ୱାସ ଆସୁ ହେ ।

ମୋର ଏ ଜୀବନର କ୍ଷୁଦ୍ର ନିଜ-କଥା
ମୋର ଏ ଆପଣାର ତୁଚ୍ଛ ପ୍ରାଣ-ବ୍ୟଥା
ସେ କପାଁ ଆଡ଼ୁଆଳ କରିବ ମହାଲୋକେ
ଫେରାଇ ନେବ ତବ ପାଶୁ ହେ ।

ତୁମର ମର-ହୀନ ସୃଜନ ଗତି ପାଇଁ
ମରଣ ଯଦି ଲୋଡ଼ା ପଥରେ
ମୋ ପରି କୋଟି କୋଟି ପରାଣ ପ୍ରସୂତ—
ପିଷ୍ଟ ହେବେ ତବ ପଦରେ ।

ଆଜି ମୋ ପ୍ରାଣେ ପ୍ରଭେ ସେହି ତ ଆୟୋଜନ
ବକ୍ଷେ ତବ ଲାଗି ପ୍ରାଣର କ୍ରନ୍ଦନ
ମୋର ଏ ହୋମାନଳ-ଦଗ୍ଧ-ଚିତାଧୂଳି
ଲୋଡ଼ାରେ ତବ ହେଲେ ଆସୁ ହେ ।

Digitized by srujan ka@gmail.com

ଉଦାସୀ ପାନ୍ଥ

ସେଦିନ ସେ ସନ୍ଧ୍ୟାକାଳେ ଆସିଲେ ଅତିଥି,
ସରଳ, ସୁନ୍ଦର ଯୁବା, ସୁଠାମ ଗଠନ,
ନୟନେ ରହିଛି କୋଟି ଲୋଚନର ପ୍ରୀତି,
ଗୌର କରେ ଜଳୁଥିଲା ସୁବର୍ଣ୍ଣ କଙ୍କଣ ।

ପାନ୍ଥଶାଳା କ୍ରୀତଦାସୀ—ସେବିକା ସବୁରି
ଯେ ମାଗିଛି ସେବା ମୋର ଦେଇଛି ମୁଁ ତାରେ,
ନ ମାଗି କିଛି ସେ ପାନ୍ଥ, ନେଲେ ସବୁ ଜୁରି,
ଦେହ ତ ଇତରଙ୍କର—ସେ ନେଲେ ହୃଦୟାରେ ।

ନ ମାଗି କିଛି ସେ ପାନ୍ଥ ଚାଲିଲେ ସ୍ୱପଥେ
ପାନ୍ଥଶାଳ ଦ୍ୱାର ଧରି ଉନ୍ମିଳା ଅନାଇଁ,
ବୁକୁ ମୋର [illegible] [illegible] ଗଲା ମନୋରଥେ,
ସର୍ବସ୍ୱ ଚରଣେ ଥୋଇ, ଆଣିବ ମଣାଇ ।

ସେ କି ଗୋ ଫେରିବା ଜନ ?—ଚାଲିଲେ ସଧୀରେ,
କ୍ରୀତଦାସୀ ଅଶ୍ରୁ ରେଖା ଚୁମ୍ବିଲା ମନ୍ଥରେ ।

Digitized by srujan ka@gmail.com

ଘର ପଣା

୧

ଗୋକୁଳ ନାୟକ   ଆମର ଗାଆଁର   ଜାତରେ ଚଷା
ବୃଷ ଷଣ୍ଢି ବିନୁ   ନ ଥିଲା ତାହାର   ଆନ ବେବସା ।
ଷେଣ୍ଡିଆ ବୟସ,   ମୁହଁ ହସ ହସ,   ମୁଣ୍ଡରେ ବାଳ
ପେଣ୍ଡା ହୋଇ ବନ୍ଧା;   ବେକରେ ପିନ୍ଧିଛି   ରସୁଣୀ ମାଳ ।
ଏକସଙ୍ଗ ଲୋକ—   କେଉଁ ବାପ ମା'ଙ୍କ   ସଞ୍ଚିତ୍ତକାଳ,
ଅପୁତ୍ରିକ ଗଣ୍ଡ   ଖୁଡ଼ୀ ଚଳାଇଛି   ସଂସାର ଭାର ।
ବାର ହସ୍ତି ମାପେ   ଜମି ବାର ମାଣ,   ଛୋଟାଏ ଅଛି
ଲକ୍ଷ୍ମୀ ରୂପୀ ଦୁଇ   ଗୋଧନେ, ଗୃହାଳ-   ଘର ପୂରିଛି ।
ମାଆଠାରୁ ବଳି   ଖୁଡ଼ୀଙ୍କ ଆଦର,   ହଳକୁ ଗଲେ
ବୃଦ୍ଧି ଆସୁଥିବେ   ବାରଆଡ଼େ ଯାଇ   ଥରକୁ ଥରେ ।
ବନ୍ଧୁ ଘର ଗଲେ   ଝୁରି ହେଉଥିବେ   ଆସିବ କେବେ
ସୁଖେ ଫେରିବାକୁ   ଡାକୁଥିବେ ଗାଆଁ   ମଙ୍ଗଳମାଧବେ ।
ଅତିହିଁ ସୁଧାର   ଗୋକୁଳ ନାୟକ   ଗାଆଁଟି ସାରେ
ମୁହଁ ଫୁଲଫୁଲ   ହୋଇ ନାହିଁ କେବେ   କାହାର ସାଥେ ।
ବେଳ ବୁଡ଼ୁ ବୁଡ଼ୁ   ସନ୍ଧ୍ୟାଏ ଖୁଡ଼ୀ   ପଡ଼ଇ ଛାଟି
କେବେ ସେ ସାଇରେ   ପଡ଼ଶାଏ ଶୁଣି   ନାହାନ୍ତି ପାଟି ।

Digitized by srujan ka@gmail.com

୨.

ବାଇଶି ବରଷ   ଭେଣ୍ଡା ଆସି ହେଲ   ଦେଖୁ ଗୋକୁଳ
ବାଟକୁ ଚହାଁଇ   ହୋଇ ପାରନ୍ତନ,   ଝୁରଇ ଖୁଡ଼ୀ ।

ଗ୍ରାମର ଯେ କେହି   ପୁତ୍ରମୁଖା ମାଇପି   ଦେଖିଲେଁ ତାରେ
କଥା ହେଉ ହେଉ,   ମଙ୍ଗଳାକାଙ୍କ୍ଷିଣୀ   ; ରୂପେ ଭଆରେ —

"ହଇଗୋ ଗୋରୁମା !   ଆଖି ବୁଜନ୍ତୁ କି ?   ପଡ଼ୁନି ମନେ ?
ଗୋକୁଳ କି ଆଉ   ପିଲାଟି ଅଛି ଗୋ   ଦେଖିଲ କେନେ ?"

କହିଲେ ଖୁଡ଼ୀମା   "ଭେଣ୍ଡା ହେଲା ପିଲା   ସତକୁ ସତ
ବାଡ଼ୁଅ ଉଠିଲେ   ମତେ ସିନା ଦୋଷ   ଦେବ ଜଗତ !"

ହେଲେ—ମିଳେ କାହିଁ   ମନଲାଖି ତାର   ଠିକଣା ପିଲା
ଯହିଁ ଯିବ ପୁଣି,   ପସ୍ତାଇବେ ନାହିଁ   ଥିଲା, ନ ଥିଲା ?

ଏଇ ମାଘ ମାସେ   ଲଗ୍ନ ଯୋଗ ଅଛି   ଶୁଣିଲେ ଖୁଡ଼ୀ
ବରଷେ ନଷ୍ଟଫଳା   ତା ପରେ ଗଲେ ଏ   ସୁଯୋଗ ଦୁଲ୍ଲଭ ।

ଭାବିଲେ ମନରେ—   ପାଣିଫୋଟକା ଏ   ଜୀବନ ସିନା
କେ କହୁ ପାରିବ   କାଲିକି ଥିବ ମୁଁ   ନ ଥିବ କିନା ?

ଯାହା ହେଉ ପଛେ   ପିଲାକୁ ମୋହର   କରିବ ବଡ଼
ସାହା ଦୁଅ, ଦୁଧ-   ଲିଆ ଦେବ, କହୁ-   ଣେଇ ଖୁଡ଼ୀମା !

ସାତ ପାଞ୍ଚ ଲୋକ   କଥାରେ ଖୁଡ଼ୀମା   କରିଲେ ସ୍ଥିର
ଯାଞ୍ଚ ମାଣ ଜମି,   ଗୋଧନ ଧନକଲେ   ବୁହାଇ ଘର ।

ଆଖି ପୋଛି ଦେଇ   ଶୁଣିଲୁ ପଡ଼ଶା   ଆଗେ କହିଲେ —
କାଲି ସୁଣି ଜମି   ମୋ ହାତେ ଆସିବ   ଗୋକୁଳ ଥିଲେ ।

Digitized by srujan ka@gmail.com

୩

ଯଥାକାଳେ ଘରେ ବୋହୂଟି ଆସିଲା; ନ ଥିଲା ଝିଅ,
ହେଲେ ଜସ ହେବ ଚମ୍ପା କାଠି ପର ଢଳୁଛୁ ଦଦ ।
ବୋହୂର ପ୍ରଶଂସା ଖୁଡ଼ୀ-ମୁହେଁ ଆଜ ଧରଇ ନାହିଁ
ଝଞ୍ଜଣାରେ ଚାର ସାଇ ପଡ଼ଶାରେ ସରସା କାହିଁ ?

ହେଲେ, ଦେଖୁଁ ଦେଖୁଁ ନଅଣ୍ଟ ପଡ଼ିଲା ଆଖିରେ ଧସ୍ସ
ଜମି ସାତ ମାଣେ ବରଷକ କାହୁଁ ହୋଇବ ସଫ ?

ଅଭାଗ୍ୟକୁ ପୁଣି ଝବାଦ ବରଷ ପଡ଼ିଲା କାଳ
ପେଟ-ପୋଷା ଆଜ ସ୍ୱଜ-କର ପୁଣି ଝିଙ୍କିଲା ବାଳ ।
ଦେଖୁଁ ଦେଖୁଁ ପୁଣି ଖୁଡ଼ୀମା କୋଳରେ ଧଇଲେ ନାଣ୍ଡ
ତା ପାଇଁ ତ ପୁଣି ଖରଚ ଲଗୁଛି ପାନ୍ତଲେ ସଞ୍ଚ ?

ଟାଣଟଣୁ ଆଜ ନ ସହ୍ନ ଗୋକୁଳ ଘରେ ଜଣାଇ
କୋଡ଼ିଏଟି ଟଙ୍କା ଅଣିଲା କରଜ ମୁଣ୍ଡ ନୁଆଇଁ ।

୪

ଏଇପରି ଗଳ୍ପ ଦୁଇଟି ବରଷ ଆପଣା ସୁଖେ,
ସାହୁକାର ଋଣ ଶୁଖାଇଛୁ ହସ ଗୋକୁଳ ମୁଖେ ।
ଜଳ ମୁଣ୍ଡ ତାର ଏଇ କେତେ ଦିନେ ଯାଇଛି ନଇଁ
ଝରଦ୍ରୁମ ଆଜ କ ଗଣ୍ଡ ଧମାଇ ନା, ତ ନ ସହ୍ନ ?

ଭ୍ରୁକ୍ଷେପ୍ କରନ୍ତେ ସାହୁକାର ଯେବେ ବସି ଦୁଆରେ
ଅଣା ପାହ୍ନ କଷ୍ଟି ଦସ୍ତାବ ଚକରି- ବୁଝୁଧି ହାରେ,
ବକୋଡ଼ି ସଇକ ଦେଣା ଦେଲ ଛେଉ; ଗୋକୁଳ ଝଙ୍କେ
ଖୁଡ଼ୀ-ମୁଖେ, ଖଡ଼ୀ ହାତ ବୁଲାଇଲେ ନାଭର ବେଙ୍କେ;

Digitized by srujan ka@gmail.com

କହୁ ଯୋଛୁ ଖୁଣ୍ଟୀ ମହାଜନେ ମହ- ଲତ ଲଗାଇ
ଠାକୁରେ ଯାଚଲେ ସେଗ, ସେ ଜନର ଉଦ୍ଧାର ପାଇଁ ।

ହେଲେ, ଜେତେ ଧନ ପାରିବେ ଏପର ଠେଲ ଝପଣି
ଘରେ ପୁଣି ଏଣେ ଚୂଲି ନାହିଁ ଜଳେ, କାନ୍ଦଲେ ସମ—

“ହାଇରେ ବଧାତା, ଯେତେ ଅବସ୍ଥର ଚୋହର ହାତେ,
ଯେତେ ଦୁନ୍ଦଦଣ୍ଡ ଲଙ୍ଗି ପଡ଼େ ଖାଲି ଗରବ-ମାଥେ !

କୋଡ଼ କୋଡ଼ ଟଙ୍କା ଆଖି ଆଗେ ଫିଙ୍ଗି ଦଅନ୍ତି ଲୋକେ
ଦୁଇ କୋଡ଼ି ପାଇଁ ମୋ ପିଲା କୁଟୁମ୍ବ ରହିବେ ଭୋକେ !

ଜନମ ଆଗୁଁ ଯେ ଖୀର ରଖିଥାଇ ଜନନୀ-ଥନେ
ଏ ସ୍ଥାନମାନ ସେ ଯାଇବେ କପର ଦେଖେ ନୟନେ ?

ମଣିଷ କରି ଏ ଗରବ ଜନମ ଦେଲ କପାଇଁ
ଧନେ ହେଲେ ସୁଖ କପରି, ପରାଣ ଜାଣିଲି ନାହିଁ ।

ଭାଗ୍ୟବନ୍ତ ଜନେ ସ୍ଥଳୁଁ ସୁନାପଦ୍ମ ଫୁଟଇ ତଳେ
ସେ ଲୋକ ଠିକ ମାରେ —ମୁଖେ ଦୁଇପ୍ରାଣୀ ପାଆନ୍ତି ଜଳେ ।

ଏଇ ଅନୁଗ୍ରହେ ବଧାତାଙ୍କ ସନ୍ତ- ଯାଏ କ ଧନ ?
କ ସୁଖ ତାହାର ଏତେ ହତଶିଷ କଣ ଜୀବନ !”

ସେ ଦନ ସକାଳେ ହଠାତ୍ ଗୋଚ୍ଛାଲ ଖୁଣ୍ଟିରେ ଡାକ
କହଲେ “କେମନ୍ତେ ମହାଜନେ କହ ଚଳନ୍ତା ଫାଙ୍କି ?

ଘରେ ବସି ଆଜ, ଲାଭ ନାହିଁ; ଏଇ ପୁନଅଁ ସର
ଯାଉଛୁ ଖେଙ୍ଗାମ ନଜର ଏ ଘୋଡ଼ା କରମ ଧରି ।

ଅନନ୍ତ ସାଥିରେ ପାଞ୍ଚ ସାତ ଆଜ ଗାଆଁଙ୍କ ଲୋକ
କରଷକେ ପୁଣି ଆସିବ ମୁଁ ଫେର ନ କର ଶୋକ ।”

Digitized by srujan ka@gmail.com

ଦେଖିଲେ ଖୁଡ଼ୀମା   ଅସ୍ତି ନାସ୍ତି ପାଇଁ   ନାହିଁଛି ବାଟ
ଘରେ ଦାରିଦ୍ର୍ୟର,   ବାହାରେ ସାହୁର   ଲାଗିଛି ନାଟ ।
କଥା ଶୁଣି ଖାଲି   "ବାପା ମୋର"—କହି   କାନ୍ଦଲେ ସପ୍ତ
ପଚିଶ ବରଷ   ଲେଣ୍ଡା ମୁଣ୍ଡ ପୋଡ   ଦଳନ ଅନ୍ତ ।

ଗୁଡ଼ଙ୍କ ଗୋକୁଳ   ଯାଆଁ ତାର ଯିବା   ସାଙ୍ଗ ଗହଣେ
ମନ ତା ଉଡ଼ିଲା   ଖୁଡ଼ୀ-ପୁଅ-କୋଳ   ସଙ୍ଗତ ସରେ ।
ଦିବସଟି କଟେ   ଆନମେଳେ ସିନା   ସାଥୀ ମେଳରେ
ଏକୁଟିଆ ହେଲେ   ନୟନୁ ଝଳକେ   ଲୋତକ ଗଳେ ।
ଜନମରୁ କଳି   ଖୁଡ଼ୀ ଛଣି ଦୂରେ,   ଗୁଡ଼ ବାଳକ
କପଟ ବିଦେଶେ   ଗୋକୁଳ ନାଏକ   କାଟେ କାଳକ ?
ଦୂର ସେ ବିଦେଶେ   ଏ ଶଙ୍କର ଯଦି   ପଡ଼େ ବିପଦେ
କିଏ ଆସି ତ୍ରାସ   ଘୁଞ୍ଚାଇବ, ହାତ   ଆଉଁଷି ପଦେ ?
ଘରେ ଖାତ ନାହିଁ   ତିନି ପ୍ରାଣୀ ମଢ଼-   ଥିବେ ଉପାସେ
କିଏ ଆଣି ଦେବ ?   ଗୋକୁଳ ତାଙ୍କର   ନାହିଁ ତ ପାଶେ ।
ଲେଣ୍ଡା ହେଲା, ଗୁଡ଼   ନ ଥିଲା କେବେ ସେ   ଜନମମାଟି
ଘର କଥା ମନେ   ପଡ଼ିଗଲେ ଛାତି   ଯାଉଛି ଫାଟି,
ପ୍ରାଣହୀନ ମାଟି-   ନଡ଼ା-ଇଟା ଗଢ଼ା   କୁଡ଼ିଆ ପୁଣି
ବନ୍ଧୁଜନ ପରି   ତାହାକୁ ଟାଣଇ;   ତାହାରେ ଗୁଣି
ଗୋକୁଳର ମନ   ଉଚ୍ଛନ୍ନ ହୁଅଇ   ଫେରିବା ପାଇଁ
ନୂଆ ଦେଶ ନୂଆ   ସୁଖ ଦେଖି ମନ   ଧରଇ ନାହିଁ ।
କାଲି ସେ ଚଢ଼ିବ   ବୋଇତରେ, କହି-   ଗଲା ମିସ୍ତ୍ରି ସେ;
ତା ଶୁଣି ମନରେ   ଦ୍ୱିଗୁଣ ପଡ଼ିଲେ   ବାଳକ, ତ୍ରାସେ ।

Digitized by srujan ka@gmail.com

ଗଣ୍ଡ ତାର ଓଦା କରି ଝରାଇଲା ନୟନ ଧାରେ
ଗଣ୍ଡିବଟି ମୁଣ୍ଡ- ତଳେ ଦେଇ ଶୋଇ- ପଡ଼ିଲା ଧୀରେ ।
ଚହିଁ ଆଉ ଧନ ମିସ୍ତ୍ରୀ ଆସି ଯେବେ କଲା ଗଣନା
ନ ମିଳେ ଗୋକୁଳ; କାହିଁ ଶବ୍ଦ ନାହିଁ ପଡ଼ିଲ ଜଣା ।

୬

ବୋହୂଙ୍କ ବିଦାୟ [illegible] ଦନା ଗୁଡ଼ ଗୁଡ଼ ତା ଧାଲି
ସେହି ଦିନୁଁ ଏକଣ୍ଟି ଦେଖିନ ତା ଚାହିଁ ସମସ୍ତ ହେବାର
ପିଲାପାଇଁ କଟକ ଫୁଟାଇବା ପାଇଁ ଲଗାଇ ଚକ୍ଳ
ବୋହୂ ଘରେ ବୋହୂ ଶାଶୁ ଶାଶୁଘରେ, ଘାଣ୍ଟ ମୁଚୁଳି ।
ଲୁହ ପୋଛୁ ପୋଛୁ ଡାକୁଛନ୍ତି ଖୁଡ଼ୀ ଦାଅ ଦେବତା
"ଧୂଳି ଗୋଡ଼ ଧରି ମୋ ପିଲା କପାଳ ଫେରାଅ ଆସନ୍ତା !
ଜନମୁଁ ମୋ ପିଲା ଘର ଗୁଡ଼ କାହିଁ ଯାଇନ ଦୂରେ
କାହା ଆଜ୍ଞା ମାନ ଦେବ ଝାଙ୍କି ଦ ମୋ ପିଲା କା ମୂରେ ?
ସମସ୍ତ ସ୍ତୁତ ଏକ ଦୂନ ଧରି ଜାଣିଲେ କାଳ
ମୋର ପିଲା ଏକା ପେଟ ପାଇଁ ହେଲା ବଣିଆ ଗାଈ ।"
କାଢ କାଢ ଖୁଡ଼ୀ ଡାକୁଛନ୍ତି ଖାଲି ଦାଅ ଦେବତା
ଯେ ଗୋଡ଼ ଧାଉଁଛି ସେହି ଗୋଡ଼େ କେତେ ଫେରି ଆସନ୍ତା ।
ସନ୍ଧ୍ୟା ସତ ଗୋ ଘାଞ୍ଚ ବନ ବନ ବୋହୂଙ୍କୁ ଘେଣ୍ଟି
ଜଳୁ ଜଟି ଖୁଡ଼ୀ ଜଳାଉଁ ଚଉଁସ- ମୂଳରେ ବଣି,
ଆଗେ ଆସି ଜଣ ଦେଖିଲେ ଗୋକୁଳ ଧୂଳି ଚରଣେ
ପରତେ ନ ଆସେ ନଦେଖି ନୟନେ ଗୁହାଁଲେ କ୍ଷଣେ ।
ବଣି ଫିଙ୍ଗି ଦେଇ 'ମୋ ସନ୍ତାନ' ବୋଲି ବୋହୂକୁ ଡାକ
ଗୋକୁଳର ଦେହ ଆଉଁଷି କୋଳେ ତା ଥୋଇଲେ ନାକ ।

Digitized by srujan ka@gmail.com

ମହଲତ ଶେଷେ ସାହୁକାର ଯେବେ ଡାକିଲା ହାଙ୍କି
ଝିଅକୁ ଖୁଡ଼ୀମା କହିଲେ ସେ ଦିନ ଉଚ୍ଚରେ ଡାକ—
"ନେଲେ ପଛେ ନଅ ବାକି ସାତ ମାଣ ନ କର ଘଣ୍ଟା,
ନ ଭୋଗୁ ମୋ ପିଲା ପାଞ୍ଚ ସାତ ପର ଏ ହଟହଟା ।"

ବିଶ୍ୱଦେବାଳୟ

ଶୁଣିଥିଲି ଏଇ ବିପୁଳ ବିଶ୍ୱ ପରେ
ବିରାଟ ଏକ ଦେଉଳ କାହିଁ ଠିଆ,
ଲକ୍ଷ ଲକ୍ଷ ଭକ୍ତ ଆଳଯାତ,
ଅମୃତର ନିତ୍ୟ ଖିଆପିଆ ।

ଜିଜ୍ଞାସିଲି ତହୁଁ ମୁଁ ଅନେକ
ପାନ୍ଥ ଜନେ ଦେବାଳୟ କଥା,
କେଉଁଠି ଅଛି ? କେତେ ଦୂର ତା ପଥ ?
କିଅବା ରୂପ ପୂଜିତ-ଦେବତା ?

ଅନେକ ପାନ୍ଥ କହିଲେ ବିସ୍ମୟେ,
"ଏପରି ଏକ ଦେଉଳ ଅଛି କାହିଁ,
ଶୁଣି ତ ନାହୁଁ ପୂର୍ବେ କେଉଁଠାରେ,
ପାଗଳ କିଏ ଦେଉଛୁ ବତାଇ ।"

ଶେଷରେ ଏକ ଆସିଲେ ଭକ୍ତ ଜନ
ଦୃଷ୍ଟି ତାଙ୍କ ପଡ଼ିଲା ମୁଖେ ମୋର,
କହିଲେ ଆପେ, "ଖୋଜୁଛ ବୋଧେ ପାନ୍ଥ,
ଧରଣୀ ପରେ ଦେଉଳର ଖବର ।

Digitized by srujan ka@gmail.com

ପାଉନ ଦେଖା ? ପାଇବ କେଉଁଠେ କହ,
ପାଷାଣେ ଗଢ଼ା ମୂର୍ତ୍ତି ତ ତାର ଦେହ
ବସ୍ତୁ ଯେନ ନ ହୁଏ ତା ପରିମାପ,
କ୍ଷୁଦ୍ର, ବିରାଟ, ବିଚିତ୍ର ସେ ଗେହ ।

ଚରଣଚକ୍ର ଅନ୍ତରୀକ୍ଷ ଭେଦି
ମହାବ୍ୟୋମ ସ୍ପର୍ଶେ ସେ କେତନ
ଏଇ ଯେ ବାସେ ପୂଜାରି ବେଶ୍ମ ତାର,
ନକ୍ଷତ୍ରରେ ଆଲୋକିତ ତା ଚୂଳ ।

ଅରୂପ ତହିଁ ଦେବତା ଅଛି ବସି
ଅପୂର୍ବ ତାର ନେତ୍ର ସଦା ମେଲି,
ଏ କଥା କେବେ ନୋହିଛି ଶ୍ରୁତିଗତ
ହଠାତେ ତହୁଁ ଆସିଛି କେହି ଫେରି ।

"ଖୋଜ ହେ ବାପ"—କହି ସେ ଭକ୍ତ ପାନ୍ଥ
ତଳକୁ ଗଲେ ଜନଗହଳେ ମିଶି,
ଶୁଣିଲେ ନାହିଁ ଡାକିଲି ଯେତେ ଉଚ୍ଚେ,
ପାଇଲି ନାହିଁ ଖୋଜ ମୁଁ ହଣ ହଣି ।

ଅଜ୍ଞ ପାନ୍ଥ ସେଦିନୁ ଅନ୍ୱେଷଇ
ଧରାରେ ସେହି ବିରାଟ ଦେବାଳୟ,
ଏଯାଏ ମୁଁ ତ ଦେଖିଲି ନାହିଁ ତାହା,
ଖୋଜୁଛି ନିତ୍ୟ ପୂରଇ କୁତୂହଳ ।

Digitized by srujan ka@gmail.com

ଜଳର ପାଖେ ଅନାଇ ରହିଲେ କେତ
ପବଣ କଥା ଶୁଣାଇ କହେ ତାରେ
ଅଦେଖା ସେହି ଦେବତା ଶୁଣେ କାହିଁ ?
ବଢ଼ଇ ବ୍ୟଥା ଲାଗଇ ମୋ ହୃଦୟରେ ।

ତଥାପି ନିତ୍ୟ ଖୋଜନ୍ତି ଗାନ୍ଧ ମନ୍ଦି,
ଅରୂପ ସେହି ଦେବତା ପୁରଦ୍ୱାର,
ଅତୃପ୍ତ ମୋର ପିପାସା ଅଛି ପ୍ରାଣେ,
ଦେଖିବ ଆଖେ, ଶୁଣିବ ବାକ୍ୟ ତାର ।

ଚିଲିକା

ରମ୍ଭ ରେ ଆଗ୍ନେୟ ରଥ, ଦେଖିବ ସୁନ୍ଦରୀ
ତା ନୀଳଲୋଚନେ, ନୀଳ-ଚକ୍ରବାଳ ଧରି
ନୀଳ ଜଳରାଶି କେନ୍ଦ୍ରେ ଜନ୍ମ୍‌କ୍ରି ଶୋଭାରେ
ଜଗତେ ରହିଛି ଶୋଭି । କାନ୍ତ କବିତାରେ
ରୂପାରାଧୀ ରାଧାନାଥ କାବ୍ୟ-ଚିତ୍ରକର
ବର୍ଣ୍ଣିଛନ୍ତି ଶୋଭା ଏହି ରୂପସୀ ହ୍ରଦର,
ପଢ଼ିଛି ସେ କାବ୍ୟ ପ୍ରିୟା—ତେଣୁ କୁତୂହଳୀ
ର[illegible] ପଥ, ଧାଏଁ ନେଇ ଧାଏଁଚର ଜର
ଦେଖୁ ଶୋଭା ମୋ ପ୍ରେୟସୀ; ତା ନୀଳନୟନ
ହ୍ରଦ-ନୀଳିମାରେ ମିଶୁ । ଆକାଶ-ରଞ୍ଜନ
ତା ନେତ୍ର ପ୍ରଶାନ୍ତ-ଜ୍ୟୋତି ଶାନ୍ତ ହୋଇ କ୍ଷଣେ
ହ୍ରଦ-ବକ୍ଷେ ମିଳିଯାଉ । ପ୍ରକୃତି-ସୃଜନେ
ପ୍ରକୃତି-କୁମାରୀ ଏହି କ୍ଷୁଦ୍ର ରୂପସୀର
କୌତୂହଳ ନକା ଶ୍ରେଷ୍ଠ ବଚନୁଁ କବିର ?

———

Digitized by srujan ka@gmail.com

ପ୍ରିୟଭୂମି

ଖେଳାଇ ଏ ଅଗ୍ନି-ବର୍ଷୀ ଯିବ ସେହି ଦେଶେ
ବିସ୍ତୀର୍ଣ୍ଣ, ପ୍ରକୃତି ଯହିଁ ଦିଗମ୍ବର ବେଶେ
ବୃକ୍ଷହୀନ-ହେମକାନ୍ତ-ସିକତା ବିସ୍ତାରେ
ମହୋଦଧି ତଟ-ପ୍ରାନ୍ତେ । ସିନ୍ଧୁ-ସିକତାରେ
କ୍ରୀଡ଼ନ୍ତି ନିଶୀଥେ ତହିଁ ଜଳକନ୍ୟାଗଣ
କିଆକୁଞ୍ଜେ ଲୁଚକାଳି, କୋମଳ ଚରଣ
ବୁଡ଼େ ନାହିଁ ବାଲୁକାରେ । ବର୍ଷାରମ୍ଭେ ତହିଁ
ପୁନ୍ନାଗ କୁସୁମ ଗନ୍ଧ ପ୍ରାଣ ଦିଏ ଦହି
ବିରହିତ ତରୁଣର । କ୍ଷୁବ୍ଧ ପାରାବାର
ଢାଳେ ଚୂର୍ଣ୍ଣ-ମଣି-ଚୂଡ଼ ଫାର୍ଦ୍ଧ-ଊର୍ମିକାର
ସେ ଭୂମିର ପଦତଳେ, ତା ଗୁରୁ ଗର୍ଜନ
ରଟେ ତହିଁ ଶାଶ୍ୱତିକ ମୃଦଙ୍ଗ ଘୋଷଣ ।
ସେହି ଭୂମେ ମୋ କୁଟୀର—ସେ ଦେଶ-କୁରଙ୍ଗୀ
ଚଳ ସଖି, ତୁମଠାରୁ ଶିଖିବେ ଭ୍ରୂଭଙ୍ଗୀ ।

———

Digitized by srujan ka@gmail.com

ସରମ

ସେ ଦିନ ପୂର୍ଣ୍ଣିମା ନିଶା—ରଜତ-ଶବଳ
ହସୁଥିଲ ଧରଣୀର ସର୍ବାଙ୍ଗ ଆବରି;
ଅଙ୍କ ସ୍ପର୍ଶେ କଉତୁକରେ ଶୀତ-ସମୀରଣେ
ସହସା ଭାଙ୍ଗିଲା ନିଦ୍ରା । ଧବଳ ଶୟନେ
ଶାୟିତା ମୋ ଶଯ୍ୟା-ପାର୍ଶ୍ୱେ ଦେଖିଲି ଭ୍ରମରେ,
ପ୍ରବାଳ ଲତିକା ସମ ସିନ୍ଧୁ ସୈକତରେ,
ହେଳାରେ ହୋଇଛି ବ୍ୟସ୍ତ ବାସ ସୁଅଙ୍ଗର—
ଅନାବୃତ ସ୍ୱର୍ଣ୍ଣଦେହ । ଶୁଭ୍ର ଚନ୍ଦ୍ର-କର
ନିବଡ଼େ ଚୁମ୍ବୁଛି ସର୍ବ ଦେହ ମୁଖ ଦେଇ
ପ୍ରେମାନ୍ଧ ପ୍ରଣୟୀ ସମ । ଅଙ୍କେ କର ଦେଇ
ଜାଗ୍ରତ କଲି ମୁଁ କ୍ଷିପ୍ର । ତନ୍ଦ୍ରା ଅବସାନେ
ସଲଜ ସରମ ନତେ, ମୃଦୁ ଅଭିମାନେ
ଭର୍ତ୍ସନା କରିଲ ମତେ—ଛି ଛି ନିର୍ଲଜ୍ଜତା
ନ ଦେଖାଇ ଲାଜଧାତ୍ତ ତବ ଏ ଧୃଷ୍ଟତା !

———

ରୂପାଲୋକ

ପ୍ରଦୀପ ଜଳୁଛି କହିଁ ? ଲକ୍ଷ ତାହାରେ
ତବ ରୂପ-ଶିଖା ଜଳୁ ଘନ ଅନ୍ଧକାରେ ।
ଠିଆ ହୁଅ କକ୍ଷ କୋଳେ, ଧୀରେ ଧୀରେ ଧୀରେ
ଅଙ୍ଗ-ଆବରଣ, ଅଙ୍ଗ ତେଜ ଏ ମଧ୍ୟରେ
ପଡ଼ୁ ଶାନ୍ତ ଊର୍ମି ସମ । ସ୍ଫୁଟିତ ପୃଷ୍ଠରେ
ବୃନ୍ତ-ଆବରଣ ଦେଇ ମୂର୍ଚ୍ଛିତା କେ କରେ
ଦେଖିଅଛ କାହିଁ ସଖି ? ହୁଅ ଦିଗମ୍ବର
ମେଘ-ମୁକ୍ତ ଊଷା ସମ । ନୀଳ-ବାସ ପଙ୍କ
ପଦ୍ମକସ୍ତୁ ଲଭୁ ରୂପ-ଆଲୋକେ ଭ୍ରମର,
ଅନ୍ଧକାର, ଯତ୍ନ କରୁ ଦେବାକୁ ଅମ୍ବର
ତୁମର ନଗ୍ନିଳ ଅଙ୍ଗେ । ଲଜ୍ଜା ଯେବେ ଆସି
ସହସା କହିବ କର୍ଣ୍ଣେ—'ହାୟ, ମନ୍ଦଭାଗି,
ଏ କି କଲ !'—ଆସ ଆଣେ ଭୂଷଣ ତରଣେ
ଆଚ୍ଛାଦ୍ୟ ତାହାରେ ଦେବ ସ୍ନେହ-ଆବରଣେ ।

———

Digitized by srujan ka@gmail.com

ହେମନ୍ତ-ପ୍ରଭାତ

ହେମନ୍ତ ପ୍ରଭାତ କାଳ; ନବୋଦିତ ରବି
ସୃଜଅଛି ସ୍ୱର୍ଣ୍ଣକରେ ଅନୁପମ ଛବି
ଶ୍ୟାମଳ ପ୍ରକୃତି ଅଙ୍ଗେ । ବନସ୍ପତି ଶିରେ
ସ୍ୱର୍ଣ୍ଣ ଆବରଣ ସମ ପଡ଼ିଛି ରୁଚିରେ
କୋମଳ କନକ ରଶ୍ମି । ନମ୍ନେ ଧବଳିତେ
ଅପୂର୍ବ ଶିଶିରବିନ୍ଦୁ ମୁକ୍ତାସମ ଥରେ
ଶ୍ୟାମ ଘାସ ପତ୍ରେ ପତ୍ରେ; ତହିଁ ରବିକର
ପଡ଼ି ଭାଙ୍ଗି ଏକେ ଏକେ ସୃଜିଛି ସୁନ୍ଦର
ଇନ୍ଦ୍ରଧନୁ ବର୍ଣ୍ଣ-ଛଟା । ପ୍ରଶାନ୍ତ ଗଗନ,
ଶାନ୍ତ ସୁଶୀତଳ ବାୟୁ; ଅଦୂର କାନନ
ଝଂକାରିତ ହୁଏ ଖାଲି କରୁଣ ବେଦନେ
ବିରହିଣୀ କପୋତର । ଏକାଳେ ସଦନେ
ପ୍ରବେଶିଲା ସଦ୍ୟସ୍ନାତା ପ୍ରେୟସୀ ମୋହର
ଝଲିଲ ସେ ଏକ ଅଂଶ ସ୍ୱର୍ଣ୍ଣ ହେମନ୍ତର ।

ପ୍ରକୃତିର ବୈଚିତ୍ର୍ୟ

ପୂର୍ବଦିନୁ ହୋଇଥିଲା ପ୍ରଣୟ କଳହ
ଯୋଡ଼ିଥାଏ ହୃଦ-ସାଗ୍ର ନିର୍ମମ ବିରହ;
ସେ ଦିନ ଆସିଲା ବର୍ଷା । ମଧୁର ଝଂକାର
ସୃଜି ଅନମ୍ବରେ ଗୁରୁ ପ୍ରାବୃଟ ଆସାର
ପଡ଼ିଲା ରଜତ ଧାରେ । ନୁହେ-ଦିନ ସନ୍ତ,
ଛାୟାମୟ ଏପ୍ରକାର କାଳ ରଚି, ସୃଷ୍ଟି
ଝଞ୍ଜନା କରିଲା ବର୍ଷା । ପ୍ରତି ମୁହୂର୍ତ୍ତରେ
ଅନୁତାପ କଲି କିପାଁ ପ୍ରିୟା ସଙ୍ଗତରେ
କଳହ କରିଲି ମୁହିଁ । ଏକାଳେ ପ୍ରେୟସୀ
ମୁଖ ନୋଇଁ, ସରମରେ ହସି-କି-ନ-ହସି,
ଆସିଲେ ମନ୍ଦରେ ମମ, ବସିଲେ ସଧୀରେ ।
କହିଲି ମୁଁ ହସି ଚାହିଁ—'ଦରିଦ୍ର କୁଟୀରେ
ଶ୍ରୀପଦ ପଡ଼ିଲା କିପାଁ ?' ପ୍ରିୟା ଚାହିଁ କହେ
'ବରଷା ଭାଙ୍ଗିଲା ମୋର ଗର୍ବ ଏ କଳହେ ।'

———

Digitized by srujan ka@gmail.com

ବିଜୟିନୀ

କାହାର ହୃଦୟରକ୍ତ ଅଲକ୍ତକ କରି
ଚରଣ ରଞ୍ଜିଛ ସଖି ? ବାନ୍ଧିଛ କବରୀ
କାର ସ୍ପର୍ଦ୍ଧ ମନୋରଥେ ? ଗର୍ବିତ ଝଙ୍କାରେ
କାର ଶିର ପରାଜୟ, କଙ୍କଣ ପ୍ରସ୍ତରେ
ନିଖିଳ ଜଗତ ଭରି ? ଜଘନ ବନ୍ଧୁର
କାହାରେ ଅବଜ୍ଞା କରି ଶିର ଊର୍ଦ୍ଧ୍ୱ-ଚୂଳ
ଅନୁପମ ଅହଙ୍କାରେ ? କର୍ଣ୍ଣ-ପୁଷ୍ପଦ୍ୱୟ
କନକ-ଜ୍ୱଳନେ ଘୋଷେ ମଙ୍ଗଳ-ବିଜୟ
କେଉଁ ଧୃଷ୍ଟ ଆସ୍ପର୍ଦ୍ଧାର ? ମଞ୍ଜୁଳ କବରୀ
କେଉଁ ଜୟ-ଘୋଷଣାରେ ଦେଉଅଛି ଭରି
ଚମ୍ପକ ମଞ୍ଜରୀମାନେ ? ଅୟି ବିଜୟିନ !
କିଏ ସେ ନରାଧ ଶତ୍ରୁ ?
                                        ମୁହିଁ ? ଏ କିଙ୍କିଣୀ
ମୋହର ବିଜୟେ ବାଜେ ? ଲଭେ ପରାଜୟ
କରିନେଲ, ତୋ ଗୌରବ ହେଉ ବିଶ୍ୱ-ମୟ ।

———

ସାଧନା

'ମୋ ଶୋଣିତ-ବିନ୍ଦୁ ଦେଇ ତବ ଅଶ୍ରୁ-ବିନ୍ଦୁ
ପୋଛିବ ବାସନା ମମ । ପାର-ହୀନ ସିନ୍ଧୁ
ପାରହେବ ତବ କଣ୍ଠେ ମୁକ୍ତା ଦେବା ଲାଗି
ବିନତ ଅଞ୍ଜଳିପୁଟେ; ମୁଗ୍‌ଧ ଅନୁରାଗୀ;
କରିବ ଚରଣପ୍ରାନ୍ତେ ପ୍ରେମ-ଆରାଧନା
ସ୍ମୃତିର ନୈବେଦ୍ୟ ଦେଇ । ପ୍ରତ୍ୟେକ ବାସନା
ହୋଇବ ଜାଗ୍ରତ ତବ କ୍ଷୁଦ୍ର ବକ୍ଷତଳେ
ସେସବୁର ସଫଳତା ତବ ପଦ ପରେ ।
ନିବେଦିବ ଆଣି ସଖି, ପ୍ରାଣ-ପାତ କରି
ତୁମରି ଆନନ୍ଦ ଲାଗି । ପଦ ତବ ଧରି
ମୋ ଶୋଣିତ-ଅଲକ୍ତକ ଅଙ୍ଗୁଳିରେ ମମ
ଆଙ୍କିବ ନିବିଷ୍ଟ ମନେ । ହେ ପ୍ରିୟ ନିର୍ମମ
ତାପରେ ବିନତ ନେତ୍ରେ କରିବ ଜିଜ୍ଞାସା
'କହ ଦେବ, ପୂରିବ ଆଜ କିବା ଆଶା ?'

———

Digitized by srujan ka@gmail.com

ବିରହ

ବହୁ ଦେଶ, ବହୁ ବନ, ଗିରି ନଦୀ ପାରେ
ବହୁ ଦୂରେ ଏକ ଗ୍ରାମେ ଥୁଇ ମୁଁ ପ୍ରିୟାରେ
ସ୍ୱଦେଶେ ବିଚ୍ଛେଦଦୁଃଖ ଭୋଗୁଛି, ହୃଦୟେ
ଜ୍ୱଳନ୍ତ ଅଙ୍ଗାର ଜ୍ୱାଳା । ମନ ନାହିଁ ରହେ
ଏ ସ୍ଥାନେ ଏ କର୍ମ୍ମ ମେଳେ, ଧାଏଁ ଅହରହ
ପୁଣି ସେହି ଶ୍ରେଷ୍ଠ ଗ୍ରାମେ, ପ୍ରିୟାର ବିଗ୍ରହ
ଧରି ଯେ ରଖିଛି ଏକ ଦରିଦ୍ର କୁଟୀରେ
ସିକ୍ତ ଯାର ରେଣୁରାଶି ପ୍ରିୟା-ନେତ୍ରନୀରେ ।
ବ୍ୟବଧାନ ଦୁଇ ପ୍ରାନ୍ତେ ଯୁଗଳ ପ୍ରଣୟୀ—
ଦୁଇ ହୃଦୁ ବାର୍ତ୍ତା ଯାଏ ଅଗୋଚରେ ରହି
କରି ବ୍ୟବଧାନ ଜୟ; ତେଣୁ ଦୁହିଙ୍କର
ନେତ୍ରୁ ପଡ଼େ ଅବାରିତ ଅଶ୍ରୁ ନିରନ୍ତର ।
ଦୁଇ ଦେଶେ ଦୁଇ ଦୁଃଖୀ—ପ୍ରେମ ଥାଇ କହେ
'ଚିନ୍ତା ନାହିଁ—ପ୍ରାଣ ଲଭେ ପ୍ରସାର ବିରହେ ।'

———

Digitized by srujan ka@gmail.com

ଦେହ ଓ ସ୍ନେହ

ପାଇଲି ମୁଁ ସ୍ନେହ-ରତ୍ନ ଦେହେ ଅବଗାହି
ମୁକ୍ତା ପାଇ ଫେରିଛି ମୁଁ ଗୁଞ୍ଜା ଖୋଜ ଯାଇ
ପ୍ରିୟାର ସରସ ସ୍ନେହ ଦେହ-ଅବସାନ
କରିଅଛି ଶେଷେ ମୋର । ଆତ୍ମା, ପଞ୍ଚପ୍ରାଣ
ଲଭିଛି ବନ୍ଧନ ବେଇ, ଇନ୍ଦ୍ରିୟର ଶେଷେ
ଅତୀନ୍ଦ୍ରିୟ ସୁଖ ଲଭି ଆଜ ଅବଶେଷେ
ହୋଇଛି ମୁଁ ଜିତେନ୍ଦ୍ରିୟ । ଆଜ ଯେବେ ପ୍ରିୟା
ପାଶେ ଆସି ଯୁକ୍ତ କରେ ହୃଦ୍ୟା ସଙ୍ଗେ ହୃଦ୍ୟା
ଭୁଲେ ମୁଁ ଶରୀର ସ୍ପର୍ଶ, ଅନୁଭବେ ଖାଲି
ତା ଦେହ-ମନ୍ଦିର ମଧ୍ୟେ, ପ୍ରିୟ ମୋର ଜାଳି
ରଖିଛି ଯେ ପ୍ରେମ-ଶିଖା; ଉଷ୍ଣତା ତାହାର
ତା ଜଡ଼-ଶରୀର ଭେଦ ମୋ ଦେହେ ସଞ୍ଚରି
କରୁଛି ଜୀବନ-ରସ । ପ୍ରଣୟ ଆମର
ରୂପ-ପଥ ଥିଲା ଦିନେ ଆଜ ରୂପୋତ୍ତର ।

Digitized by srujan ka@gmail.com

ବିରାଟ ସ୍ରଷ୍ଟା

ଯବେ ଯବେ ତାରକିତ ଗଗନରେ ଚାହିଁ
ଦେଖେ ମୁଁ ସୃଷ୍ଟିର ଲୀଳା—ମହାବ୍ୟୋମେ ଥାଇ
ଅଗଣ୍ୟ ସଂସାର ଭ୍ରମୁଛନ୍ତି ଅବିରତ
କାର ମହାଇଙ୍ଗିତରେ ? ଦୃଷ୍ଟି-ପରାହତ
ମହାବ୍ୟୋମେ ଖଞ୍ଜିଲା କେ ବିଦଗ୍ଧ ସୁନାଇ
ହୀରା-ଚୂର୍ଣ୍ଣ ସମ ଏ ଯେ ସୃଷ୍ଟି ସାରି ସାରି
ଜୀବନ୍ତ ନିୟମେ ବାନ୍ଧି ? ସୂର୍ଯ୍ୟ ଲକ୍ଷ ଶତ
କୁଟୁମ୍ବ ତାଙ୍କର ଧରି ପିପୀଲିକା ବତ
ଚାଲିଛନ୍ତି ବ୍ୟୋମମାର୍ଗେ ଯୁଗଯୁଗାନ୍ତରୁ
ଅଜ୍ଞେୟ ଅଜ୍ଞାତ ରାଜ୍ୟ । କାହା ଇଙ୍ଗିତରୁ
ଏ ସୃଷ୍ଟି ପାଇଲା ଗତି ? ବିରାଟ ବ୍ୟାପାର
କିଏ ସେ ସୃଜନା ଅବା ? ଉତ୍ତରେ ଏହାର
ସନ୍ଧାନ ମିଳଇ ଏକ ବିରାଟ ସ୍ରଷ୍ଟାର
ସ୍ତବ୍ଧ ଚିତ୍ତବୃତ୍ତି କରେ ମହିମା ଯାହାର ।

———

Digitized by srujan ka@gmail.com

ମୁକ୍ତି ନାହିଁ ମାଗେ

ସ୍ୱର୍ଗ, ମୁକ୍ତି ନାହିଁ ବାଞ୍ଛେ, ଜୀବନ ମୁଁ ଲୋଡ଼େ
ସୁଖ-ଦୁଃଖମୟ ଏହି ଜୀବନ-ପ୍ରବାହେ
ଏ ବିଚିତ୍ର ଧରଣୀର । ମୋର ଜନ୍ମାନ୍ତର
ଜଗତର କୋଟି କୋଟି ଦୁଃଖୀ-ଦରିଦ୍ରର
ନୟନ-ଲୋତକେ ମୋର ଲୋତକ ମିଶାଇ
ହେଉ ଗୋ ପବିତ୍ରତର । କବିତାରେ ଗାଇ
ଦଳିତ, ଲାଞ୍ଛିତ ଯେତେ, ତାଙ୍କ ଦୁଃଖ-ବ୍ୟଥା
ଅବଜ୍ଞାତ, ସୁଖ-ଦୁଃଖମୟ ପ୍ରାଣ କଥା,
ଲେଖନୀ ମୋ ଧନ୍ୟ ହେଉ । ଏ ମୋର ଶରୀର
ଅନନ୍ତ କରୁଣାଭରେ ପୋଛି ନେବ ନୀର
ଲକ୍ଷ ଲକ୍ଷ ଦରିଦ୍ରର, କ୍ଷୀଣ ପଳେ ପଳେ
ହେଲେ ସେ ପରମ ଭାଗ୍ୟ, ମୋର ଜନ୍ମାନ୍ତରେ ।
ଜୀବନେ ଜୀବନେ ଜନ୍ମି ଭକ୍ତ ମୋର ହେଇ
ମେଣ୍ଟାଇବ ମାନବ-ଦୁଃଖ, ଦୂଶ ଅଙ୍ଗେ ନେଇ ।

———

Digitized by srujan ka@gmail.com

ଆତ୍ମାର ସୌନ୍ଦର୍ଯ୍ୟ

ପଚାରିଛ କେତେ ବାର 'ମତେ ନା ରୂପରେ
କାହାରେ ପ୍ରଣୟୀ ହୁଅ ?' କହିଲେ ସତ୍ୟରେ
ଉଭୟଙ୍କୁ ପ୍ରିୟ ସଖି । ରକ୍ତ-ମାଂସ-ଦେହ,
ଏ ଦୁଷ୍ଟ ଇନ୍ଦ୍ରିୟ-ଗ୍ରାମ, ଘୃଣା-ଦ୍ୱେଷ-ସ୍ନେହ,—
କେମନ୍ତେ କହିବି,—ଏ ସମସ୍ତ ସାଥେ ଧରି
ରୂପାଶ୍ରିତ ସ୍ନେହ ମମ, ଜିତେନ୍ଦ୍ରିୟ ପରି ?
ରୂପ ବା କି ଘୃଣ୍ୟ କଥା । ନର ସୌନ୍ଦର୍ଯ୍ୟରେ
ଭକ୍ତ ସମ ଅଛି ଚାହିଁ, ବିମୁଗ୍ଧ ଧୈର୍ଯ୍ୟରେ
କେତେ ବାର ସଖି ମୁହିଁ, ବିଦଗ୍ଧ ସ୍ରଷ୍ଟାର
ସୃଷ୍ଟିର ମହିମା ସ୍ମରି । କିନ୍ତୁ ଗୋ ଆତ୍ମାର
ସୌନ୍ଦର୍ଯ୍ୟ ତହିଁକୁ ବଳି, ଯାର ସମ୍ମୁଖରେ
ମନୁଷ୍ୟ ନୁଆଁ ଏ ମଥା । ତବ ରୂପ ତଳେ
ସେ ରୂପର ସନ୍ଧାନ ମୁଁ ପାଇଛି ସୁନ୍ଦରି,
ମୋ ପ୍ରେମ ପରଶ ଦେହ-ଅନ୍ତର ସଞ୍ଚରି ।

———

Digitized by srujan ka@gmail.com

ଅପରାଧ

କହିବାକୁ ପଚାରିଛ ତୁମ୍ଭେ କେତେ ବାର
ଜୀବନେ କରିଛୁ କିବା ପାପ ବ୍ୟଭିଚାର
ଭାବିଛି ଅନେକ ଥର, ସରମ ଫୋପାଡ଼ି
ତବ ଆଗେ ଦିଅନ୍ତି ମୋ ଅପରାଧ କାଢ଼ି
ଚିତ୍ତ ଗୁପ୍ତ ଅନ୍ତରରୁ । କିନ୍ତୁ କିସ ଲାଭ ?
ଅପରାଧ ଜାଣିଲେ କି ବଢ଼ିବ ସଦ୍‌ଭାବ.
ଘନତର ହେବ ପ୍ରୀତି ? ନଖେ ନଖେ ଚିର
ଅଧିକ କି ଅନୁଭବ ହୁଏ ପୁଷ୍ପ-ଶିଶୁ ?
ମୋ ଆତ୍ମାର ପୁଣ୍ୟଗନ୍ଧ ଦେବି ମୁଁ ତୁମରେ
ସରଳ ନିର୍ମଳ ପ୍ରେମ ଢାଳିଦେବି କରେ,
ଦୀନମନ୍ତ୍ର ଦିଅ ମତେ । ପାପ-ଅପରାଧ
ପ୍ରେମ-ସିନ୍ଧୁ ଜଳେ ପଡ଼ୁ । ରଖି ସେ ସଂବାଦ
କି ଲାଭ ତୁମ୍ଭର ହେବ ? କର୍ତ୍ତବ୍ୟ ତୁମର
ପ୍ରେମଜଳେ ଧୋଇ ମତେ ପବିତ୍ର କର ।

Digitized by srujan ka@gmail.com

ଜୀବନପଥ

ଆଣ ତବ କର ସଖି, ଧରେ ମୁଁ ନିବିଡ଼େ
ଭୁଲିବା ସରଣୀ ଖୋଜ, ଏ ସଂସାର ଭିଡ଼େ,
ଜୀବନ-ସଂଗ୍ରାମ କାଟି । ମିଥ୍ୟା, ବ୍ୟଭିଚାର,
ଦାରିଦ୍ର୍ୟ, ଲାଞ୍ଛନା, ଦୁଃଖ, ଦୈନ୍ୟ, ଅବିଚାର
ସମସ୍ତ ଜିଣିବା, ଆତ୍ମା ଆତ୍ମାରେ ମିଶାଇ
ଦୁର୍ଦ୍ଦିନ କାଟିବା ପରସ୍ପର ମୁଖ ଚାହିଁ ।
ଯୁଗଳିତ ପ୍ରେମ ଦେଖିଲେ ବର୍ମ ଯୁଗଳର
ନ ଛୁଇଁବ ଦୁହିଁଙ୍କୁ ଏ ଦୁଃଖ ଜଗତର ।
ଦୁହିଁଙ୍କର ପଦ-କ୍ଷତ ଦୁହିଁଙ୍କ ଲୋତକେ
ପୋଛିବା ଯଦି ଗୋ, ବ୍ୟଥା ଛୁଟିବ କ୍ଷଣକେ
ପ୍ରେମହୀନ ଏ ସଂସାରେ ଝଡ଼ର ପ୍ରଣୟୁ
ଆଘାତକୁ ଆଶୀର୍ବାଦ ଦେଇ ଜନମୟୁ
ବଞ୍ଚିବା ଜୀବନ ଯଦି, ଆମ ଯିବା ପଥେ
ଈଶ୍ୱର ଫୁଟିବେ ପୁଷ୍ପ ସମ ପଛେ ପଛେ ।

Digitized by srujan ka@gmail.com

ଜୟେ-ପରାଜୟେ

ଗୁଣବନ୍ତ ହେ କିଶୋର, ମାନ-ଅଭିମାନ
ଦେନା-ଦେଣ, ତ୍ୟାଗ-ଭୋଗ, ଦ୍ୱନ୍ଦ୍ୱ-ସମାଧାନ
ଏସବୁର ମଧ୍ୟେ ଆମ ପ୍ରେମ-ଶତଦଳ
ଫୁଟିଉଠୁ ପଦ୍ମ ଯଥା ଫୁଟେ ଭେଦି ଜଳ ।
ସଂସାର-ସଂଗ୍ରାମେ ଯୁଝି ଜୟ-ମାଲ୍ୟ ଧରି
କୁଟୀରେ ଫେରିବ ଯେବେ ତୁମେ ସହଚରି,
ସ୍ୱର୍ଣ୍ଣ-ଭୁଜମାଳା ମୋର କଣ୍ଠେ ଦେଇ ଭରି
ଚୁମ୍ବନ-ତିଳକ ସ୍ୱିନ୍ନ-କପାଳେ ନଚରି
ସାର୍ଥକ କରିବ ମୋ ଜନ୍ମ । ଫେରିବ ଯେ ଦିନ
ଭଗ୍ନକାନ୍ତ, ଅବସନ୍ନ, ପରାଜୟ-ଦୀନ
ସେ ଦିନ ଜନନୀ ସମ କୋଳ ମତେ ଚନ୍ତୁ
କଲ୍ୟାଣ କୋମଳ ହସ୍ତେ ନିଖିଳ ଅଙ୍ଗରୁ
ପୋଛି ନେଇ ସବୁ ଦୈନ୍ୟ, ସବୁ ଅପମାନ
ଦେବ ମତେ ତବ ପ୍ରେମ—ମୋ ଶ୍ରେଷ୍ଠ ସମ୍ମାନ ।

———

Digitized by srujan ka@gmail.com

ନିଶୀଥ-ଆଳାପ

ନୀରବ ନିଶ୍ଚଳ ଗ୍ରାମ; ନିଦାଘ ରଜନୀ
ସ୍ୱେଦ-ସିକ୍ତ କରେ ଶଯ୍ୟା, ଆଜି ଗୋ ସଜନି,
ଶୟନେ ବିଦାୟ ଦିଅ । ବସ ମୋ ପାଶରେ
ଆଣି ସେଠୁ ତାଳବୃନ୍ତ ବ୍ୟଜନ ମୁଁ ଧରେ
ଘୁଞ୍ଚିଦେବି ଦେହୁ ସ୍ୱେଦ; ତାପରେ ନୀରବ
ଏ ନିଶୀଥ, ଗୁଞ୍ଜରିତ କରି, ଅନୁଭବ—
ଦୁହିଙ୍କର, ପରସ୍ପରେ ହେବା କୁହାକୁହି,
ଅମ୍ଳ-ମଧୁ ପରିହାସ ହେବା ସୁହାସୁହି ।
ଶେଷେ ନିଶାଶେଷେ ଯେବେ ସୈନ୍ଧବ ପବନ
ଶୀତ ସ୍ପର୍ଶେ ତନ୍ଦ୍ରାଜଡ଼ କରିବ ନୟନ
ସଧୀରେ ଶୁଆଇ ଦେବି, ଦରିଦ୍ର ଶୟନେ
ଉପାଧାନେ ଥୋଇ ମଥା । ଭୟ ଅକାରଣେ
କରି ନାହିଁ ସଖି ମତେ । ଅଙ୍ଗ ଆବରଣ ।
ଆବୃତ ରଖି ଗୋ ଥିବ ଉନ୍ମୁକ୍ତ ଚରଣ ।

———

Digitized by srujan ka@gmail.com

ବିରହୀ-ଗାଥା

୧

ବିରହ ବିଧୁରେ   ମନ-ମନ୍ଦିରେ
    ତୁମରି ଚରଣ-ପାଉଁଜି ଶୁଣେ,
ଚାହିଁ ନଥିଲି   ବିରହ-ଅଧିର
    ଉଭୟ ମିଳନ-ମାଧୁର୍ଯ୍ୟ ଗୁଣେ ।

ଧାଏଁ ମନୋରଥ   ସଖି ଅବିରତ
    ତୁମରି, କକ୍ଷ-ଗବାକ୍ଷରେ,
ଦେଖିବାକୁ, ତୁମେ   ପ୍ରିୟଲାଗି ଭୂମେ
    ଅଛ ଯେ ଶାପିତା ବିଚ୍ଛେଦରେ ।

ଦୁଷ୍ଟ ମନୋରଥ   ଇଚ୍ଛେ ପଣତ
    ଟୋଳି, ଟୋଳି ନେବ କାନ୍ତ ତନୁ,
ଅଶ୍ରୁ ପୋଛିବ   ଉଠାଇ ଶିବ,
    ଆଣିବ ସାଉଁଳି ସେ ଭୁରୁ ଧନୁ ।

Digitized by srujan ka@gmail.com

ତନୁ ତନୁଲତା ହୃଦୟେ ଶାୟିତା
କିଏ ଜାଣେ ଦେବ ସାନ୍ତ୍ୱନା
ମୁଖ ଆଘ୍ରାଣି, ଧୀର ଧୀରେ ପାଣି
କହିବ 'ଅଶ୍ରୁ ମୁଞ୍ଚ ନା' ।
କି କରୁଛ ଅୟି, ଅନ୍ତର ଦହି
ତୀକ୍ଷ୍ଣ କଠୋର ବିରହ-ବାଣେ,
ଭ୍ରମର ଚିତ୍ତ ବିଦ୍ଧ ବ୍ୟଥିତ
ମୋର ଏ ପ୍ରାଣର ବ୍ୟଥା କି ଜାଣେ ?

୨

ଭୁବନ ପାନ୍ଥଶାଳାରେ ଯେତେକ
ରୁଣ୍ଡ ପାନ୍ଥ ଯାହା ପାଇଁ
ମୋ ପର ଦୁଃସ୍ଥ, ଅକିଞ୍ଚନ, ବା
ମୂଲ୍ୟବିହୀନ କେହି ତ ନାହିଁ ।

ନୟନ ଆଗେ ଯେ ଭାଗ୍ୟବନ୍ତ
ଯାଆନ୍ତି ସକଳ ଯାତ୍ରୀ ପଥେ
ମିଶିବ କପଟ ସାଥିରେ ତାଙ୍କ,
ନିଜର ଦୈନ୍ୟ ଖାଏ ଯେ ମତେ ।

ସରମଭରେ ମୁଁ ତେଣୁ ଏ ଭୁବନେ
ନ ପାରେ କାହାଠି ଚିତ୍ତ ଖୋଲି
ମରମେ ମୋର ଯେ ପ୍ରଣୟ ତୋହର
କାହାକୁ ଏ କଥା ଲଜରେ ବୋଲି ?

Digitized by srujan ka@gmail.com

ପାଥେୟ ବା ଆଜ ନ ଅଛି ଗୋ କହ,
ତଥାପି ମୋର ଏ ଜୀବନ ପଥେ
ତୋହର ପ୍ରଣୟ ପରମ ସିନା ଗୋ
ଜଗତେ ମହତ୍ତ୍ୱ କରିଛି ମତେ ।
ପଷଣ ଭିତର ଅନ୍ଧକାରରେ
ମାଣିକ ସମାନ ଜଳଇ ତାହା
ଦୂଇଦନ ଘୋର ତାମସ ପଥରେ
ଦେଖାଇ ଦେବ ସେ ମତେ ଗୋ ସହା ।

୩

ଅନେକ ବେଳେ ଗୋ ଭାଳଇ ସଜନ,
ଏଇ ଜନମରେ ହେଲ ନ ଦେଖା
ଏକ ଜନମର ଚିହ୍ନା-ଚିହ୍ନି
କାଟିଲ ନ ଏଡ଼େ ଗଭୀର ଲେଖା ?
ଅପରିଚିତ ନ ଥିଲେ ଆଗୋ ଆମେ,
ଏଇ ଜନମର ପୂର୍ବ ପାରେ
କୁନ୍ତଳ ତବ ସଜାଉଥିଲ ନ
ଆରେକ କାହାର ପୁଷ୍ପମାଳେ ?
ଜୋଛନା ରାତିରେ ଜଡ଼ିତ ଚରଣେ
ଆଜ କେ ତମର ଶୟନଧାରେ
ପରଶୁଥିଲ ନ ତୋଳି ଧରିବାକୁ
ଦୋଳଇ କୋମଳେ ବକ୍ଷହାରେ ?
ଚରଣତଟରେ ଲଗାଉଥିଲ ନ
ଅଲକ୍ତ ଆନ ଅଙ୍ଗୁଳି
ଆଜି କାର ଓଠ ଶୁଣାଉଥିଲ ନ
ଶ୍ରବଣକୁହରେ ଗୁଞ୍ଜରି ?

Digitized by srujan ka@gmail.com

ନାହିଁ ନାହିଁ ! ମିଛ ! ବକ୍ଷେ ଜାଳଇ
ବହ୍ନି ସେସବୁ କଳ୍ପନା
ତୁମେଇ ମୋହର ସଖୀ ସନାତନୀ
ଜନମେ ଜନମେ ସାନ୍ତ୍ୱନା ।

୪

ଅଗଣିତ ରବି ଚନ୍ଦ୍ର ତାରକା
ନକ୍ଷତ୍ରର ସୃଷ୍ଟି ଲୟେ
ତୁମେ ଆଉ ମୁହିଁ ରହିଥିଲେ କାହିଁ
ଜନମେ ଜନମେ ନିତ୍ୟ କ୍ଷୟେ ?
ସୃଜନ ଲାଳସେ ଥିଲେ କି ଗୋ ଆମେ
ସୃଜନ-ବିଳାସୀ ବିଷ୍ଣୁର
ନୀହାରକା କୋଟି ବିନ୍ଦୁର ମେଳେ
ଯୋଡ଼ିଏ, ପ୍ରଣୟସଂକୁଳ ?
ତାପରେ ସକଳ ସୃଜନ ଧାରାରେ
ଥିଲେ କି ଦୁଇଟି ବିନ୍ଦୁ ହୋଇ
ସକଳ ରୂପର ଭୁଞ୍ଜି ମରମ,
ସକଳ ଜନମେ ଯୁଗ୍ମ ରହି ।
ଅଯୁତ ଅଯୁତ ଜନମ ବିତାଇ
ପୁଣି ଗୋ ପୁରୁଣା ଧରଣୀତଳେ
ଜନମ କି ଆମେ ଯୁଗଳ ପରାଣ
ମାନବଶରୀରେ ମାନବଘରେ ?
ଅଭିଯାନ ଏହି ଯୁଗ୍ମ ପ୍ରାଣୀର
ବିପୁଳ କାଳର କକ୍ଷେ କକ୍ଷେ,
ବୋଲ କି ପାରିବ ସଙ୍ଗିନି ଆଗୋ,
କେଉଁ ସେ ନିଗୂଢ଼ ଗୁପ୍ତ ଲକ୍ଷ୍ୟେ ?

Digitized by srujan ka@gmail.com

୫

ନପୂରୁ ନପୂରୁ ଜନମ ଶେଷରେ
ଆଉ ଥରେ ପୁଣି ମାନବ-ଦେହେ
ମାହାରିକା ଘନ ଯୁଗ୍ମ ବନ୍ଧୁ
ମିଳନ ଖୋଜଇ ନବୀନ ସ୍ନେହେ ।
ତେଣୁ ମୋ ତୀବ୍ର ମିଳନ ଲାଳସା
ନିତ୍ୟ ଉଠଇ ବାରମ୍ବାର
ତେଣୁ ଗୋ ତୁମର କାନ୍ତ ଅଙ୍ଗେ
ବାସନା ମୋ ତନୁ ମିଶାଇବାର ।
ତେଣୁ ଆଗୋ ଆଜି ଏଇ ବିଚ୍ଛେଦେ
ହୃଦୟ ମୋ ଦୁହେ ବାହାରିଯିବ,
ଭଗ୍ନ କରି ଏ ଶରୀର କକ୍ଷ
ଯେଉଁଠି ତାହାର ସଙ୍ଗୀ ଥିବ ।

୬

ମରଣ-କପାଟ ପଡ଼ିବ ଯେବେ ଗୋ
ଏହି ଜନମରେ ସରଣୀ-ଶେଷେ
ନୂତନ ପଥରେ ଯାତ୍ରା କି ହେବ
ପୁଣି ଗୋ ନୂତନ ଯୁଗଳ-ବେଶେ ?
ଆକାଶରେ ତାରାରେ ପିବା କି ମିଶି ଗୋ
ବିପୁଳ ବ୍ୟୋମର ଅଙ୍ଗନରେ
ଭ୍ରମିବା ଯୁଗଳ ଜ୍ୟୋତିର୍ମୟ
ଅଗଣ ତାରକା ସଙ୍ଗତରେ ।
ଅଥବା ସଜନ, ଫେରି ବା ଆସିବା
ଅନ୍ୟ ବେଶେ ଏ ଧରଣୀ ପରେ

Digitized by srujan ka@gmail.com

ଅନ୍ୟ ଦେଶରେ ଅନ୍ୟ ଜାତିର
ଆଦର-ଛତ୍ର କୁଟିଉଛନ୍ତି ?

ଅଥବା ଦେବା ଗୋ ପୁଳନେ କେଉଁଠି
ପ୍ରଣୟ-ମଧୁର ଚକ୍ରବାକ

ମଧୁର-ଦୁଃଖ ଭୋଗିବା ଶୁଣି ସେ
ପରସ୍ପରର ବିରହ ଡାକ ?

ପକ୍ଷୀ ଅବା ଯାଏ ଯେଉଁଠି ଥାଏ ମୁଁ
ନିର୍ଦ୍ଦେଶ କଲେ ମୋ ସ୍ରଷ୍ଟାର

ତୁମେ ନିକି ମୋର ପାଶରେ ଥିବ ଗୋ
ଶୁଣାଇ ରସନା ଝଙ୍କାର ?

ମୂର୍ଖ ସବୁ ରେ ମୁକ୍ତି ମାଗଇ
ସ୍ୱର୍ଗ ମାଗଇ ତପସ୍ୱିଣ

ସ୍ୱର୍ଗ ମୋହର ଶିରଲ୍ଗନ ଗୋ
ତୁମେଇ ଜୀବନ ସଙ୍ଗ-ଚିହ୍ନ ।

ତୁମର ବାହୁର ମୃଣାଳ-ବଲ୍ଲୀ
ଛନ୍ଦା ଥିଲେ ଏ ମୋହର ଗଳେ

ଅକୁଣ୍ଠିତେ ମୁଁ ପିଇ ଆଗୋ ପିଇ
ଜହାନ୍ନାମର ଗର୍ତ୍ତର ତଳେ ।

Digitized by srujan ka@gmail.com

ସ୍ମରଣ-ପ୍ରଦୀପ

କେ ଜାଳିବ ସନ୍ଧ୍ୟା ଦୀପ ଆଜ,
ଅନ୍ଧାର ଯେ ରହିଲା କୁଟୀର,
ମନ୍ଦିରର ଦେବୀ ଗଲେ କାହିଁ,
ଶୂନ୍ୟଆଜି ନୀରବ ଗଭୀର ।
ବାହାର ଭିତର ଶୂନ୍ୟଆଜି
ଅନ୍ଧକାର ବ୍ୟାପିଛି ପରାଣେ
ପ୍ରଦୀପ ଆଣିଲେ ଆନ କେହି
ସେ ଆଲୋକେ ପରାଣ ନ ମାନେ ।
ଆଖି ଖୋଲେ ସେହି ପରିଚିତ
କାଳୁ କାନ୍ତ କମନୀୟ କରେ
ଜଳିବାର ସ୍ୱର୍ଣ୍ଣଦୀପ ଶିଖା
ଝାପସାଇ କୃଷ୍ଣ ନୟନରେ ।
ସେ ଯେ ନାହିଁ ସେ ଯେ ନାହିଁ ଆଜ,
ଆଲୋକ ତ ହସଇଛି ଜ୍ୟୋତି
ଶାମୁକା ମାଟିରେ ଅଛି ପଡ଼ି
ନେଇ ତ ଯାଇଛି କିଏ ମୋତି ।
ତେବେ କିଆଁ ବୃଥା ଏ ଆଲୋକ,
ଅନ୍ଧକାର ରହୁ ଏ କୁଟୀର,
ସ୍ମରଣର ପ୍ରଦୀପ ଲଗାଇ
ଆଲୋକିବ ଆତ୍ମା ଥରହର ।

———

Digitized by srujan ka@gmail.com

ଶ୍ରାବଣ ଅଭିସାର

ପ୍ରଲମ୍ବିତ ଘନ-ଘୋର ଶ୍ରାବଣ ନିଶୀଥ
ଅସର ଆସାରେ ପୁର, ବିଲ, ବନ ବ୍ୟଥିତ;
ଅଣବ୍ରୁଶ ବନ୍ଦ୍ରେ ଘୋର ବତାସି
ଆକାଶରେ ନାହିଁ ତାରା, କାଳିମ, ବିଜନ ଧାରା
ଝଡ଼େ ଜୀବ ହୋଇ ଉଠେ ହତାଶୀ ।

କଳକଳ ଛଳଛଳ ବରଷାର ସଲିଳ
ବନ୍ଧଯାଏ ଧାରେ ଧାରେ ଖାଇ ଧସ୍ତ-ଶସ୍ତର,
ତାଳ ଗଛ ଦୋଳେ ଝଡ଼ୁ ପବନେ
ବୃଷ୍ଟିଆଡ଼େ ସାଇଁ ସାଇଁ ଜନପ୍ରାଣୀ କେହି ନାହିଁ
ଦୁଆର ଆଉଜା ପ୍ରତି ଭବନେ ।

ବୁଜା ବାଭାଯୂନ ଥରେ ବତାସିଛ ଦମକେ
ବିଜୁଳି ଝଲକେ ଜାଗରିତ ଭୁଲୁ ଚମକେ,
ଯୁଝେ ଛତ ଆକାଶର ଦାନବେ
ଘଡ଼ଘଡ଼ ଚଡ଼ଚଡ଼ ଘଡ଼କେ ଘଡ଼ିକ ଛଡ଼
ପୂରଇ ଭୁବନ ଘୋର ଆରବେ ।

Digitized by srujan ka@gmail.com

ମନ ନାହିଁ ଲାଗେ ମୋର, ଘରେ ରହଣାରେ ଗୋ
ଜୁଆର ଉଠଇ ହୃଦ-ଯମୁନାର ମାଝେ ଗୋ
ଝରେ ଢେଉଁ ଯିବ କୁଆଡ଼େ
ଦୁଆର ଖୋଲ ହେ ଖୋଲ, ଶ୍ରାବଣର ଘନ ମେଳ
ମିଶୁ ଆସି ମୋ ହୃଦୟ ଜୁଆରେ ।

ଲାଗଇ ଯେପରି କିଏ ଖୋଜେ ମତେ ପଥ ରେ
ପ୍ରାଣର ପୀଡ଼ାରେ କାନ୍ଦାଉଛି ଏଡ଼େ ଅକାଳେ ।
ହୃଦୟ ମୋହର ତେଣୁ ଉଥଳ
ମନ ନାହିଁ ଘରେ ଧରେ   ମୁକତ ଆକାଶ ତଳେ
ବତାସିରେ ଖୋଜଇ ସେ ଦୋସର ।

ମଥାରେ ପଡ଼ୁ ରେ ଧସ, ଆଖେ ବାଜୁ ତୋଫାନ
ଖସଡ଼ୁ ଚରଣ, କାନେ ପଶୁ ମେଘ-ବିଷାଣ,
ପାଗଳ ପରି ମୁଁ ତାକୁ ଖୋଜଇ,
ଖୋଜିବାକୁ ଚରାଚର   ମେଲାଇ ମୁଁ ଦୁଇ କର
ଶ୍ରାବଣ ବତାସି ଦେହେ ହଜଇ ।

ପାଏ ବା ନ ପାଏ ତାକୁ ନାହିଁ ଚିନ୍ତି ଶୋଚନା
ଏ ଘୋର ନିଶୀଥେ ଖାଲି ଅଭିସାର ରଚନା
କରିବ ମୁଁ ପ୍ରିୟଜନ ପାଇଁରେ,
ପ୍ରାଣେ ମମ ବ୍ୟାକୁଳତା   କହିବାକୁ ପ୍ରାଣବ୍ୟଥା
ବରଷା-ବିଜୁଳି ଘୋର ଭୁଇଁରେ ।

Digitized by srujan ka@gmail.com

ରାଧା ଭେଳିଁ ଅଭିସାର, ପୀରତିର ବିଳାସ
ପାଇବାଠୁଁ ଖୋଜିବାରେ ପ୍ରଣୟର ପ୍ରକାଶ,
ତେଣୁ ଏ ବର୍ଷାସି-ଘୋର ନିଶୀଥେ,
ଘର ଛାଡ଼ି ପଥେ ବନେ   ଖୋଜିବାକୁ ପ୍ରିୟଜନେ
ହୃଦୟ ପୂରଇ ଘୋର ବ୍ୟଥିତେ ।

ଜୀବନେ ଜୀବନେ ମମ ନାହିଁ ଆନ ଯାଚନା
ଧନେ, ମାନେ ନୋହୁ ମୋର ସୁଖମାତ୍ର ରଚନା
ପ୍ରାଣ ଖୁହେଁ ଏଦ୍ଧପର ବର୍ଷାସେ
ବରଷା ବିଜୁଳି ସଙ୍ଗ,   ଯିବ ନିଶାପଥ ଧାଇଁ
କରି ମେଳ ପ୍ରିୟଜନ ସକାଶେ ।

ଥାଅ ଛାଡ଼ି ତୁମେ ସଖି, ଯାଆ ଫୁଲ ବାହାରେ
ପୋଡ଼ ଦୁଃଖ ଯାଇ ଘୋର ବିରହର ବାହାରେ,
ଆନ ଆନେ ଏ ନିଶୀଥେ ଖୋଜିବା
ଲୁହ ମିଶୁ ବରଷାରେ,   ଅଦମିତ ଭୁରୁଷାରେ
ଅଭିସାର-ସୁଖେ ଆଜ ମଜିବା !

ଜୀବନେ ଜୀବନେ ସଖି, ଏସନ ରଜନୀରେ
ଆସିବୁ ତୁ ଧୋଇ ମେଘମାରେ ତୋର ବେଣୀରେ,
ଅସାରେ ଉଡାଇ ଦେହ ବସନ,
ପ୍ରଣୟ-ଯମୁନାକୂଳେ   ଧାଇଁଥିବ ମୁଁ ବ୍ୟାକୁଳେ
ସଫଳିବ ଦନ୍ତକର ସପନ ।

Digitized by srujan ka@gmail.com

ଦୁଇ ଟୋପା ଲୁହ ସମ ଜନମ ଜନମରେ
ବିରହ-ବ୍ୟଥିତ ହୋଇ ପ୍ରଣୟ-ସରମରେ
ବାହାରିବା ଏହିପରି ଚୋପାନେ,
ଯୁଗ ଯୁଗ ଯିବ ସରି, ଖାଲି ଅଭିସାର କରି
ଜୀବନ-ଜୀବନ—ପ୍ରନ୍ତ ସୋପାନେ ।

Digitized by srujan ka@gmail.com

ମିଳନ-ମାଧୁରୀ

କିଶୋରୀ ଗୋ ତବ ବକ୍ଷ-କମଳ
ମୋ ହୃଦ-କମଳ ପରେ
ରଖିଲ ଯା—ଟିକେ ରହି ଥିରି ହୋଇ,
ଅନୁଭବ ତାହା କରେଁ ।
ପୁଲକିତ ଦେହ, ପୁଲକିତ ମନ
ଆଲୋକିତ ଅନ୍ତର,
କ୍ଷୁବ୍‌ଧ-ଶୋଣିତ, ଅଙ୍ଗେ ଅଙ୍ଗେ
ଆନନ୍ଦେ ଥର ଥର ।
କ୍ଷୁଦ୍ର ଜୀବନ ମହା ଜୀବନରେ
ଧୀରେ ଧୀରେ ଧୀରେ ମିଶେ
ଭାସିଯାଏ ଆମ ମିଳନ-ମାଧୁରୀ
ସୃଷ୍ଟିର କଣ କଣେ ।
ଧନ୍ୟ ଜୀବନର ଜଡ଼ ଅନୁଭବ
ଦେହ ମନୁଁ ଧୀରେ ଉଠେ
ହୃଦୟ-ଦଳରୁ ସୌରଭ ସମ
ମନ୍ତ୍ରନ୍ନ-ସ୍ତବ ଫୁଟେ !

Digitized by srujan ka@gmail.com

"ଜୟ ଈଶ୍ୱର, ପତିତ-ପାବନ,
ଲକ୍ଷ୍ମି ଗୋ, ଜୟ ନାଥ,

ମଙ୍ଗଳ କର, ଜାଗ୍ରତ କର
କଲ୍ୟାଣ ତବ ଢାଳ ।

ତୋହର ପ୍ରଣୟ-ଉଷାର ପରଶେ
ମୋର ମନ-ଶତଦଳ

ବିକଶିତ ହେଉ ବସନ୍ତ ସମ
ସୌରଭେ ଟଳମଳ ।

ତୋହର ପାବନ ପୁଣ୍ୟ-ଶିଖାରେ
ନିର୍ମଳ କର ମତେ

ଧରି ହାତ ମୋର, ଘେନଯାଅ ସଙ୍ଗି
ଚଲ ତୋ ଯେଉଁ ପଥେ ।"

Digitized by srujan ka@gmail.com

ନିତ୍ୟ ସ୍ୱୟମ୍ବର

ପ୍ରଥମ ବରମାଳା ଦେଲି ଯା ଗଳେ
ଶେଷ ମୁଁ ଭାବଥିଲି ତାହାରେ
ପ୍ରଥମ ଲଜ୍ଜୁସ୍ପ ଦେଲି ଯା କରେ
ପ୍ରଥମ ଚରଣ ମୋ ଦ୍ୱୟାରେ ।

ସଖି ଗୋ ଭାବଥିଲି ଶେଷ ବୋଲି ତା
ପ୍ରଥମ ସ୍ୱାଦ ନାହିଁ ପାଇବ
ପ୍ରଣୟ, ଶୁଣିଥିଲି ପ୍ରଥମ-ମିଠା,
ଶେଷେ ଢସରେ ଅବଗାହିବ ।

ଭେଟିଲେ ନରଜନେ ଦୁଏ ନ ଆଉ
ନୟନ ଲୋଳ, ମୁଖ ସ-ହସ
ହଏନ ଚଞ୍ଚୁ-ସ୍ପହାଁ ପାଖରୁ ଯାଉଁ,
ବଢ଼ିଲେ ପରା ପ୍ରୀତି-ବୟସ ?

ପ୍ରଣୟ ତୁମେ ଆସି ବତୁଚ ପଥ
ଲାଗଇ ଏହା, ମିଛ ପରି ତ,
ସଖି ରେ ଆଜ ଦାହ ହୋଇଛି ଗତ
ଅବଗାହ କି ପ୍ରୀତି-ସରିତ ?

Digitized by srujan ka@gmail.com

ପଦ୍ମବନ୍ତେ ଗଲେ ସେ ଯେ ପଛେ ଅନାଏ
ଅଛି କି ଗଲା ପ୍ରିୟ କୁଆଡ଼େ
ନିତି ତ ଅପେକ୍ଷିକା ପଥ ରେ ଥାଏ
ମିଳନ ଖୋଜୁଥାଏ ଉହାଡ଼େ ।

ନିତି ତ ଭୁଜମାଳା କରଣେ ଟେକେ
ପ୍ରଥମ ପଥ ବଧୂ-ହୃଦୟେ
ନୟନ-ଲୁହେ ପ୍ରିୟ-ସ୍ୱପନ ଦେଖେ,
ଦଳିତ ଭାବ ବ୍ୟଥା ଭରହେ ।

ପ୍ରିୟ ବ ନିତି ତାର, ପ୍ରଣୟ ଲାଗି
ପ୍ରଥମ ପଥ କରେ ଯାଚନା
ପ୍ରତ୍ୟହ ସ୍ୱୟଂବରେ ତା କର ମାଗି
ଭୁଲଇ ସବୁ ଦୁଃଖ ଲାଞ୍ଛନା ।

ପ୍ରୀତିର ଆଦ ଅଛି ଶେଷ ତ ନାହିଁ
ନିତି ସେ ନୂଆ, ଜଷା ପଥ ରେ
ବନ୍ଧନେ ତହିଁ ଏକା ମୁକତି ପାଇ ।
ସ୍ୱରଗ-ଅନୁଭୂତି ଶଙ୍ଖରେ ।

Digitized by srujan ka@gmail.com

ଅତୃପ୍ତ ପ୍ରେମ

ଦୁଇଟି ନୟନରେ ନ ଆସେ ତୃପ୍ତି
ଲକ୍ଷ ନୟନରେ ଚାହିଁବି
ଗୋଟିଏ ରସନାରେ ନ ପାଏ ମୁକ୍ତ
ବଚନ,—ଆଜ ହେଲେ ଗାଇବି ।
ଦୁଇଟି ଭୁଜରେ ଭିଡ଼ ପାରିଲେ ତାହାରେ,
ମୁଗ୍ଧ ଦେହ ଆଜ ଖୋଜଇ
ଅଧର ଯେତେ ପାନ କରିଲେହେଁ ବଳସି
ଅଗ୍ନି ପୁଣି ଉଠେ ଜାଗଇ ।
ଗୋଟିଏ ବକ୍ଷରେ ପୀରତି କୁଳାଏନ,
ନିୟୁତ ବକ୍ଷ ମୁଁ ଲୋଡ଼େ ଯେ,
ତାହାରେ ଭାବି, ସବୁ ଭୁଲିବି ଭାଳେଣି,
ମରିବି ତାର ଅବଗାହେ ଯେ ।
ଆଜ ମୁଁ ଲୋଡ଼େ ତେଣୁ ମତେ ହେ ଦେବତା
ମିଳାଅ ପଞ୍ଚ ଏ ଭୂତରେ,
ସୀମାକୁ ତେଜି ମୋର ଅସୀମ ମମତା
ବ୍ୟକ୍ତ ହେବ ବହୁ ରୂପରେ ।
ଜ୍ୟୋତ୍ସ୍ନା ମଳୟରେ ମିଶି ମୁଁ ପ୍ରିୟାରେ
ଦେଇ ମୋ ଆଶ୍ଳେଷ ଅଗଣ,
ମିଳିଲେ ନୀଳାକାଶେ ତାରାରେ ତାରାରେ
ତୃପ୍ତ ହେବ ଅବଲୋକନ ।

———

Digitized by srujan ka@gmail.com

ଯୋଗ୍ୟ ହେବ

ରଜତ କୁସୁମ କର ନାଥ,
ଯୋଗ୍ୟ ହେବ ତା କେଶ ଶୋଭନେ,
ବିଶୁଦ୍ଧ-ସୁବର୍ଣ୍ଣ ମତେ କର,
ଲାଗିବ ବା ତା ଦେହ ଭୂଷଣେ ।

ଜୀବନକୁ ଶୌର୍ଯ୍ୟମୟ କର
କାଳେ ତାର ପାଇବ ପ୍ରଶଂସା,
ବିଶୁଦ୍ଧ ପୁରୁଷ କର ମତେ
ତା ସଖୀତ୍ୱ ପାଇବ, ଭରସା ।

Digitized by srujan ka@gmail.com

ବନ-ଲକ୍ଷ୍ମୀ

ପଉଷ ଶେଷ, କଟା ସରିଛି ଧାନ,
ଉପରବେଳା, ଢୋଇ ଆସେ ସାୟାହ୍ନ,
ପୁଅକୁ ସାଥି କରି   ଗାଁଅନ୍ତା ଗୃହି ଘର,
ଖଳରେ ଧାନ ଟାଣେ ଜଣା ପଧାନ ।

ଦୂରରେ ଥାନେ ଥାନେ ଲୋକ ଗହଳ
ଦିଶୁଛି; ଧାନ-କଟାଦଳା ଚହଳ,
ଲଦ ଶଗଡ଼ କାହିଁ   କୃଷକ ନଏ ବାନ୍ଧି,
ପଛେ ତା ପୁଅ ଝିଅ କରନ୍ତି ଗୋଳ ।

ଦୁଇଟି କଆଁସାରୁ ପାଇଛି ଏକ,
ସାହୁନେଲ୍ ସାଙ୍ଗଟି ଦେଖାଇ ଲେଖ,
କାକା, ଏ ଚକେ ଭୁଇଁ   କେଉଁ ଥିକ ଆସଇ,
ତଥାପି ଅଛି ଲାଗି ନୂଆଁର ବେକ ।

Digitized by srujan ka@gmail.com

କେଣ୍ଡକୁ କେଣ୍ଡ ପୁଅ ଆଣେ ଗୋଠାଇ
ପଧାନ ଛେକ ଛେକ ଢିଏ ସଜାଇ
ପ୍ରାଣ-କୋଷର ପରି ସେନେହେ ହାତ ମାରି
ଉଠାଏ, ପୁଣି ଚଳେ ଢିଏ ବନ୍ଧଇ ।

ଗୁଣ୍ଡଏ ହେଉଁ ଗଦା ସେନେହ-ଭରେ
ନଇଁ ପଡ଼େ ପଧାନ ସ୍ୱର୍ଗ-ସୁଖରେ,
ସ୍ୱ-କର-ଜାତ ଲକ୍ଷ୍ମୀ ଦେଖି ମୁଗ୍ଧ ତା ଆଖି,
ଥରକୁ ଥର ଧରେ ଧାନ୍ୟ-ଗୁଚ୍ଛକେ ।

ଏକାଳେ ପୁଅ ଦୂରୁଁ କହନ୍ତି ନଇଁ,
"ବାପା, ଶୁଣିଛୁ ? ତତେ ନାହିଁ ମୁଁ କହୁ,
ପିଆଦା ଆସିଲଣି ସାଙ୍ଗେ ପଠାଣ ଆଣି,
ଏଥର ନାହିଁ ଦେଲେ କପରି ରହୁ ?"

ଗୁଳି ଖାଇଲା ପରି ହୋଇ ପଧାନ
ଆକୁଳେ ଜାକ ଗଦା କରଇ ଧ୍ୟାନ,
"ଭୁବନ ମା ମୋ ଶରଣ; ମୋ ପିଲାପିଲି ପ୍ରାଣ
ଛୋଟୁଣି ମନ୍ଦେ ବନା ଗଲାଣି ଜାଣ ।

କହିଲୁ ନାହିଁ ବପୁ ତଳେ ଭୁ ପ୍ରାଣେ
ଶରମ-ଫଳ କହନେବେ ପଠାଣେ,
ଛୁଞ୍ଚ ଛୁଞ୍ଚିଟି ପେଟ ଧରି ଏ ଛଟପଟ
ସମ୍ଭଳା ଯିବ ସାରା ବର୍ଷ କି ଠାଣେ ?"

Digitized by srujan ka@gmail.com

ପେଟ ମୋ ପୂର୍‌ଯାଏ ଦେଖିଲେ ତୋତେ
ତୋର ମା ଦୟା ନାହିଁ ଜାଣିଚେ ଶତ୍ରେ,
ଖସ ଚସ ସମ୍ଭାଳ କପାଳେ ଝାଳ ମାର
ପିଠିରେ ନାହିଁ ଜନା, ତୋଷିଣି ପେଟେ !"

ଦେଖାଇ ଏଣେ ଠାଣ, ପୁଅରେ ହସେ
"ଛଡ଼ା ତୁ ଆଣ, ଝାଡ଼ ମାଡ଼ ଯେ ଆସେ,
ଖଜଣା ଶୁଝା ଶୁଝି ଦେବ ନ ବୁଝା ବୁଝି ?
ଏଠି ସେ କଥା କପାଁ ମଥାରେ ପଶେ ?"

Digitized by srujan ka@gmail.com

କୋଣାର୍କର ଲାସ୍ୟଲୀଳା

— ସ୍ପନ୍ଦନ —

ଜ୍ୟୋତ୍ସ୍ନା

ହେ ପାଷାଣି ! କପାଁ ଝାଣି-
ଅଛ ନଭ-ଓଢ଼ଣା,
ଆସିଲ ଯେ ବୁହିଁ ଏବେ
ତବ ସଖୀ ଜୋଛନା ।
ନରଜନ ଶୂନ୍‌ଶାନ୍‌
କେହି ନାହିଁ, ଶୂନ୍ୟ,
ମୂକ ନାଗ ଆସ ଘର
ଗୀତ କର ପୂର୍ଣ୍ଣ ।
ସଙ୍ଗିମା ଭଙ୍ଗିମା
ଚର ମୁହିଁ ଛମର,
ଏକା ମୋରେ ନଶୀଥରେ
ଖୋଲ ତବ ଅଧର ।

Digitized by srujan ka@gmail.com

ଜନମରୁ ଉନ୍ମେଷରୁ
ସଙ୍ଗିନୀ ମୁଁ ତବ,
କାଳେ କାଳେ ତବ ଗାଲେ
ଚୁମ୍ବନ-ଉତ୍ସବ ।
ଦୁହିଁଙ୍କର ଜନମର
ଥାଏ ରୂପ-ସାଗର,
ତେଣୁ ଚିର- ଷୋଡଶୀର
ବନ୍ଧନ ଆମର ।
ମୂକ ଆମେ ଲୋକ ଜାଣେ
ଭାଷା ନାହିଁ ଆମର,
ମିଥ୍ୟା ତା ଆମ କଥା
ଆମକୁହିଁ ଗୋଚର ।
ଆସ ଆସ ଶିଳା-ବାସ
ଖୋଲି ଆଜେ ରୂପସି,
ବନ୍ଧନ ଖଣ୍ଡନ
କରି, ଦେଲା ଝଲସି ।

ପ୍ରଥମ ବିଗ୍ରହ

କେ ଅଛ ଲୋ ଖୋଲ୍‌ଖୋଲ୍
ସରମର ଓଢ଼ଣା,
ଜୋଛନାରେ ଦେଖ ବାରେ
ଧରଣୀର ମାଜଣା ।

Digitized by srujan ka@gmail.com

ପୂର୍ଣ୍ଣିମା ଜହ୍ନ ମା
ଡାକ ଦେଲା ନରମେ,
ଗୁହଁକନ କଣି କଣି
ଚମକାଇ ମରମେ ।
ଧୀରେ ଧୀରେ ଚକ୍ଷୁରେ
ମେଲାଇଲି, ନୟନେ
ମନଘର ସ୍ୱପ୍ନର
ନ ଦେଖିଲି ନୟନେ ।
ତେଣୁ ସଖି, ଦେଲି ଡାକ
ଜେଛନାରେ ଖେଳିବା,
ଉଠ ଉଠ କପାଁ ମଠ
ନାଟ ପୀଠେ ଚଳିବା ।

ଦ୍ୱିତୀୟ ସଗ୍ରହ

ସନ୍ଧ୍ୟା କି ଲୋ ? ଡାକ ତୋର
ବଁଶୀବଲା ମତେ ଲୋ,
ଥିଲି ମନ ଲାଜେ ସତି
ଧରି ବୀଣା ହାତେ ଲୋ ।
କଏ ସେ ଲୋ ବଲି ବଲି
କରି ଆଜ ଗୁହିଁଲା,
ଧୀରେ ମୋର ବକ୍ଷରେ
ଟିପି ଟିପି ଛୁଇଁଲା ।

Digitized by srujan ka@gmail.com

କେଶପାଶେ ଆଉଁସି ସେ
ଶୁଖାଇଲା ମରମ,
ଗଣ୍ଡରେ ମାରି କରେ
ସାରିଦେଲା ସରମ ।
କଏ ସେ ଲୋ ଥରଥର
ଫେରି ଫେରି ମୋ ପାଶେ
ବାର ବାର ହରବର
କଲା ମୋତେ କି ଆଶେ ।
ସେ ସରମେ ମନେ ମନେ
ମରିଗଲି ସଖି ରେ,
ପାଖ ସଖୀ ଅଛି ଦେଖି
ସବୁ କଥା ଆଖିରେ ।

ତୃତୀୟ ବିଗ୍ରହ

କା ବଚନ କଙ୍କଣ-
ଧ୍ୱନି ଢାଙ୍ଗା କରଇ,
ଶୁଭେ ଚେଣୁ,— କପାଁ ଭେଣୁ
ଥରେ ପୀଠ ଟଳଇ ।
ଡାକେ ଆଳେ — 'ଢାଙ୍ଗା ଭୁଜେ
କଙ୍କଣ ବାଜେ ଲୋ,
ଜୋଛନାରେ ମଦଘୋରେ
ଫିଗିଣ୍ଡ କେ ଲଜେ ଲୋ ?'

Digitized by srujan ka@gmail.com

ପ୍ରଥମ ବିଗ୍ରହ

ଆମେ ସବୁ ଶ୍ୟାମା, ମୁହିଁ
ଆସ ଆସ ଏଣିକ
ଆଣ ଡାକ ବାକ ସଖୀ
ବାଣୀ ଆଜ ସ୍ୱଣୀକ ।

କୁସୁମାକୁ ଡାକବାକୁ
ପଠାଇ ଦେ ଖବର
ଜୋଛନାର ସଂସ୍କର
ପାଣି କରେ ପଥର ।

ଚାହାଁକର ପାଷାଣର
ଦେହ ନ ଚମକେ କି,
ଆଣିଲା କେ ଯୁଁକ ଲଖେ
ଅରସିକା ଏଥିକ !

ଡାକଆଣ ଆଖି-ବାଣ
ଛୁଡ଼ିବେ ଏ ବେଳାଟିରେ,
ଦନଯାକ ରହୁ ମୂକ
ସଡ଼ୁଥିବେ ହେଳାରେ ।

ନଶୀଥିମା କଙ୍କିଣୀ
ନାଦେ ଦେବ ମୁଖର,
ବେଳା ଭୂମି ପଉଣମି
ଚୁମିବ ଶ୍ରୀପଦର ।

Digitized by srujan ka@gmail.com

ଚତୁର୍ଥ ବିଗ୍ରହ

ମନ ମନ ପାଖେ ଥିଲ
ଲୋକ ମତେ ଡାକୁ ନା,
ଦୂର ଜନେ କ କାରଣେ
ଏତେ ସମବେଦନା !

ଶୁଣ ସଖି, ଆଖି ଆଖି
ମିଳାଇବା ସକଳେ,
ଦନଯାକ ଅଚ୍ଛେଁ ମୂକ
ଥିଲେ ମିଶେ ପାଖରେ ।

ଜୋଛନାର ମଧୁକର
ପରଶି ମାଳବରେ,
ବନ୍ଧନ ଭଞ୍ଜନ
କରେ ଅବସ୍ଥବରେ ।

ଆଜ ସଖି, ଦେଖିନ କ
ବନ୍ଧୁ ଆଖି ନରେଖି,
ଚାହିଁବାର ବାରବାର
ଛୁଇଁବାର କ ଦେଖି ।

ସେ ପରଣେ ଲଜବଣେ
ହୋଇଥିଲ ଶୀତଳ,
କ କାରଣେ ପଣେ ପଣେ
ଆସିଁଭ ସେ ସକଳ ?

Digitized by srujan ka@gmail.com

ହଜ ଭୁଲ ଜ୍ୟୋତ୍ସ୍ନାର
ଆହ୍ୱାନ ମାନବା,
ନଶୀଥରେ ଜୀବନରେ
ଜଡ଼ୁ ଭିଡ଼ ଅଣିମା ।

—ଉଦ୍‌ଯୋଗ—

କ୍ଷଣକରେ ପାଷାଣୀଏ
ପାଷାଣର ପୀଠରେ
ବଜାଇଲେ ନୂପୁର;
ମୃଦୁ ମୃଦୁ ହସ, ମୁଖେ
ଅଳସ ଛ ଗୁଡ଼ ନ
ଇସାଣିଚ ବପୁର ।

ଅଧର ଅଧର ଦେହେ
ଦେହ ଢାଳ ଅଳସେ
ଚଳାଇଲେ ଚରଣେ,
ସହସା ସେ ନଉଜନ
ମଧୁର ଧ୍ୱନଲ
ଚଳ ପଦ-ଭୂଷଣେ ।

ଜୋଛନାର କୋଟି ରେଖା
ଲୁଚକାଳ ଖେଳଇ
ପାଷାଣୀଙ୍କ ଅଙ୍ଗେ,
ସେ ଚରଣେ ଯୁଗ ଯୁଗ
ଶିଳା ଉଠେ ଚମକ
ଜୀବନ୍ତ ରଙ୍ଗେ ।

Digitized by srujan ka@gmail.com

ଲୀଳାମୟୀ ହେଲା ଶିଳା
ଶତ ଶିଳା-କୁଞ୍ଜେ
ଝଙ୍କରିଲା ଜୀବନ ।
କୁନ୍ଦର ବଗିଚ
ସୁନ୍ଦରେ ଜାଗିଲେ
ଶୀତ୍କାର ପବନ ।

ସ୍ୱନେ ଘନ ରଣଝଣ
ପାଷାଣର ଭୂଷଣ
ବୋଲେ ଅବତଂସ,
ସଖୀଗଣେ କର ଯୋଡ଼
ଆଢ଼ ଆଖେ ଅନାଇ
ପରଖନ୍ତି ପରଶ ।

କୁଞ୍ଜର-ଗତ ଶତ
ଏମେ ଦେଲେ କୁଞ୍ଜୁ
ଧୀରେ ଧୀରେ ବାହାର,
ଅଞ୍ଜଳରେ କା ଧୂପ
ବୀଣା କାର କରକେ
ମୁରଜ କା କାହାର ।

ଶୁଣେ କଥା ଭୁନ ଭୁନ
କାହିଁ ଗଲେ ଆଜ ଗୋ
ଶ୍ୟାମା କେଉଁ ଜହ୍ନାଡ଼େ,
ନାଚ ପୀଠେ ଯିବା ଭୁଲ
ନାଚ ଭାଲେ ନ ଭଲେ
ମନ ନାହିଁ କୁଆଡ଼େ ।

Digitized by srujan ka@gmail.com

ଆନ ବୋଲେ, 'ପ୍ରିୟ ଚିର,
ଧରିଛନ୍ତି ବାହୁରେ
ଅଙ୍ଗ ମୋ ଅଳସ,
ପଦ ମୋର ଖଳଖଳ
ନାଚିବାରେ ହୁଏ ଲୋ
କାଖେ ଧରି କଳସ ।'

ଆନ କହେ, 'କେତେ କାଳ
ଧୀର ଗାଲ ଧରିବ
ରହି ଏକ ଆସନରେ,
ନରକରେ ପଡ଼ି ସଢ଼ୁ
ଶିଳ୍ପୀ, ଯେ' ନ ଦେଲା
ରସ ଟିକେ ପ୍ରାଣରେ ।

ପାଖେ ମୋର କୁଞ୍ଜରେ
ଦେଖେ ନବ ତରୁଣ
ଚୁମ୍ବଇ ତରୁଣୀରେ,
ଭାଗ୍ୟେ ମୋ ନାହିଁ ତାହା
ଭିନ୍ନ କି ଜନମୀ
ଦୁହେଁ ଏକ କ୍ଷଣିରେ ।'

ଆନ ବୋଲେ, 'ତୁମେ ଯାଅ
ନାଚ କରି ସବୁ ଲୋ
ନାଚି ମୁଁ ତ ଅଥିର,
ନିତ୍ୟ ମୁଁ ନାଚ କରି
କ୍ଷୀଣ ହେଲା ଚରଣ
କଟି ମୋ ଶିଥିଳ ।

Digitized by srujan ka@gmail.com

ଯୁଗ ଯୁଗ କଲି ନାଟ
ଦେବତାର ପ୍ରସାଦେ
—ଶେଷ ନାହିଁ ହୋଇଲା,
କେବେ ମୋତେ ମନା କରି
'ରହ' ବୋଲି କହିବେ
ଶ୍ରବଣ ନ ଶୁଣିଲା ।'

ଆନ ବୋଲେ, 'ସାର୍ଥକ
ଜୀବନ ମୋ ସଜନ,
ବୀଣା ମୁଁ ଯେ ବଜାଏ
ମୁଁ ତ ଶୁଣେ, ଶୁଣେ ପ୍ରିୟ
ଶୁଣେ ପୁଣି ଦେବତା
ମରମ ମୋ ହଜାଏ ।'

ଆନ ବୋଲେ, 'ଦେଖ ସଖି,
ରସିକ ସେ ଶିଳ୍ପୀ
ପ୍ରିୟ ଶୁକେ ଉରଜେ
ଲଗାଇ ଦେଇଛି, ଶୁକ
ପାନ କରେ ଲକ୍ଷ
ସୃଜ ମଧୁ-ଦରଜେ ।'

ଆନ ବୋଲେ, 'ଯୁଗ ଯୁଗ
ସଖୀ ମୋର ଯତନେ
ବାଁଧୁଅଛି କବରୀ,
ଧରିଅଛି ଯୁଗ ଯୁଗ
ଦରପଣ ମୁଖକୁ
ଆଜି ଏକ କଣୋଣୀ ।'

Digitized by srujan ka@gmail.com

ଆନ କହେ, 'ଶିଳ୍ପୀ ସେ
କରିଅଛି ପୃଥୁଳ
କେଡ଼େ ସ୍ତନ, ଜୂଡ଼ାରେ
ପୀନ ପୁଣି ବକ୍ଷ ଲେ
କ୍ଷୀଣ କଟି ବନ୍ଧୁବ
କେସନ ଏ ଝାସରେ।'

ଆନ କହେ, 'ଚରଣରେ
ପିଁଧିଥିଲ ମଲ୍ଲ ଯା
ଛୁଡ଼ଲଣି ଥାନକେ,
ଯତନରେ ଧରି ପଦ
ପରମ ସୋହାଗରେ
ପିଁଧାଇବ ଆନ କେ।'

ଆନ ବୋଲେ, 'କାର କାର
ଯୌବନ କଞ୍ଚୁ ବା
ଅଙ୍ଗରୁ ଖସଇ,
କଦମ୍ବ ତଳେ ଥାଇ
ତନ୍ବୀ ସେ ନାଗର
ଷସ୍ତୁ ନାହିଁ ସହଇ।'

କେ ବୋଲଇ, 'ଏ କି ମଜା
ମୂକ ହେବା ଵଦସେ
ଚେଇଁବା ରଜନୀରେ,
କେ ଜାଣଇ ଅଛି ପ୍ରାଣ
ପାଷାଣ ଏ ଅଙ୍ଗେ
ପାଷାଣ ଧମନୀରେ।'

Digitized by srujan ka@gmail.com

କେତେ ଶତ ଯୁଗ ଗଲା
କେହ୍ନି ତ ନ ଜାଣିଲେ
ଜଣା ଖାଲି ଆମରେ;
ଭଲ କଥା,—ଜଣାଗଲେ
ରଖିବେ କି ଆମକୁ
ନରେ ରୂପ ପ୍ରେମରେ !

ନ ହେଲେ ଫଟାନ୍ତ ଶିଳା
ଦଳବେବେ ରୂପରେ
ଭୋଗିବାକୁ ଡାହାରେ;
ଭଲ ଆମେ, ଅଜ୍ଞାତେ
ରୂପ ରଖି ପାରିଛୁ
ପାଷାଣର ଗୁମ୍ଫାରେ ।’

“ମନେ ଅଛି ସେ ଦିନ କି
ବହୁ ଯୁଗ ତଳେ ଲୋ
ସନ୍ଧ୍ୟାର ଆଲୋକେ,
ଶିଳ୍ପୀ ଯେ ଦିନ ମତେ
ଗଢ଼ିସାରି ଯତନେ
ନିରେଖିଲା ପୁଲକେ ।

ରୁହୁଁଥାଏ ଖୋଜଥାଏ
ନାହିଁ ପାରେ ଗୁଢ଼ ସେ
ମାଜଉଏ ଲପନ,
ସଖାମେଳେ ଫେରୁଥାଏ
ରୁହୁଁଥାଏ ପଛକୁ
ବାଁକେ ଜାଳ ନୟନ ।

Digitized by srujan ka@gmail.com

କ କାଳ ସେ ଗଲା କାହିଁ
କୋଳାହଳ ଜନତା
ଅହରହ ମୁଖର
ଯାଇଛୁ ତା ଭଲ—ସଦା
ଆଖିତଳେ ରହିବା
ବଡ଼ ଦୁଖ ରୂପର ।"

"ଝୁଲ ଝୁଲ" ବୋଲେ ଆନ
"ଜୋଛନା ସେ ବଢ଼ିଲା
ଅଥସ୍ଥ ଲେ ଷଗଣ,
କେତେ ଯଡ଼ ମୁକ୍ତରେ
ମାଟି କର ଦେବା କ
ନାଚେ ଝୁଲ ମୋ ସ୍ୱଣ ।"

—ନୃତ୍ୟ—

ନାଚ ମନ୍ଦିରେ ମନ୍ଦ୍ର ମୁରଜ ଧ୍ୱନଇ
ଶତ ଶତ ଶିଳା- ପଦ, ଚଞ୍ଚଳ ଚଳଇ ।
ବଂଶୀ ମୁରଜ ବୀଣା କରତାଳ କାହାଳୀ
ଖଞ୍ଜଣୀ, ମନ- ରଞ୍ଜଣୀ ଅବା କାହାର ।
ବଜାଇଲେ ଶତ ହଜାଇ, ସକଳ କାମିନୀ,
ପୂର୍ଣ୍ଣ ହୋଇଲା ଶୂନ୍ୟ ଜ୍ୟୋଛନା- ଯାମିନୀ ।
ଶୂନ୍ୟ, ବଜନ ମନ୍ଦିରେ ଧୀରେ ଖାଇଁଲା
ଛପ୍ତ ରୁଧିର ପାଷାଣେ ଯେସନେ ବହିଲା ।
ପୀବରବକ୍ଷା କ୍ଷୀଣମଧ୍ୟମା କାମିନୀ
ପୃଥୁଳଜଘନ ଯେଉଁ ଚଳାଏ ଦାମିନୀ ।

Digitized by srujan ka@gmail.com

ପୃଥୁଳ ଜଙ୍ଘାର   କୁସୁମର ଶର   ଭୁଟଇ
ଉରଜ କମ୍ପେ,   ମାଳା କାଞ୍ଚନ   ଫିଟଇ ।
ବର୍ତ୍ତୁଳ ମୁଖ   ସ୍ନିଗ୍ଧ କନ୍ତେ   ସୁବର୍ଣ୍ଣ
ରଖି ଧୀରେ ଧୀରେ   ନୃତ୍ୟ ରଚଇ   ଆରତ୍ତ ।
ଦୋଳଇ କର୍ଣ୍ଣ-   ଦୋଳକ, ଖେଳଇ   ଚିକୁର
ଅତୁଳ ଚରଣ   ରୁଣିତ ନୂପୁରେ   ଆକୁଳ ।
ଅଧରେ ନ ଧରେ   ସ୍ମିତରେଖା, ଆଖି   ଝଲକେ,
ବରଭୁଜ ଖରେ   ଚଳଇ ପଲକେ   ପଲକେ ।
ବନ୍ଧନହୀନ   ଆନନ୍ଦ ବର୍ତ୍ତୁଁ   ଭୁରକେ
ଗାଇଲେ ସକଳେ   ଛନ୍ଦେ ଆପଣା   ଚଲକେ—
"ଅପ୍ସରୀ ଆମେ   ପୁଷ୍ପ-କୋମଳ-   ସୁଷମା
ପାଷାଣ ବାହାର,   ଭିତରେ କୁସୁମ-   ମରମା ।
କଳ୍ପଲୋକରୁ   ଆମେ ରମ୍ଭୋରୁ   ଧସିରେ
ଝଗ୍ରହ ନେଲୁଁ   ଅବତରି ଟାଣ   ଶିଳାରେ,
ଖାଲି ସହସ୍ର   ଶିଳ୍ପୀଙ୍କ ଆରା-   ଧନାରେ;
ତାଙ୍କ ରୂପ ପୂଜା   ଘନୀଭୂତ ଆମ   ଶିଳାରେ ।
ସେ ନାହାଁନ୍ତି ଆଜ   ନାହାଁନ୍ତି ଦେବତା   ଦେଉଳେ
ନ ଆସନ୍ତି ମର୍ତ୍ତ-   ଦରଶନେ ଏଥି   ଘୋରେ ।
ଗଲେ ରାଜା ରାଣୀ,   ଲୁଚିଗଲା ରାଜ-   ବଇଭବ
ସମ-ସମୟର   କିଛି ନାହିଁ, କହ   କି ହେବ ?
ଆମେ ଅଛୁଁ ଖାଲି   କାଲି ପ୍ରାନ୍ତରେ   ଅଙ୍ଗେ
ଧରି ଚିରକାଳ   ଚିର ନବରୂପ   ରଙ୍ଗେ ।
ଅମର ଯେ ଆମେ,   ମାନସଲୋକର   ସୃଜନା
ସ୍ଥୂଳ ଧରଣୀର   ମୃତ୍ୟୁ ଆମରେ   ଅଜଣା ।

Digitized by srujan ka@gmail.com

ଯୁଗ ଯୁଗ ଧରି ବଜ୍ରଦେହ ତେଣୁ ଭୂପର,
ଅମର ଏ ଲୀଳା କଠିନ ଏ ଶିଳା- ସ୍ତୂପର
ଜଗତ ଜାଣଇ ମୂକ ଆମେ, ହାଣ ପଥର
ଅଜ୍ଞ ସେମାନେ ଜାଣିବେ କି, ଭାଷା ରୂପର !
ସଙ୍ଗିନୀ ଆମ ଚନ୍ଦ୍ରିକା ସିନା ନୀରବ
ତା ବୋଲି କି ନାହିଁ ତାହାର ଜୀବନ- ବିଭବ ?
କୁସୁମେ କୁସୁମେ ଚୁମିଦେ ଅଶ୍ରଏ ଯାମିନୀ
ଅଶ୍ରଏ ଲକ୍ଷ ପ୍ରେମ-ଆକୁଳ କାମିନୀ ।
କୁମୁଦ ସଙ୍ଗେ ନୃତ୍ୟ ତାର ଯେ ପୀରତି
ଜୀବନ୍ତ ନକ ମଣ୍ଡନ ବୋଲି ସେ ଆରତି ।
ଆମେ ସେନ୍ତ୍ରପର; ଶିଳା-ଲୀଳା ଛଳେ ଜୀବନ
ସୃଷ୍ଟି କାହାର, ଛଳେ ଲୁଚିଅଛି ସ୍ୱପନ ।
ମର ମନସର ଅମର ଯା ଛନ୍ଦୁଁ ଜନମ
ଛୁଇଁ ନାହିଁ ପାରେ ଆମକୁ ତେଣୁ ଗୋ ମରଣ ।
ମର ସେ ଶିଳ୍ପୀ ଚଳିଲେ, ମରଣ- ପଥରେ
ଅ-ମର ସୁଷମା ରଖିଗଲେ ଆମ ପାଖରେ ।
ଯୁଗ ଯୁଗ ଧରି ବଁଚିଅଛୁ ତେଣୁ ପଥର,

ଶୂନ୍ୟ ଏ ବେଳା କରୁ ନଷ୍ଟ ରୂପ- ମୁଖର ।
ଯୋତ୍ସ୍ନାରେ ଆମେ ଲୁଚକାଳି ଖେଳୁଁ ସକଳେ,
ନୀରବ ନିଜନ ଏ ବେଳାପ୍ରାନ୍ତ ପଥରେ ।"

ଦେଖ ରସଲୀଳା ଦେଖନ୍ତୁ ବେଳ ଅଛି ମଣ୍ଡ
ରୂପର ନବନ୍ଧ ସେ ଲୀଳା ଭୁବନ ଚଣ୍ଡ ।
କଣ ଲେଖମାଟରେ ଶିଳ୍ପୀ ତୁଳୀରେ ଯାହାର,
ଯୁଗେ ଯୁଗେ ଦୃଏ ରହସ୍ୟମୟ ବିହାର ।

Digitized by srujan ka@gmail.com

ସେହି ରୂପମୟୀ ନିଖିଳ ଭୁବନ- ବାସିନୀ;
ମଳୟ-ଗନ୍ଧା ଶରତ-ଜ୍ୟୋତ୍ସ୍ନା- ହାସିନୀ ।
ପୁଷ୍ପ ତାରକ- ଭୂଷଣା, ଅଭ୍ର- ଚିକୁର
ଦୂର୍ବାଚରଣା ଅନନ୍ତ ଦିଗ- ଦୁକୂଳା ।
ରୂପ-ଲକ୍ଷ୍ମୀ ସେ, ପାଷାଣରେ ଘେନ ଶରୀର,
ଶୂନ୍ୟ ସେ ପୀଠ ଚଳରୂପେ କଲେ ଅଧୀର ।
ଚିତ୍ତ ସେ ନଟନ- ଲୀଳାରେ, କବିର ମାନସ,
ସ୍ତବ୍ଧ ଚକିତେ ମୁଗ୍ଧେ ହୋଇଲା ଅବଶ ।

—ଶିଳ୍ପୀ ବନ୍ଦନା—

ବନ୍ଦେ ବାର ଶତ ଶିଳ୍ପୀ, ନାମହୀନ ଧାମହୀନ ପ୍ରାଣୀ,
ଇତିହାସ ନାହିଁ ତବ, ତବ ଲାଗି ମୂକ କାଳ-ବାଣୀ ।
ଯତ୍ନେ କେହି ରଖି ନାହିଁ, ଯାଇଅଛ ଥାପି ମାତ୍ର ଏଇ,
ଶିଳାର ବିରାଟ କଥା, ଏ କୋଣାର୍କ ତବ ସ୍ମୃତିଦେହୀ ।
ପ୍ରାଣହୀନ ଶିଳା ପରେ ସବୁ ଦେଇ ଢାଳି ଜୀବନର,
କି ବଧାଇ ଥିଲ ପାଇ, ମହାରାଜା ହସ୍ତରୁ ତୁମର ?
ତୁମେ ନାହଁ, ନାହିଁ ରାଜା ପୁରସ୍କାର ଯାଇଛି ସଙ୍ଗତେ,
ଦେଶ, କାଳ, ନାମ, ଧାମ କେହି ତବ ନାହିଁ ଏ ଜଗତେ ।
ଅଛି ମାତ୍ର ଶିଳାସ୍ତୂପ, ଯାହା ଅଙ୍ଗେ ବାର ବର୍ଷ ଧରି,
ଉତ୍ତପ୍ତ ଏ ମରୁପ୍ରାନ୍ତେ, ଶ୍ରମଝାଳେ ମାନସୀ ସୁନ୍ଦରୀ—
ଖୋଳୁଥିଲ ଧୀରେ ଧୀରେ, ଶ୍ରମ ମୋଦେ ଲଭି ପୁରସ୍କାର,
ସେହି ମାତ୍ର ବଞ୍ଚିଅଛି, କାଳଦନ୍ତେ କରଣ ଧିକ୍କାର ।
ଦରିଦ୍ର କୁଟୀରେ ବସି, ଚୀର ପିନ୍ଧି କବ ବାର ଶତ,
କେମନ୍ତେ କଳ୍ପିଲ ମନେ ଅପରୂପ ରୂପ ଶତ ଶତ ?

Digitized by srujan ka@gmail.com

ସଜାର ଭ୍ରୂଚ୍ୟୁତା, ନିଜ
ହେ ସହସ୍ର କବି, ତବ
କେମନ୍ତେ ତୋଳିଲ ସତେ ?
ପାଷାଣର ସେ କବିତା,
ଭ୍ରମରେ ଭୁଲିଛି ଜାତି
ଧ୍ୟାନ ତବ ଇତିହାସୁ,
ବଞ୍ଚିଥିବ ସାଧାରଣ
କ୍ଷତି କିସ ନାହିଁ ଯଦି
କିନ୍ତୁ ଧ୍ୟାନ ଜୀବନରେ
ରହିଗଲ ଏ ଶିଳାରେ,

ଧ୍ୟାନଟାଇ ବନ୍ଧୁ ଊର୍ଦ୍ଧ୍ୱେ ଭାସି,
କଳ୍ପ-ସନ୍ଧୁ ଏ କମଳ-ରଶ୍ମି
ଶିଳାଦେହେ ଦେଲ ଟାହାଲେଖି,
ବିଶ୍ୱ ପଡ଼େ ମୁଗ୍ଧ ନେତ୍ରେ ଦେଖି ।
ସେଥିରେ ତ କ୍ଷତି କିଛି ନାହିଁ ,
ଏ ପୁରାଣ ବଡ଼ ନକା ଭାଇ ?
ସହସ୍ରଙ୍କ ପରି ତ ଜୀବନ
ଧନ-ରୂପ କେଶର ବର୍ତ୍ତନ ?
ମନ-ଲୋକୁ ଆଣିଲ ଯେ ଧନ,
ସେଇ ତବ ଜୀବମା ପରମ ।

Digitized by srujan ka@gmail.com

ସମର ବିମୁଖ

୧

ବହିବା ଦୁର୍ବଳ ସ୍କନ୍ଧେ ଦୁର୍ବହର ସ୍ତୂପ
ଜୀବନେ ତାହାଙ୍କ ଗୁରୁତମ ଅଭିଶାପ ।
କର୍କଶ କଠୋର ବାଣୀ ଯନ୍ତ୍ର ଦରବାର
ପାଇବ କି ଠାଣି ତାହା ମୃଦୁ ବୀଣା-ତାର ?
ମାଟିର ପ୍ରଦୀପ, ସେ ତ ଜୀବ କୁଟୀରର
କପରି ସେ ଆଲୋକିବ ରାଜ-ଦରବାର ?
କ୍ଷୁଦ୍ରିତ ଜୀବନ ଯୁଦ୍ଧେ ଜୟଟୀକା ପାଇଁ
ଶ୍ରଦ୍ଧା, ଶକ୍ତି କିଛି ହେଲେ ମୋର ଥିଲା ନାହିଁ;
କେ ଦେଲା କିପାଇଁ ଠେଲି ଏ ମହା ଜଳଧିରେ
ତେଣୁ ତୃଷ୍ଣି ବିକଳ ମୁଁ ବାହାରେ ଅନ୍ତରେ ।
ସର୍ବାଙ୍ଗେ ମୋ ଜୀବନର ସ୍ମୃର କଶାଘାତ
କ୍ଷତ-ରକ୍ତ ମୋର ଧୂଏ, ମୋ ଲେଖକପାତ ।
ହୋଇ ଭଗ୍ନ, ଭ୍ରଷ୍ଟ, କ୍ଳାନ୍ତ, ଜୀବନ-ସମରେ
ଏଣୁ ଭାଗ୍ୟ ସ୍ତୂପେ ମୁହିଁ ଆଜ ମରମରେ—
ଦୂରେ ନଇଁପାଦ ଯହିଁ ନାହିଁ ପାରେ ପଶି
କେଉଁ ଦୂର ବାଲୁଧୂଳି ବେଳାବନେ ବସି,

Digitized by srujan ka@gmail.com

ଚାହିଁ ଚାହିଁ ଆକାଶର ନୀଳ ଛତ୍ରତଳେ
ମେଘମାଳା ଭାସିବାର ସମୀର କୌଶଳେ,
ବନସ୍ପତି ଛାୟାତଳେ, ଘାସର ଆସନେ
ବସି ମୁଁ ଭୁଲିବ ଦୁଃଖ ଉଦାସୀନ ମନେ !
ଅଥବା ବେଳାରେ ଶିଳେ ଶୋଇ ବନ୍ଦ କରି
ଭୁଲିଯିବ ଜଗତର ଝଡ଼ା-ଝଞ୍ଜାବାତ;
ଝର୍ଝର ନୁହେଁ ମୁହିଁ ଜୀବ ସଂସାରର
ମୁଁ ଏକ ମଳୟଧାରା, ଧ୍ୱନି କୋକିଳର ।

୨

ଜନତା ନୟନ ଆଗେ ଆପଣା ପ୍ରତିମା
କେଉଁମତେ ଦେବେ ଥୋଇ, ଆପଣା ମହିମା
ଦେଖାଇବା ଲାଗି ଯେତୁ ଧରନ୍ତି ଜୀବନ
ମୁଁ ତ ସେ ଗୋଷ୍ଠୀର ଅଙ୍ଗ ନୁହେଁ କଦାଚନ ।
ଜଗତର ଅଜାଣତେ ଆପଣା ସ୍ୱପନେ
କୁଟୀର ତୋଳିବା ଆଶା ପୋଷିଥିଲି ମନେ ।
ଜନତା ନୟନ ଆଗେ ଉଭାହେବା ଆସି ।
ଦଶ ଜଣ ସଙ୍ଗ ଯୁଟି ଗୌରବ ମନାସି,
ଅଯୁତର ସ୍ତୁତି, ଜନତାର କରତାଳି
ଏ ସବୁ ଲାଗି ମୁଁ କେବେ ନ ଥିଲି ତ ଭାଳି !
ଛୁଟି ପ୍ରତିକୂଳେ ଚଳାଇବା ଏ ଜୀବନ
ଜୀବନେ ଅଟେ ସେ ଦୁରୂହତମ ନିର୍ଯ୍ୟାତନ ।
ଭାଙ୍ଗି ଦେଇ ମୋ-ସ୍ୱପନ-ନିର୍ମିତ-କୁଟୀର
ବିଧାତା, ଜୀବନ କିପାଁ କଲେ ମୋ ଅସ୍ଥିର ?

Digitized by srujan ka@gmail.com

ଆଶାହୀନ, ଆଶ୍ରାହୀନ ଆଜ ପଥ ପରେ
ଛୁଡ଼ା ହୋଇ ମୁହିଁ ଜନନେତ୍ରେ ଭସ୍ମ କରେ !
ଯାଏଁ ଚାଲି ସେହି ସ୍ଥାନେ ପାଇବ ନସ୍ତାର
ନ ଥିବ ଯେଉଁଠି ଜୀବନର ଅତ୍ୟାଚାର ।

୩

ବୋଲିବେ କେ, ଛୁଡ଼ି ମାନବର ସଙ୍ଗ ସୁଖ
ଯିବା କେଉଁ ବେଳାଭୂମେ ହୋଇଣ ସମ୍ମୁଖ
ସଂସାରର କୋଳାହଳେ, ଜନତା-ଜଞ୍ଜାଳେ;
ମୋର ଦୁର୍ବଳତା ଏ ଯେ କହ ତୁମ୍ଭଠାରେ ।
ମାନବର ଦୁଃଖେ ସୁଖେ ମିଶାଇ ଜୀବନ
ଜୀବନ-ସମରେ କରି ସ୍ୱେଦ ବିସର୍ଜନ,
ଦଳିତ-ଦୁର୍ବଳ ବ୍ୟଥା ଅନୁଭବ ପ୍ରାଣେ
ସହି ଦମ୍ଭ-ମୂର୍ଖତାର କ୍ରୂର ଅପମାନେ,
ଦେଖାଅ ମୁକ୍ତିର ପଥ, ପନ୍ଥା ଉଦ୍ଧାରର
ପଛେ ଯେ ଆସିବେ ବାଟ କାଢ଼ି ତାହାଙ୍କର ।

୪

ଏକା ଏକା ଆଜ ଏ ଯେ କାନନ-ପ୍ରୟାଣ
ଦେଖାଏ କି ତାହା କବ-ଦୁର୍ବଳ ପରାଣ ?
ଧରଣୀରେ ଚିରନ୍ତନ ଲାଗିଛି ସମର
ଯାହାଲାଗି, ତାହା ଅତି ଅକିଞ୍ଚିତକର ।
କାଞ୍ଚନର ବଞ୍ଚନାରେ ମୋହିତ ଜଗତ
ତାହାର ଭୁଲାରେ କିଏ ଲଘୁ, କେ ମହତ ।
ମୋର କରପୁଟେ ତାହା ନାହିଁ ଥିଲା ଯେଣୁ,
ଚୁମ୍ବିବାକୁ ହେଲା ମତେ ମୂର୍ଖପଦ-ରେଣୁ ।

Digitized by srujan ka@gmail.com

କାଞ୍ଚନ ସମରେ ପଣି ଜୀବନ ଲୁଣ୍ଠିତ
କରିବାକୁ ନାହିଁ ମୋର ମାନସ କୁଣ୍ଠିତ ।
ଅଥବା ପ୍ରାଧାନ୍ୟ ପଣ, ଯାହା କାଳ-ମାଝରେ
ଉଠି, ଫାଟି ଚିରଲାଗି ନଭେ ଅବସରେ,
ତା ଲାଗି ପାଗଳ ପରି କ୍ଷେପିବା ଜୀବନ
ଅନୁମୋଦନ କି କରିବ କେବେ ଜନମନ ?

ତେଣୁ ଆଜି ସେ ଆଡ଼ୁ ମୋ ବଦନ ଫେରାଇ,
ସୁଦୂର ସାଗର ତୀର ବେଳାବନେ କାହିଁ,
ଗମନେ ବାସନା ମଧ୍ୟ ଦୁଃଖବ୍ୟଥା ସହ,
ଜୀବନ-ଗଞ୍ଜଣା ଯେଣୁ ହେଲାଣି ଦୁର୍ବହ ।
କୋଟି କୋଟି ନରନାରୀ ମତ୍ତ ଯାହା ଲାଗି
ଜବଚଉ ହୋଇ ଯୁଦ୍ଧ ବହ୍ନିରେ ବିସର୍ଗୀ,
ପଛ କରି ତାକୁ, ଚଳେ ଦରିଦ୍ର କୁଟୀରେ
ଖୋଜୁ ବୋଲି ନନ୍ଦା କଏ ଜଠର ଜଳରେ ?
ଜନତାରେ ରହି ଅବା ବଜାନ୍ତୁ ମୋ ବେଣୁ
ବ୍ୟଥାର ଅଶ୍ରୁରେ ଓଦା କରି ପଥରେଣୁ,
ଜନତା ହସିବ ମତେ ଅଙ୍ଗୁଳି ଦେଖାଇ
ନାରୀ ପରି ଏ ଲୋକଟା କାନ୍ଦୁଛି କିପାଇଁ ?
କେବେ ହେଲେ ଭାବନ୍ତା କି ଏ ମୂର୍ଖ ଜନତା
କାନ୍ଦିବାକୁ ଜଗତରେ ଅଛି ଏତେ ବ୍ୟଥା ।
ଅଥବା ବୀଣାରେ ଦେବି ରୁଦ୍ର ଅଭିଶାପ
ସମାଜ-ସଂହାରକାରୀ ବିପ୍ଳବ-ଆଳାପ,
କହିବି ବିନାଶ କର ଧନର ସଂସାର
ଦରିଦ୍ର ସଂସାର ଲାଗି କାଟ ନୂଆ ଗାର ।

Digitized by srujan ka@gmail.com

କିନ୍ତୁ ଫଳ ସେଇ କଥା—ଦଳେ ଅତ୍ୟାଗ୍ରହୀ
ଚଢ଼ି ଆଗୁ ଦଳେ ମାନ ଆଣିବା ଦକାର ।
ଦଳେ ଲୋକ ସବୁବେଳେ ଥିବେ ଜଗତରେ
ଉଠିବେ ଯେ ମାଡ଼ି ଦଳ ଆନଙ୍କୁ ଉପରେ;
ତାଙ୍କ ପଦତଳେ ଥିବେ ମୋପରି ଅଯୁତ
ମୁଣ୍ଡପରେ ଉଡ଼ୁଥିବ ପତାକା ବହୁତ ।

ପ୍ରେମ-ଗ୍ଲଲଷ୍ଟେରସ୍ପାଠ୍-ସାମ୍ୟ-ଶ୍ରମିକର,
ଅସାଲେ ସେ ଶ୍ରେଣୀ ଦଳେ ଡକାଇତଙ୍କର ।
ତେଣୁ ଆଜ ମୋ ବାସନା, ଯାଇ ଦୂର ବନେ
ତୃଣ-ଶେଯେ ବସି ନିଜ ସ୍ୱଚ୍ଛ ନିକାଞ୍ଚନେ
ରଚିବି ଗାଇବି ଗୀତ ଇଚ୍ଛା ଅନୁସରି
ବଚନ ରଚିବି ଚିତ୍ତ ଲୋତକରେ ଭରି ।
ଥିବ ଯଦି ସେ ଗୀତରେ ଦଗ୍ଧ ହାହାକାର
ମୋ ପ୍ରାଣ ବ୍ୟର୍ଥତାମୟ ତିକ୍ତ ଅଶ୍ରୁଧାର,
ମୋ ପରି ପରାସ୍ତ ଯେତେ ଜୀବନ-ସଂଗ୍ରାମେ
ବାଜିପାରେ ମୋ ସଙ୍ଗୀତ କାଳେ ତାଙ୍କ ପ୍ରାଣେ ।
ହେଉ ତାହା ସିଦ୍ଧି ଏକ, ଏ ବ୍ୟର୍ଥ ଜୀବନେ,
ଭଗ୍ନ ବୃକ୍ଷ ଲଗୁ ହେଲେ କାହାର ଇନ୍ଧନେ ।

Digitized by srujan ka@gmail.com

ଆତତାୟୀ

ଅର୍ଦ୍ଧରାତ୍ରି !—
ଅହିଫେନ ଆରମ୍ଭିଛି ମୃତ୍ୟୁନିଦ୍ରା ତାର,
କ୍ରମେ ଜଡ଼ ଦେହେ ମୋର, ହୋଇଆସେ, ଶୋଣିତର ଧାର ।

ଆଜ ତୋର ଶୁଭ ନୁହେଁ, ଶେଷ କରେ ମୋ ଦୁଃଖ-ଜୀବନ,
ଜୀବନେ ଯେ ପ୍ରିୟ ମମ, ଦେବ ତାଙ୍କୁ ନିଷ୍ଠୁର ମରଣ ।

ଶୋଇଛନ୍ତି ମାତା ପୁତ୍ର !—ଧୀରେ ଜଳେ କେରୋସିନ ଦୀପ,
ଅଧା ଅଧା ମୁଖ ତାଙ୍କ, ଦେଖାଯାଏ ଦୁଆର ସମୀପ—

ଦୁଆର ଦେଇଛି କିଳି, ବନ୍ଦ ସବୁ ଭିତର ବାହାର,
କେହି ଶୁଣି ନ ପାରିବ, କଲେ କେହି ଭିତରୁ ଚିତ୍କାର ।

ଦୁହିଁଙ୍କୁ ଦେଇଛି ନିଶା ପାନୀୟରେ, ଶାଠ୍ୟ କରି ପଣା,
କ୍ଷୁଧା-ଅବସନ୍ନ ଦେହେ ଲାଗିଅଛି ନିଦ୍ରାର ପ୍ରେରଣା ।

ତୀକ୍ଷ୍ଣ କ୍ଷୁର ହାତେ ମୋର—ଆଶା କରେ ଏକ ଏକ ଚୋଟେ
ଶେଷ ମୁଁ କରିବି ତାଙ୍କୁ, ଦୁଃଖ ଶେଷ ହୋଇବ ମିନିଟେ ।

କଷଣ କହିବେ ଲୋକେ ? କହନ୍ତୁ ନା କହିବେ ଯା ଆସେ
ମୁଁ ଜାଣେ ମୁଁ ଆତତାୟୀ, ଏମାନଙ୍କ କଲ୍ୟାଣ ସକାଶେ ।

Digitized by srujan ka@gmail.com

ଏଇ ଯେ ଶୋଇଛୁ ନାରୀ—ରୂପସୀ ସେ ଅଳପବୟସୀ,
ଦାରିଦ୍ର୍ୟ କରିଛୁ ତାକୁ ଘନା, ରୁଗ୍‌ଣା, ରୁକ୍ଷା, ବର୍ଷୀୟସୀ ।

ଭଗବାନ କହୁ ଆସି ତାକୁ କେତେ କରିଛୁ ପ୍ରଣୟ
ପ୍ରଣୟେ ପୋଡ଼ିବା ଦୁହେଁ ଦେଖିଥିବେ ସେ କରୁଣାମୟ ।

ରଖିବାକୁ ତାହାକୁ ମୁଁ ପ୍ରାଣି-ଯୋଗ୍ୟ ବଞ୍ଚିବା ସୁଖରେ
ଗୋଟିଏ କୁଟୀର ଦେଇ, ରଖି ତାରେ ଅଭାବ ଊର୍ଦ୍ଧ୍ୱରେ;

ଦୁର୍ଭାଗ୍ୟ ସଙ୍ଗରେ ମୁହିଁ ଲଢ଼ି ଲଢ଼ି ହୋଇଲି ଜଖମ
ତାକୁଇ ଖାଇଲା ବେଶୀ, ଯେତେ ମୋର ବ୍ୟର୍ଥତା-ସରମ ।

ଧାଇଁବାର ବାର ହାରେ, ମାଗି ବାର ଜଣେ ହାତ ପାତ
ଫେରିବାର ମୁଣ୍ଡେ ବୋଝ, ବ୍ୟର୍ଥତାର ଲଞ୍ଛନା ନିହାତ;

ପ୍ରତ୍ୟହ ବଞ୍ଚିବା 'କାଲି-କି-ହେବ'ର ଭୟ ସଙ୍ଗେ ଲଢ଼ି
ଘଡ଼ି ଘଡ଼ି ମୋ ଜୀବନ ତା ଆଗରେ ଯାଇଅଛି ସଢ଼ି ।

ସକଳ ଆଶାର ହାରେ ହାତ ମାରି ଫେରିଛୁ ନିସ୍ୱଣେ
ଆଶାର କୁହୁକୁ ତାକୁ ମୁକ୍ତ ଦେବ ଆଜ ଅବଶେଷେ ।

ତା ପାଶେ ଶୋଇଛୁ ପୁଅ !—ଜନ୍ମ ଏଣୁ ସଖୀ ଜନମାଇ
ମୋର ପ୍ରତିବିମ୍ବ ପରି ଯେତ୍ନେ ବଢେ ତା କ୍ଷୁଦ୍ର ଶରୀର ।

କର୍ମକ୍ଳାନ୍ତ ଲଞ୍ଛିତ ମୁଁ ଫେରିଆସେ ଯେବେ ଗୃହଦ୍ୱାରେ
ଛୁଟି ଥାଏ ସ୍ନେହି ଶିଶୁ ମୋହଠାରୁ ଆଶ୍ଳେଷ ଆଶାରେ ।

ଯେତେ ଯେବେ ଆସେ ପାଶେ, ଟେକି ଦେଇ ଆଶ୍ଳେଷ ଚୁମ୍ବନ
ପ୍ରାଣ ମୋର ଶାନ୍ତ ନୁହେଁ ! କର୍ଣ୍ଣେ ତାର ଦସ୍ତେଟି ବଚନ ।

ଗ୍ଲେଠ ଗ୍ଲେଠ ମୂଢ଼ ପ୍ରଶ୍ନ,ଅକାରଣ ହାସ୍ୟ ଅଶ୍ରୁ ଜଳ
ଥିଲା ଆମ ଦୁଃଖିସ୍ଥିତେ ଏକମାତ୍ର ଆନନ୍ଦ-ସମ୍ବଳ ।

Digitized by srujan ka@gmail.com

ସେହି ମୋ ଭକତଙ୍କୁ ଜାତ ସନ୍ତାନରେ କରିବ ବିନାଶ,
ଭଗବାନ ସମ୍ମୁଖରେ ଠିଆ ହୋଇ କହିବ ନିର୍ଦ୍ଦୋଷ ।

ସବୁ ଶେଷ ହେବା ଆଗୁଁ ଥରେ ପୁଚ୍ଛ କରେ ଭଗବାନ
ମିଥ୍ୟାଟିକ କେବେ ଶାସ୍ତ୍ରେ ହୋଇଛି ଯା ତବ ଗୁଣ ଗାନ ?

ଶୁଣିଛି ଭକତେ ତୋତେ ବର୍ଣ୍ଣିବାର କରୁଣା- ବାରିଧି
କରୁଣାର କଣା ହେଲେ ନ ପାଇଛି ମୁହିଁ ଏ ଅବଧି ।

ପେଟ ଲାଗି ଯାହାଙ୍କର ନାହିଁ ଚିନ୍ତା ସେ ଭୁମ ସ୍ତାବକ
କେବଳ ତୋହାନ୍ତି ସେହି ଯେତେ ଧନୀ, ଅନ୍ୟାୟୀ, ଠକ ।

ମତେ ତ ଦେଇନା କିଛି, ଡାକିଲେହେଁ ଯୋଡ଼ହସ୍ତ ହୋଇ
ସବୁ ଚେଷ୍ଟା ଭଙ୍ଗି ମୋର କରିଅଛ ନିତ୍ୟ ଧୂଳିଶାୟୀ ।
କୀଟେ ଖାଏ ଭେକ, ଭେକେ ଗିଳେ ସର୍ପ, ମାରେ ତା ମୟୂର,
ମୟୂରେ ମନୁଷ୍ୟ ଖାଏ—ପନ୍ଥା ଏହି ତୋ ପୁଣ୍ୟ ସୃଷ୍ଟିର ।
ମନୁଷ୍ୟ-ସମାଜେ ଚଳେ ସେହି ନୀତି—ଜଣେ ଆର ଜଣେ
ଧୂଳିଶାୟୀ କରି ତାର ନେଲେ ସବୁ, ପରିତୁଷ ମଣେ ।
କାହାର ଅନିଷ୍ଟ ମନେ ଚିନ୍ତା ମଧ୍ୟ କରିନ ଜୀବନେ
ତଥାପି ଗୋଡ଼ାନ୍ତି ଶ୍ୱାନେ ପଛେ ମୋର କହ କି କାରଣେ ?
ଦୟା କରୁଣାରେ ଭରି ବିଧାତାର ଏ ଜଗତ ପର ।
ଭିକ୍ଷା ଦେବା ଥାଉ ତେଣେ, ଭାଙ୍ଗ ଦିଏ ମୋ ଅନ୍ନ ଖପର ।

କା ଆଗେ କହିବ ଦୁଃଖ ? ଅନ୍ୟାୟେ ତ ଗଢ଼ା ଏ ସଂସାର
କିଏ ସେ ପୋଛିବ ଅଶ୍ରୁ ? ଅଶ୍ରୁରେ ତ ଆନନ୍ଦ ସ୍ରଷ୍ଟାର ।

ଉପାୟ ନ ଦେଖି ଆଉ କରିବାକୁ ଦୁଃଖ ଅବସାନ,
ଭବ ଭବ ତୀକ୍ଷ୍ଣ ଖୁରେ ଦେଇଅଛି ଆଜ ମୁଁ ଶାଆଣ,

Digitized by srujan ka@gmail.com

କହିବେ କେ ଧର୍ମବକ, ଦୁଃଖ ଭୋଗ ପାପ ଫଳ ସିନା,
ବେଶ୍ କଥା — ପାପ ମୋର କେହିହେଲେ ବୁଝାଇ ଦେଉ ନା !

ଉନ୍ମୁକ୍ତ ଆକାଶ ତଳେ ନିଶୀଥରେ ହୋଇ ଯୋଡ଼ହସ୍ତ,
ଡାକୁଛି ମୁଁ ବାରମ୍ବାର, "ଭଗବାନ ବୁଝାଇ ସମସ୍ତ ।

କହ କିନା କିବା ପାପେ ଜୀବନକୁ କଲ ଖଣ୍ଡ ଖଣ୍ଡ
ପ୍ରଭଞ୍ଜନ କଲ ମୋର ମଧୁସ୍ୱପ୍ନ, ସାଧୁ-ଶ୍ରମ ପଣ୍ଡ ।"

ଉତ୍ତର ପାଇଲି କାହିଁ ? ଗଣ୍ଡେ ଅଶ୍ରୁ ବୋହିଯାଏ ଶୁଖି
ଅନାଦୃତ ଶିଶୁ ପରି ଧରେ ଶଯ୍ୟା ମୁଁ ଆଜନ୍ମଦୁଃଖୀ ।

ଭାଗ୍ୟଧର ଯେଉଁସବୁ, ତାଙ୍କ କଥା କର ଆଲୋଚନା,
ପାଇନ କି ମୋ ଜୀବନୁଁ ତାଙ୍କଠାରେ ବେଶୀ ପୁଣ୍ୟକଣା ।

ଆଜ ସବୁ—ହସ୍ତ ମୋର, ଶିଥିଳିତ ହୋଇ ଆସିଲଣି
ଝଗିଡ଼ିବ ସବୁ ଯଦି ନିଦ୍ରାଭଙ୍ଗ ହୁଏ କାଲି ପୁଣି ।

ଜୀବନର ମାୟା କଡ଼—ହୁଏ ତ ଏ କହିବେ ଚିତ୍କାର
ଦୁଃଖେ ଲାଞ୍ଛନାରେ ମଧ୍ୟ ଜୀଇବାକୁ କହିବେ ବହୁଳ ।

ଅନନ୍ତୁକ ରୋଗୀ ମୁଖେ ବଳେ ଦେବା ପରି ଔଷଧ
ଏ ଦୁଃଖଙ୍କୁ ଦେଉ ଆଜ ନିର୍ବିକାରେ ମୃତ୍ୟୁ ଆଶୀର୍ବାଦ ।

ବଞ୍ଚିବାର ଲଜ୍ଜା ଦୁଃଖୁ, ଆଶ୍ରା ଦିଏ ଜୀବେ ଯେ ମରଣ
ସିଏ ପୁଣି ପାପ ?—ସେ ତ ଦୁଃଖିଜନ ପରମ ଶରଣ !

ଆସ ପ୍ରିୟେ, ଆସ ବନ୍ଧୁ—ଅତି ସ୍ନେହେ ବାନ୍ଧିବ ଦୁହିଁରେ
ଦଣ୍ଡିକେ ତ ପାରହେବା ଦୁଃଖମୟ ଜୀବନ-ନଦୀରେ ।

ଜୀବନେ ପାଇଲେ ଯାହା ଧନଭାର ବିଷାକ୍ତ ତିକ୍ତତା
ଜୀବନର ଆରପଟେ ଦେଖିବା ନା, କିବା ଅଭିଜ୍ଞତା ।

Digitized by srujan ka@gmail.com

ଏଇ ବେଲ ଖୁର ଧାର, ଶିଶୁ କେକେ-କେଶ୍; କେଶ୍; କେଶ୍
ସାବାସ ଶାଆଣ !— କଳ୍ପ ଜଘନ୍ୟତା ଦଣ୍ଡକରେ ଶେଷ;
ସୁନ୍ଦର ତା ଆଖି ଦୁଇ ଫୁଟିଆସେ—ନାଚେ ଛିନ୍ନ ଶିର
ନ ଗୁଣ୍ଠିବ ସେ ଆଉ ମୁଁ—ଶେଷ କରେଁ ଦୁଃଖ ଜନମର !
ଚୁମ୍ବିଛୁ ଏ ସ୍ୱର୍ଣ୍ଣ ଗଳା ଆଗ ପଛ କେତେ ଲକ୍ଷ ବାର
ଏ ପାଖ ସେ ପାଖ ଗଣ୍ଡ, ନମ୍ର ଓଷ୍ଠ—ସୁକୋମଳ ଧାର ।
ଅନାବୃତ ବକ୍ଷ ଏଣ୍ଟୁ — ନିତ୍ୟ ଅଭିସ୍ନାତ ମୋ ଚୁମ୍ବନେ,
ସେବେଗେ ଭେବେକେ କ୍ଷୀଣ ଆଜ, ଢ଼ଳପଡେ଼ କଙ୍କାଳର କୋଣେ ।
ଖାଲି ସ୍ନେହ କେତେ ଆଉ ଦେଖାଇବ ହତଭାଗିମାରେ
ସାମାନ୍ୟ କୁଟୀର ଖଣ୍ଡେ ନାହିଁ ତାର ବସ୍ତି ମଧ୍ୟରେ ।
ଭବିଷ୍ୟ ବା ଆଶା କାହିଁ ?—ଥାଉ,ଥାଉ କେକେ ଦେଇ ଖୁର
ସକଳ ଯାତନା ତାର କରିଦିଏ କ୍ଷଣକରେ ଦୂର ।

ସନ୍ତାନ—ଶୋଣିତ-ରକ୍ତ ଏଇ ଖୁର ଜନମର ଗଳେ
ବସାଇଲି ! ଯାଇଛୁ ତ !—କେଶ୍ ଯାଏ !—ଶେଷ ଏକା ଥରେ ।
ଯାଅ ଖୁର—ବେଲ ଫିଙ୍ଗି—ଦୁହିଙ୍କର ଶବର ମଝିରେ
ଶୋଇ ଆଲିଙ୍ଗନେ ଧରି, ଠିଆ ହେବ ମରଣର ଘରେ ।

Digitized by srujan ka@gmail.com

ନବଜନନୀ

ହେ ନବଜନମା,
ସନ୍ତାନ-ଜନକ କରେ
ବିସ୍ମୟିତ ଭକ୍ତିଭରେ
ତୋ ପଦେ ପ୍ରଣାମ ପୁଣି ପୁଣି !

କାଲି ଥିଲୁ ବିମୁକ୍ତ ତରଣୀ
ଯୌବନ-ବସନ୍ତ ବନେ
ଧାଇଁ ବୁଲି ଆନ ମନେ,
ହୋଇଥିଲୁ ସ୍ୱପନ-ସ୍ୱୈରିଣୀ !

ଆଜ ଦେଖେ ବ୍ୟସ୍ତ ଜଞ୍ଜାଳରେ,
ଧରିଅଛୁ ନବ ମନୁଷ୍ୟରେ
କଲ୍ୟାଣମୟୀ ସେ ବକ୍ଷେ
ସ୍ତନ୍ୟ ଦେଇ, ଦୃଷ୍ଟି ଚକ୍ଷେ
ପରମ କରୁଣାଭରେ,
ଚୁମ୍ବି ନବ ବାତ୍ସଲ୍ୟରେ,

Digitized by srujan ka@gmail.com

ହୋଇଅଛ ନବୀନ ଜନମ !
ସେହି ସେ କୋମଳ ବକ୍ଷ
ଆଶ୍ରା ମୁହିଁ ଖୋଜୁଅଛୁ ସର୍ବି,
ଛନ୍ଦି ପୁଣି ସଂଚୟନ
ଥିଲ କରି ଆୟୋଜନ
ନବାଗତ ଅଭ୍ୟର୍ଥନା ପାଇଁ !
ହେ ନାରୀ ତୁ ଯୁଗେ ଯୁଗେ
ତୋର ସେହି ବକ୍ଷଯୁଗେ
ପ୍ରେୟସୀ, ପ୍ରସବୀ ବେଶେ
ସ୍ନେହ ଢାଳ ନିର୍ବିଶେଷେ
ମାନବରେ ଆଣିଛୁ ବଢ଼ାଇ !
କାହୁଁ ତୁ ଆଣିଲୁ ଏତେ
ନବଜାତ ଜୀବନରତନେ ?
ନିଜ ଦେହେ ମାୟାବନୀ
କେମନ୍ତେ ପ୍ରତିମା ଦେଲ
ଅନ୍ତରର ଗୁପତ ସ୍ୱପନେ !
ମହୀୟସୀ, ହେ କ୍ଷୁଦ୍ର ଧରଣି,
ସ୍ୱରୁ ଦେହ ଲତା ପରେ
ଫୁଟାଇଲ ଜୀବନ ସୁମନେ ।
ଜନୟିତ୍ରୀ ମାନବ ଜାତିର,
ହେ ନାରୀ, କରଇ ନମସ୍କାର !
ଗବାକ୍ଷେ ଯେ ଦିନ ମତେ କଟାକ୍ଷେ ଗୁହ୍ଲିଲ,
ଆଲିଙ୍ଗନେ ପାଶେ ବସାଇଲ,
ଅଲକ୍ଷେ ଥିଲୁ କି ଏ ବସ୍ତୁର ?

Digitized by srujan ka@gmail.com

ନ ଥିଲେ ଯେ ଜନନ ପିପାସା
ମେଣ୍ଟିବାକୁ, ମୋର ପଦତଳେ,
ଦେଇ ଦେହ ମନ ସମସ୍ତରେ,
ସୃଜନର ପିପାସାରେ
ମୋ ଆଶ୍ଳେଷେ ଆପଣାରେ
ଏକୁଁ କଲ ଯୁଗଳ ପ୍ରକାର !
ହେ ପ୍ରକୃତି ମାୟାବିନୀ,
ହେ ଧରଣି, ମାନବ-ଜନନୀ,
ହେ ନାରୀ ଏକାନ୍ତ-ସଖୀ, ପୁରୁଷର ନିତ୍ୟ ସଂଗୀନୀ
ତୋ ପଦେ ତୋ ସୃଷ୍ଟି କରେ
ବାରମ୍ବାର ଭକ୍ତି ନମସ୍କାର !

Digitized by srujan ka@gmail.com

ନାରୀର ଅଧିକାର

ପ୍ରିୟ ମମ, ଛାଡ଼ ଏ ଅନ୍ୟାୟ,
ଭାସିଯାଅ ପୁରୁଣା କଥାରେ,
ମୋ ଜୀବନ-ସାର୍ଥକତା ଖାଲି,
ଦାସୀ ପରି ତୁମରି ସେବାରେ ।
ମାନବର ଜନନୀ ମୁଁ ନାରୀ,
ଜନନୀ ମୁଁ ତମ ସନ୍ତତିର,
ମାଆ ବୋଲି ପୂଜା ଯେ ପାଇବ,
ତା ଜୀବନ ହୋଇବ ଦାସୀର ?
କହିଥିଲ ପ୍ରଥମ ମିଳନେ,
ହୃଦୟର ରାଣୀ ବୋଲି ମୋତେ
ସେ କି ମୋର ଭୋଗ-ଲାଳସାରେ,
ଯଉବନ ମଦିରା ଉନ୍ମତ୍ତେ ?
ନାରୀର କି ଶ୍ରେଷ୍ଠ ଯାହା କିଛି,
ରୂପ ଏଇ ଚରମ-ସମ୍ବଳ ?
ଆମର କି ସିଦ୍ଧି ବାଣ୍ଟିବାରେ,
କୁତ୍ସିତ ଏ ଶରୀର ମାଂସର ?

Digitized by srujan ka@gmail.com

ମାନବର ମାଆ ଠାରୁ ତମେ
ଅଳ୍ପ ବେଶୀ ଆଶା କର ନାହିଁ ?
ଜନ୍ମ ଆମ, ତମ ପଦତଳେ
ଦାସୀ ହବୁ ଚିର ସେବା ପାଇଁ ?
ତମଠୁ ମୁଁ ବଡ଼ ଆଶା କରେ,
ପୁରୁଷରେ ଅନ୍ଧ ମୂଢ଼ ପ୍ରେମୀ,
ହୃଦୟର ରାଣୀ ଯେ ତାହାକୁ
ନ୍ୟାଯ୍ୟ ତାର ଅଧିକାର ଦିଅ ।
ତମର ଯେ ଦାସୀ ମୁଁ ସତରେ,
ସେ କଥା କି ଜଣା ହେ ମତେ,
ତମ ହୃଦରାଣୀ ମୁଁ ଯେ କହୁ,
ଦେଖାଇବ ଜଗତେ କେମନ୍ତେ ?
ଜ୍ଞାନେ ମନ୍ତ୍ରୀ କର ଗରୀୟସୀ
କରମରେ ଶିଖା କଉଶଳ,
ଧରମରେ କର ମତେ ସାଥୀ,
ଭକତିରେ କର ଢଳମଳ
ତେବେ ସିନା ଜୀବନ-ପଥରେ
ହେବି ତବ ସୁଯୋଗ୍ୟ-ସଙ୍ଗିନୀ,
ଦୁଃଖେ ମାତା, ରତି ଅବସରେ
ଦାରା କର୍ମେ ସହଧରମିଣୀ
ଖୋଲ ପଡ଼ ଆଖି ରଖ ପ୍ରିୟ;
ଭୁଲ ଏଇ ନାରୀ ଦେହଟାରେ
ନରକର ଦ୍ୱାର ବୋଲି କହି
[illegible]ା ଦିନେ ହୋଇବ ବିକାରେ ।

Digitized by srujan ka@gmail.com

ମାଟି ଦେହେ ଦେଖାକୁ ହେ ଦେଖ,
ଶ୍ରଦ୍ଧା ଦଅ ଜଗଜ୍ଜନମାରେ,
ଶକ୍ତି ରୂପେ ଜଣା ହେବ ନାରୀ,
ତୋ ଦକ୍ଷିଣ କର ସନ୍ନିଧିରେ ।
ଦୁହେଁ ସିନା ହୋଇଲେ ସମାନ,
ସହଯୋଗ ହେବ ସୁଖକର,
ଗୃହବାସୀ କର ତ ରଖିଲ,
ଯୁଦ୍ଧେ କଏ ଯୋଗାଇବ ଶର ?
ଚଳାଇବା ନ ଶିଖାଅ ଯଦି
ହେବୁ ଆମ ତମ କାନ୍ଧ ଭାର,
ଚଳାଇବା ଶିଖାଇଲେ ଆମେ
ଯୁଦ୍ଧେ ନେବୁ ତମ ତରବାର ।
କେବଳ ମୁଁ ନୁହଇ ରମଣୀ
ନାରୀ ମୁଁ ଯେ ନରର ସମାନ,
ରତି ରୂପେ ଦେବ ତାକୁ ସୁଖ,
ରାଣୀ ରୂପେ ହେବ ମୁଁ ସମ୍ମାନ !
ମାଆ ହୋଇ ଉଦରରୁ କାଢ଼ି
ବଞ୍ଚାଇବ ବଂଶ ପୁଣି ତାର
କହ କେବେ ହେ ପୁରୁଷ-ପ୍ରିୟ,
ଗୃହଦାସୀ ହୋଇବ ଏଥର ?
ଜ୍ଞାନେ ଗୁଣେ ହୋଇ ଗରୀୟସୀ
କରିଲେ ମୁଁ ତବ ଦାସୀ ପଣ,
ଏକଠାରୁ ମହତ୍ତର ନର,
ହୋଇବ କି ବଳେ ହେ ଆପଣ ?

———

Digitized by srujan ka@gmail.com

ଅପଣ୍ୟ ପ୍ରେମ

ବହୁ ଜନ ଦେଲେ ବହୁ ପ୍ରଥମ-ଯୌବନେ,
ଦେଖାଇଲେ ପ୍ରଣୟର ଗଭୀର ମମତା,
ସେ ଦାନ-ପ୍ରମତ୍ତ, ଭାବି ଧନ୍ୟ ମନେ ମନେ
ଉପହାସେ ଭୁଲିଥିଲି ପ୍ରଭୁ, ତବ ସତ୍ତା ।

ତୁମେ ମୁଁ ଜାଣୁଛି ଏବେ ସେ ଦାନର ତଳେ
ଥିଲା ଓତପ୍ରୋତେ ରହି ସୂକ୍ଷ୍ମ ଅହଂକାର
ଏକ କରେ ଦେଇ, ନେବା-ଆଶା ଆନ କରେ
ମମତା-ସଂଗ୍ରହର ମାତ୍ର ବନ୍ଧନ—ନିଗ୍ରହ ।

କଟିଛି ସେ ପକ୍ଷପୁଟ, ସ୍ୱପ୍ନ-ନିଦ୍ରାସୁଖେ
ଯା ଦେଇ ମୁଁ ଉଡ଼ୁଥିଲି ଆନନ୍ଦେ ସେ କାଳେ,
ପୀଡ଼ା ଆଜ ସର୍ବାଙ୍ଗରେ ଶୃଙ୍ଖଳ ପରଶେ,
ପୀଡ଼ିତ ମୁଁ ସେ ପ୍ରାଚୀନ ପ୍ରଣୟର ଭରେ ।

କରୁ ଆତ୍ମା ଖୋଜେ ଆଜ ସେହି ସେ ପ୍ରଣୟ
ନାହିଁ ଯହିଁ ବଣିକର ପଣ୍ୟ ବିନିମୟ ।

Digitized by srujan ka@gmail.com

ଅଦାନ

ମନେ କି ରଖିଛ ନାଥ କେତେ ସେ ଭର୍ତ୍ସନା,
କେତେ ନିନ୍ଦା, ଉପହାସ, ତାଚ୍ଛଲ୍ୟ, ବିରକ୍ତି
ଫିଙ୍ଗିଛି ମୁଁ ତବ ମାଥେ, ଦୂରେଇ ଅର୍ଚ୍ଚନା,
ବ୍ୟର୍ଥ ହେଉଁ ମମ ଶ୍ରେଷ୍ଠ ଶ୍ରେଷ୍ଠ ଅନୁରକ୍ତି ?

ଶିଶୁ ଯେସନ୍ତେ ଝଲମନ୍ତ କାଠିକୁଟା ପାଇଁ
କ୍ଷଣିକର ଲାଗି ତେସନ୍ତେ ହେଉଛୁ ହେ ନାଥ;
ହସୁଥିବ ଫଳ୍କି ତମେ ଅନ୍ତରାଳେ ଥାଇ
ମାରବକରେ ସହ୍ନି ମୋର ତିରସ୍କାର-ଘାତ !

ଆଜି କିନ୍ତୁ ଜାଣୁଛି ମୁଁ ହେ, କଲ୍ୟାଣମୟ,
ରଖିଥାଅ ଶୁଭ-ବୀଜ ଘୋର ବଦନ୍ତିରେ,
ଜ୍ଞାନପାଇଁ ସୃଜିଅଛ ପ୍ରମାଦ, ସନ୍ଦେହ
ମିଳନ-ଆସ୍ୱାଦ ଥାଏ ବିରହର ମାରେ ।

ଦାନ ପାଇଁ କରିଥାନ୍ତି ସ୍ୱଜନ ସମସ୍ତେ
ନ ଦେଇଛ ଯାହା, ତାହାପାଇଁ ମୁଁ ନମସ୍ତେ ।

Digitized by srujan ka@gmail.com

ଈଶ୍ୱର ସାଧାରଣ

ହେ କୋଟିଭୁବନେଶ୍ୱର, ଜ୍ଞାନୀ ଯୋଗୀ ଜନେ
ଜାଣେନା କି ରୂପ ତବ ଦେଖନ୍ତି ମନନେ,
ଜାଣୁଛି ଏତିକି ମାତ୍ର, ହେ ବିଶ୍ୱଚେତନ
କ୍ଷୁଦ୍ରେ, ସାଧାରଣେ ତବ ପ୍ରକାଶ ପରମ ।

ଅନନ୍ତ ସମୁଦ୍ର ଅବା ଉତ୍ତୁଙ୍ଗ ଭୂଧର,
ତହିଁକି କେବଳ ତବ ଦୃପ୍ତ ଅଧିଷ୍ଠାନ ?
ଖାଲି କି ତାରକାମୟ ମହା ନୀଳାମ୍ବର,
ତବ ମହା ବିଭୂତିର ପ୍ରତୀକ ମହାନ ?

ଜଡ଼ ଜନ୍ତୁ ଦେଖେ ନିତ୍ୟ, ହେ ମହାମହିମ
ତୁମରେ ଜନନୀ-ସ୍ନେହେ, ତନୟା ତନୟେ
ଶ୍ରେଷ୍ଠ ଫୁଲେ କି ପ୍ରକାଶ ତୁମର, ଅସୀମ,
ଆମ ନୃତ୍ୟ-ହାସ୍ୟ-ଅଶ୍ରୁ ତମ କଥା କହେ ।

ବିଶ୍ୱରୁ ବିଶ୍ୱେ ଯେହୁ କଲ୍ପନାରୁ ଯାଏ
'ମୁହିଁ ତାଙ୍କୁ ଜାଣେ' ବୋଲି ଧାଏ କଣ୍ଠସ୍ୱରେ !

Digitized by srujan ka@gmail.com

ଉତ୍ପୀଡ଼ିତ ଈଶ୍ୱର

କବର ଅନ୍ତର ତଳେ କେ ଯେହ୍ନ ଉତ୍ତରେ
"ହେ ଶିଶୁ-ସ୍ୱଭାବ-କବି, କହୁ ଯେ ବୁଝନା
ମୋହର ଅଶ୍ରୁ ଯେ କୋଟି ନୟନରୁ ଝରେ
ସ୍ଥାବରେ, ଜଙ୍ଗମେ ଘଟେ ମୂର୍ତ୍ତି ଯେ ଯାତନା !

ତମେ ତ ଜାଣନା କବି, କ୍ଷୁଦ୍ରତମ କୀଟେ
କେ କାହିଁ ଅଜ୍ଞାତେ ହେଲେ ଦେଲେହେଁ କଷଣ
ତାତହୁଁ ବେଦନା ଫୁଟି ମନ୍ତ୍ରେ ମୋର ଗତ୍ରେ,
କି ବୁଝିବ କି ମୋ ବ୍ୟଥା ନର-ନର୍ଯ୍ୟାତନ !

ଛଟେ, ବେୟୋନେଟେ, ଗୁଳି, ଛୁରିକା, ଉପାସେ,
ଯେ ଜୀବ ଯେଉଁଠି ମରେ ଘୋର ନର୍ଯ୍ୟାତନେ
ଅନ୍ୟାୟ ଯେ ଯହିଁ ସହେ କୋତକର ଶ୍ୱାସେ,
ସବୁ ତା ଭେରେ ମୁଁ ମୋର୍ ବକ୍ଷଠ ମରମେ ।

ସାର୍ବଭୌମ ମୋ ମରମ, ଜାଣ ତମେ କବି,
ରବିପାରେ ଧର-ଦୁଃଖ ନାହିଁ ଅନୁଭବି ?"

———

Digitized by srujan ka@gmail.com

ସାମାନ୍ୟ ସଞ୍ଚୟ

ମୂର୍ଖ ନର ଅତି ଯତ୍ନେ ନିଜ ଇତିହାସ
କରେ ଲିପିବଦ୍ଧ; କ୍ଷୁଦ୍ର ତାର ଅହଂକାର
ଲଭେ ମୃତ୍ୟୁ ପଶ୍ଚାତୋଷ, ଭାବ ଅବିନାଶ
ହେଲା ତାର ପରିତୁଷ୍ଟ । ହସେ ମହାକାଳ !

ହେ ଅନାଦି ମହାକାଳ, ଦନ୍ତେ ଦନ୍ତେ ତବ
କେତେ କୋଟି ସଭ୍ୟତାର ମରଣ-ଆସ୍ୱାଦ,
ତବ ସ୍କନ୍ଧେ କେତେ ବ୍ରହ୍ମାଣ୍ଡର ଶୁଷ୍କ ଶବ
ଅଦ୍ୟ-ମତ୍ତ ନର ନାହିଁ ରଖେ ସେ ସଂବାଦ !

ହେ ଶାଶ୍ୱତ, ତୁମ୍ଭର ଯେ ନାହିଁ ବର୍ତ୍ତମାନ,
ତୁମେ ଖାଲି ଭବିଷ୍ୟତ, ଅନାଦି ଅତୀତ,
ତୁମେ ଖାଲି ଘଟଣାର ସ୍ରୋତ ବହମାନ,
କହ କାହିଁ ରଖିବ ମୋ ସାମାନ୍ୟ ସଂଚିତ ?

ତମେ ଜାଣ ନିଃସ୍ୱ ମୁହିଁ, କିଛି ମୋର ନାହିଁ,
ଖାଲି ଏକ ଅଶ୍ରୁବିନ୍ଦୁ, ଧରା-ଦୁଃଖ ପାଇଁ ।

Digitized by srujan ka@gmail.com

ଅଶ୍ରୁର ହିସାବ

ହେ ନାଥ ! ଦେଇଛ ଯାହା ଏତେ ଅକାଂତରେ,
ଶ୍ରେଷ୍ଠ ତହିଁ ଏ ଦୁଃଖୀର ତପ୍ତ ନେତ୍ର-ବାରି,
ସେଇ ମୋର ଉପହାର ତୁମ୍ଭ ଶ୍ରୀଚରଣେ—
ହୃଦୟ-ମନ୍ଥନ ବ୍ୟଥା କରି ମୁକ୍ତା-ମାଳ ।

ଦରିଦ୍ର, ଅକ୍ଷମ, ପଙ୍ଗୁ, ମୂର୍ଖ, ଅଚତୁର
କାହାର କି ଉପକାର କଲି ଏ ଧରାରେ ?
ସ୍ଥାଣୁ ସମ ବସି ରହେ ବକ୍ଷ-ବ୍ୟଥାତୁର,
ହେ ନାଥ ! ଢାଳୁଛି ମାତ୍ର ଅଶ୍ରୁ ହାହାକାରେ ।

ସେ ଅଶ୍ରୁ ଲୋତକେ ନିଜ ମରମ-ବେଦନା
ମିଶିଥାଏ ନାଥ—ମୁଁ ଯେ ନିଜେ ଅଭିଶପ୍ତ,
ତବ ପଦତଳେ ମୋର ସେହି ଉପାସନା
ତରଳ, ସ୍ୱଚ୍ଛନ୍ଦ ଅଶ୍ରୁ—ଅନାବିଳ, ତପ୍ତ ।

ସେ ଯେ ମୋର ମୁକ୍ତାସ୍ମୃତି, ବେଦନା ଅମାପ
ପାଇବ କି କେବେ ତାର ହିସାବ-କିତାପ ?

Digitized by srujan ka@gmail.com

ଏକ ଓ ବହୁ

ନାନା ଧର୍ମ, ନାନା ଶାସ୍ତ୍ର, ନାନା ଦରଶନ
ପଢ଼ି ମାତ୍ର ଘୁରଘାନ୍ତ କଲା ମୋର ଶିରେ,
କସ୍ତୁରିକା ମୃଗ ସମ ଭ୍ରାନ୍ତ ଅନ୍ୱେଷଣ
କରି ମୁଁ ଫେରିଛୁ ଶେଷେ ତୁମ୍ଭ ସନ୍ନିଧିରେ ।

ପଣ୍ଡିତମ୍ମନ୍ୟଙ୍କ ପରି ତର୍କେ ମୁଁ ମାତିଛି,
ତୁମେ ଅଛ, ଅବା ନାହିଁ, ଦେଖ ବା ନ ଦେଖ
ଆମ ଦୁଃଖ ଦୈନନ୍ଦିନ,—ନ ଜାଣିଲି କିଛି,
ଜାଣିଲି ମାତ୍ରକ ତୁମେ ଏକ ଓ ଅନେକ ।

ହେ ମହା ଏକକ, ନିଜେ କରିଛ ପ୍ରକାଶ
ଅଗଣିତ ଅନେକରେ, ତନ୍ତୁଁ ତାର ଯାଏ,
ନାନା ଛନ୍ଦେ, ନାନା ରୂପେ ନିତ୍ୟ ତୁମ୍ଭ ରାସ,
ସୁଖ ଦୁଃଖ ଦୁଇ ତାରେ ତବ ବୀଣା ଗାଏ ।

ମୁଗ୍ଧ ହୋଇ ସୃଷ୍ଟି-କାବ୍ୟ କରୁଁ ଅଧ୍ୟୟନ
ଫିଙ୍ଗିଲିଣି ବହୁ ଦିନୁଁ ତତ୍ତ୍ୱ-ବ୍ୟାକରଣ ।

Digitized by srujan ka@gmail.com

ଅଶ୍ରୁମୁକ୍ତା

ପ୍ରବାସେ ବିଜନ-ବାସେ, ନିଶ୍ଚଳ ସନ୍ଧ୍ୟାରେ
ବସି ଭାବୁଁ, ଖସି ପଡ଼େ ନେତ୍ରୁ ଅଶ୍ରୁଧାର,
ମନ-ପକ୍ଷୀ ଡେଣା ଝଟକେ, ଯିବ ଦେଖି ତାରେ
ସୃଷ୍ଟିରୁ ଯେ ସାଜ ସୁଖ-ମାଞ୍ଜି ଗୋଟି ତାର

ଥିଲେ ପାଶେ ହୁଏ ଶକ୍ତି କଳହେ ଜୀବନ,
ପରସ୍ପରେ ଅଭିଯୋଗି 'ନିଷ୍ଠୁର' 'ନିର୍ମମ'
ସେହି ହେଲେ ଛଡ଼ାଛଡ଼ି, ବିଧୁର ଏ ମନ,
ହେବେ ଅପହୃତ-କ୍ରୀଡ଼ନକ-ଶିଶୁ ସମ ।

ପଣ୍ଡିତେ କହନ୍ତି ଏହା 'ମାୟା' ବୋଲି ସିନା,
ତମ ଶାସ୍ତ୍ରେ ଭିନ୍ନ ଅର୍ଥ ହେବ ଅନ୍ତର୍ଯ୍ୟାମି,
ଏ ଜଗତେ ଅଶ୍ରୁ କାନ୍ତି ତମ ସ୍ୱର୍ଗ ବିନା ?
ବିରହର ସ୍ରଷ୍ଟା ତମେ, ବେଦନାର ସ୍ୱାମୀ ।

ପ୍ରିୟ ଜନେ ସଁପିବାକୁ ଯୋଗ୍ୟ ଉପହାର
ଦେଇନା କି ଦାନହସ୍ତେ ଅଶ୍ରୁ-ମୋତି-ହାର ?

Digitized by srujan ka@gmail.com

ଗୁପ୍ତ ପ୍ରଣୟ

ଉଦ୍ୟାନରେ, ଜନସଂଘେ, ସଂସାରଗହଳେ
ତମେ ଆସି ମତେ କେବେ ନ ପକାଅ ଧସ,
ଭାବିବେ ପାଗଳ ମତେ, ହସିବେ ସକଳେ
ଗୋପନେ ଭେଟିବ ତେଣୁ ପ୍ରଣୟ-ପରସ ।

ମୁଁ ଗୃହେ ଆସିବ ତମେ ଗଭୀର ନିଶୀଥେ
ନିଶ୍ଚୟ ନ ଥିବେ, କାଳେ, ଶୁଣିବେ, ଦେଖିବେ,
ହୃଦ-ବଧୂ ଥିବ ଗୃହେଁ ଆଶଙ୍କିତ ଚିତ୍ତେ
କେଜାଣେ ତା ପ୍ରିୟ, ଦ୍ୱାର ଆସି ଆଘାତିବେ !

ଯଦି ଆସ, ଅଶ୍ରୀଭୂତ ଆନନ୍ଦ-ସଲିଳେ
ନାହିଁ ସେ ପାରିବ ଦେଖି; ପରଶ ତମର
ଦଅ ତାଳୁ, କର ଗୃହ ମସ୍ତକେ ସଧୀରେ,
କହିବ "ଆସିବ ପୁଣି" ପ୍ରାନ୍ତେ ଶ୍ରବଣର ।

ତମ ସାଥେ ଗୃହେ ଏହି ଗୋପନ ପ୍ରଣୟ
ପ୍ରକାଶ୍ୟରେ ତମ ସଙ୍ଗ ଉପେକ୍ଷିକା-ମୟ ।

Digitized by srujan ka@gmail.com

ଦର୍ଶନ-ଗୌରବ

ତୁମର ଆସିବା-ଯିବା ବାଟ ହେ ସମ୍ରାଟ
ଜମ ଦୃଷ୍ଟି-ଗାଚ ପାଇଁ କରନ୍ତୁ କେ କେତେ
ଦେବାଳୟ, ମସଜିଦ୍, ପାନ୍ଥଶାଳା, ଘାଟ,
ଦାନ, ଧର୍ମ, ତୀର୍ଥ-ଯାତ୍ରା, ଯାର ଶକ୍ତି ଯେତେ ।

ଭିକାରି ମୁଁ, ଏଇମାତ୍ର ଲୋକ-ମୁଖୁଁ ଜାଣେ,
ଏଇ ପଥେ ସମ୍ରାଟଙ୍କ ଗମନା ଗମନ,
ଭିକ୍ଷା ଭୁଲି ଠିଆ ହୁଏ ପଥେ ଏକ ସ୍ଥାନେ,
କପର ସମ୍ରାଟ, ଆହା, ହୁଅନ୍ତା ଦର୍ଶନ ।

ହେ କୋଟିଭୁବନପତି ନୁହେଁ ମୋ ବାସନା
ଅଟକବ ରଥ ଚକ, ଅକିଞ୍ଚନ ପାଇଁ,
ତୁମେ ଯାଅ ଜମ ପଥେ, ମୋ ଆଢ଼େ ନ ଅନା,
ଭିକାରି କୁବେର ହେଉ ଅନାଇ ଅନାଇ ।

ପରମ ସୁଖଦ, ଖାଲି ରହିବା ସୁନ୍ଦରେ
ରହେନା, ରହୁଁ ସେ ମୋହପର କୁହୁଡରେ ।

Digitized by srujan ka@gmail.com

ତୁମର ଅହଂକାର

ନେଲ ସବୁ ଅହଂକାର ଅଶ୍ରୁରେ ଭସାଇ
ବଞ୍ଚେ ମୁଁ କିପରି, ଅହଂମୟ ଏ ସଂସାରେ ?
ହେ ନାଥ, ନେଇଛ ମୋଠୁ ସମସ୍ତ ଛଡ଼ାଇ,
ନଃସ୍ୱର ଯେ ସ୍ଥାନ ନାହିଁ, ମାଟିର ଧରାରେ !

ଅନ୍ୟାୟ ତା ! ତଥ ମତେ କରୁଛ ପ୍ରତିଦାନ
ଲୁଡ଼ପାଅ ଅବା, ନାଥ, ଏକ ଅହଂକାର;
ତୁମର ସ୍ନେହର ଗର୍ବେ ବଁଚୁ ମୋର ପ୍ରାଣ,
ମୁକ୍ତା ହେଉ ନୟନରେ ମୋର ଅଶ୍ରୁ-ଧାର ।

ହେ ପରମ ପ୍ରିୟ ମମ, ତୁମର ପ୍ରଣୟ
ଏକାନ୍ତ ଭରସା ଆଜ, ଏକହିଁ ସମ୍ପଦ,
ସର୍ବ-ଶକ୍ତି ମୂର୍ତ୍ତି, ଆଜ, ତା'ଲାଗି ନିର୍ଭୟ,
ନ ଜଣ ସେ ଖରଦର ପବନ ଆନନ୍ଦ ।

ବଢ଼ାଅ ଏ ଅହଂକାର ଅଧିକୁ ଅଧିକ
ଅଶ୍ରୁ-ହବି ଢାଳି ଢାଳି ହେବି ମୁଁ ଯାଜ୍ଞିକ ।

———

Digitized by srujan ka@gmail.com

କ୍ଷୁଦ୍ର ପ୍ରୀତି

ଜାଣେ ମୁଁ ଯେହେତୁ ତୁମ୍ଭେ ଜଗତ ବିପୁଳ,
ସମସ୍ତେ ଭଲ ପାଅ, କ୍ଷୁଦ୍ର, ନଗଣ୍ୟରେ
ଗହନ ଅରଣ୍ୟେ ଯହିଁ ଫୁଟୁ ଶ୍ରେଷ୍ଠ ଫୁଲ
ତୁମ୍ଭର ଜଗତ ସୂର୍ଯ୍ୟ ସେବା ତାର କରେ ।

ବାଟେ ଯାଉଁ ଗୋଠାଇଲି କ୍ଷୁଦ୍ର ପକ୍ଷୀ-ସ୍ୱର
ନ ଚକ୍‌କଣ, ନାନା ବର୍ଣ୍ଣେ କେମନ୍ତେ ଶୋଭଣ !
କୋଟି କୋଟି ମହାବିଶ୍ୱ ରଚେ ଯେଉଁ କର,
ସେ ପୁଣି କରଇ ଏଣ୍ଡ ବାଳକ-କ୍ରୀଡ଼ନ ?

ସେଇ ତ ଭରସା ମମ । ରାଜରାଜେଶ୍ୱର
ଅଟ ତୁମ୍ଭେ, ହୀନତମ ମୁଁ ଅଜ୍ଞାନତମ
ପଡ଼ିଛି ଅଜ୍ଞାତ କୋଣେ ଜଗତ ବିଶ୍ୱର;
ଜନ୍ମୁ ଆଶା, ପାଇବି ମୁଁ ପରଶ ପରମ ।

କେବେ ହେଲେ କର ପୃଷ୍ଠେ ଅଙ୍ଗୁଳି ସଂସ୍କର
ହେ ଜଗତ, ମାନ ରଖ, ମୋର କ୍ଷୁଦ୍ରତାର ।

Digitized by srujan ka@gmail.com

ଜନ୍ମ ଜନ୍ମାନ୍ତର

ଜନ୍ମେ ଜନ୍ମେ କରିଛୁ ଯା' ଯେତେ ଅନ୍ୱେଷଣ
ତୃପ୍ତି ଖୋଜି ଏଣେ ତେଣେ ଧାଇଁଥିବ ଯାହା
ବାସନାର ଚରିତାର୍ଥେ ଯେତେକ ସାଧନ,
ସେ ସବୁ ହେନାଥ, ତତେ ଖୋଜିବାର ସ୍ପୃହା ।

ଧନେ, ମାନେ, ଯଶେ, କାନ୍ତ କାମିନୀନୟନେ,
ହେ ପ୍ରିୟ, ତୁମରେ ସିନା ଖୋଜିଛି ମୁଁ ସତ
ଚୁମ୍ବିଛି, ସୁନ୍ଦର ତତେ ଆନର ଆନନେ,
ନାନା ଦୁଃଖେ ତୋହ ଲାଗି ଢାଳିଅଛି ମତ ।

ଲୁବ୍ଧଜୀବ ନାନାପଥେ ଖୋଜିଅଛି ବାଟ
କାହିଁ ସେ ପାଇବ ତାର ତୃପ୍ତି ଅପହୃତ,
ଆଘାତିଛି ଖୋଲିବାକୁ ଅଗଣ କବାଟ,
କିଏ ତାକୁ ଦେବ ସେଣ୍ଠୁ ବସ୍ମୃତ ଅମୃତ

ନାନା-ଫୁଲ-ମାଳା ମୋର ଜନ୍ମଜନ୍ମାନ୍ତର
ଭେଟି ଦେଖିବାକୁ ଶେଷେ ଚରଣ ପ୍ରିୟର ।

Digitized by srujan ka@gmail.com

ନବୋଧର ଅଧିକାର

ନାହିଁ ଜ୍ଞାନ, ନାହିଁ କର୍ମ, ଧ୍ୟାନ, ଅକିଞ୍ଚନ
କେ ଯେବେ ହୋଇବ ମୋର ଦେବ-ଦରଶନ ?

ଭାଗ୍ୟବାନ କେତେ ସବୁ ଯାନ୍ତି ପଥେ ପଥେ
ଦେବତାମନ୍ଦିରେ, ଚଢ଼ି ନିଜ ନିଜ ରଥେ,
ସାଥେ ତାଙ୍କ ନାନା ଦ୍ରବ୍ୟ, ନାନା ଉପହାର,
ଶୂନ୍ୟ-ହସ୍ତେ ଯିବେ, କାହିଁ ମୋର ଅଧିକାର ?

କିନ୍ତୁ ଯା ଦର୍ଶନ ଲାଗି ପ୍ରେମିକ ଲାଳସୀ
ନାନା ଚଟୁ ଅନୁନୟେ ତୋଷଇ ପ୍ରେୟସୀ,
ଅଙ୍କ-ଶିଶୁ ଖେଳେ ଯେବେ ସେହି ପୟୋଧର,
ତେଣୁ ଯିବେଁ, ଦାବୀ ଅଛି ଅଙ୍କ, ନବୋଧର ।

ଶିଶୁ ଯେହ୍ନେ ଡାକେ ମାତେ, ମୁହିଁ ସେହିପରି
ଡାକୁଛି ତୁମରେ କେତେ ଏକାନ୍ତ ନିର୍ଭରି;
ଶିଶୁର ଜନନୀ ବକ୍ଷେ ଯେଉଁ ଅଧିକାର
ତୋ ପଦେ ତାହାହିଁ ମାଗେ ମୋର ଅଶ୍ରୁଧାର ।

Digitized by srujan ka@gmail.com

ପାନ୍ଥ-ଗାଥା

୧

ସମର ବିଧ୍ୱସ୍ତ ଧରା, ଦୁଃଖମୟ କାଳ,
ଶିବିରୁଁ ଶିବିରତର ଆଜ ଜୀବନ-ସଂଗ୍ରାମ,
ସ୍ଥାଣୁ କରେ ମାନବରେ ବଞ୍ଚିବା-ଜଞ୍ଜାଳ
କେବଳ କାର କାନ୍ତି, କରେ ଈଶ୍ୱରେ ପ୍ରଣାମ ?

୨

ବିଜୟୀ ବିଜିତ-ଦଳ ବର୍ଣ୍ଣନେ ବ୍ୟାପୃତ,
ଉତ୍କଣ୍ଠ ସକଳ ଦେଶେ ମୃତ୍ୟୁର ଈଗଲ
କେ ପଙ୍କରେ କେ ବୁଭୁକ୍ଷୁ, ଜୀବିତ ବା ମୃତ
ସର୍ବ ମୁଖୁଁ ନିଃସରଇ ବିବାଦ-ଗରଳ ।

Digitized by srujan ka@gmail.com

୩

ଏଇ ତ ହୋଇଛୁ ଶେଷ ମରଣ-ତାଣ୍ଡବ,
ଦେଶେ ଦେଶେ ନରମେଧ ବଣିଷ୍ଟିକାମୟ
ଦେଖିଲୁଁ ଉଠିବା ଶକ୍ତି ମନ୍ଥି ଜୀବାର୍ଣ୍ଣବ
ବଂଶ ହସ୍ତେ ନାଶ-ବେଦ, ଧ୍ୱଂସ-ଅସ୍ତ୍ରଚୟ ।

୪

ଦେଖିଲେହେଁ ବଣ୍ଟୁ-ସ୍ୱାର୍ଥ ସେ ରକ୍ତ-ନାଟକ,
ପୁଣି ମତ୍ତ ବ୍ୟକ୍ତି, ଜାତି, ପ୍ରାଚୀନ ସ୍ୱବାଦେ—
ଅନ୍ୟ ମାଥେ ପାଦ ରଖି କେ ହେବ ଶାସକ !
ଅହଂକାରେ ପୁଣି ସର୍ବେ ପଶନ୍ତି ପ୍ରମାଦେ ।

୫

ହେ ଧର୍ମପଥର ପାନ୍ଥ, ଠିଆ ହୁଅ ଭାଇ,
ଶୁଣ ଦଣ୍ଡେ କବିମୁଖୁଁ ଛନ୍ଦ ଦୁଇ ପଦ,
ଯାହା କର, ଶ୍ମଶାନୁଁ କି ପାରିବ ପଳାଇ ?
ସବୁ ଆଡ଼ମ୍ବର ଛନ୍ଦିଁ ଜାଣ ତ ସ୍ତବଧ ?

୬

ଆସିଛ ପ୍ରବାସି-ଯାତ୍ରି, ଧର୍ମ-ପାନ୍ଥଶାଳେ,
କପାଁ ଭାବ ତୁମର ଏ ଚିରବାସ ବୋଲି
ତେଣୁ ତ ଧରଣୀ ଜର୍ଜ୍ଜରିତ ରକ୍ତସ୍ରୋତେ,
ବୃଥା-ଶ୍ରମ-ଧୂଳି ହୁଅ ଶସ୍ତ୍ରଭରେ ବୋଲି !

Digitized by srujan ka@gmail.com

୭

କି ଲୋଭେ ପରରେ ଦିଅ ଝୁରି ନିର୍ଯ୍ୟାତନା,
ଯା ପାଅ ଶେଷରେ, ତାହା ବସ୍ତୁ ଅବା ଛାଇ ?
ବୁଝି ମଧ୍ୟ ନାହିଁ କର ଆତ୍ମ-ପ୍ରତାରଣା,
ସବୁ କାମ କର ଭାଇ, ବିବେକ ଖଟାଇ ।

୮

ସୂଚୀବିଦ୍ଧ ହେଲେ ହୁଏ ଯାତନା ଦୁସ୍ସହ,
ନିଜପାଇଁ ଭଲ ଖାଦ୍ୟ, ବାସେ ଉଚ୍ଚ ଆଶ,
ସମ ଆଶା, ଅନୁଭୂତ ଅନ୍ୟ ପ୍ରାଣୀଙ୍କର
ଭୁଲିବାରୁ, ଏ ଜଗତ ହୁଏ ଦୁଃଖବାସ ।

୯

କର ଭୋଗ ଧର୍ମ-ସୁଖ; ମୁଁ ଜାଓଣି ଈଶ୍ୱର
ସୃଜିଲେ ସୁନ୍ଦର ବସ୍ତୁ ଜୀବ-ଭୋଗପାଇଁ
ନ ହେଲେ କିପାଇଁ ଥାନ୍ତା ଗନ୍ଧ କୁସୁମର,
ଯୁବତୀର ନୟନରେ ଆକାଶର ଛାଇ !

୧୦

କେ କି ଭାବେ କିନ୍ତୁ, ଏଥି ସୁଖୀ ହେବା ପାଇଁ
କେତେ ଅଳ୍ପ ଦ୍ରବ୍ୟ ଲୋଡ଼ା ! ଦୀନ ତା କୁଟୀରେ
ଲଭଇ ଯେ ସୁଖ ସ୍ୱେଦ-ଜାତ ଅନ୍ନ ଖାଇ,
ନାହିଁ ପାଏ ଧନପତି ଜଗତରେ ଥାଇ !

Digitized by srujan ka@gmail.com

୧୧

ସ୍ୱଶ୍ରମ-ଲବଧ ଅନ୍ନ, ସଖୀ ସ୍ନେହବନ୍ତ
ସଂଗୀତ ସାହିତ୍ୟ ସେବା, ନୀରୋଗ ଶରୀର
ଅଋଣୀ, ଅପରାଧୀନ, ସତ୍ୟ-ଯୁକ୍ତ-ମତ
ଏଠାରୁଁ କି ବଡ଼ ଭୋଗ ଅଛି ପୃଥିବୀର ?

୧୨

ଗାଢ଼ ଗାଢ଼ ଶାସ୍ତ୍ର ପଢ଼ି ଶିଖିଛୁ ମୁଁ ଶେଷେ
ଦୁଇ ସାର କଥା—ଜ୍ଞାନ, ପର-ଉପକାର,
ଅଜ୍ଞତାରୁଁ ଦୁଃଖ ହୋଇ ଆସେ ନାନା ବେଶେ
ସ୍ୱାର୍ଥରୁଁ ପ୍ରଥମ ବୀଜ ସର୍ବ ଯନ୍ତ୍ରଣାର ।

୧୩

ପ୍ରକୃତିର ଗନ୍ତାଘର ଫିଟିବ କେବଳ
ବୁଦ୍ଧି-ଉସାଣିତ ନର-ଜ୍ଞାନ-କୁଞ୍ଚିକାରେ
ସେ ଜ୍ଞାନେ କର ହେ ଧରାବାସ ସୁଖକର,
ମୂର୍ଖତା କେବଳ ହାତ ମାଡ଼ିବା କପାଳେ ।

୧୪

ଜ୍ଞାନ, କର୍ମ ଏକ ନବ, କଲେ ସ୍ୱାର୍ଥତ୍ୟାଗ,
ନ ମିଳନ୍ତା କଡ଼ା ଭୋଗ ଭାଗ୍ୟ ସଜ୍ଜନର ?
କଥାଁ ଯୁଗେ ଯୁଗେ ହୋନ୍ତା ନରମେଧ ଯାଗ,
ନରଜନ୍ମେ, [illegible] କୀର୍ତ୍ତି ଧରାତଳ ?

Digitized by srujan ka@gmail.com

୧୫

ସତ୍ୟ ବଡ଼, ଦେଶ, ଜାତି, ଶାସ୍ତ୍ର, ନେଇଠାରୁ
ସେବା ସମ ନାହିଁ ଯଜ୍ଞ, ନାହିଁ ଉପାସନା,
ନାହିଁ ଅପକର୍ମ ଜୀବେ କଷଣ ଦେବାରୁ,
ଧର୍ମ, ଦେଶ ନାମେ ତେବା ନରେ କଦର୍ଥନା ।

୧୬

ଏ ଧରା, ମନୁଷ୍ୟ ଜାତି ଏକ ପିତାଙ୍କର,
କଳା, ଗୋର, ପୀତ, ରକ୍ତ ସର୍ବେ ଭାଇ ଭାଇ
ସ୍ରଷ୍ଟାଙ୍କର ନଦନଦୀ, ଭୂଧର, ସାଗର,
ଦେଖୁଛ କି ଅଂଶୀକୃତ କାହିଁ କାହାପାଇଁ ?

୧୭

ସର୍ବେ ନାଗରଭୂଁ କାଚ, ସମାପ୍ତ ଶ୍ମଶାନେ;
ପୂର୍ବ, ପର ଜଣା ନାହିଁ, ମଧ୍ୟେ ଯେତେ କଳ,
ଚିରନ୍ତନ ଭବ ଧରା-ଜୀବନ ଅଜ୍ଞାନେ,
ସତ୍ୟ, ସୁଖ, ଶାଶ୍ୱତକୁ ବଅ କର୍ପା ବଳ ?

୧୮

ସବୁବେଳେ ନମ୍ର-ଦୃଷ୍ଟି, ହେ ନର, ଅନାଅ
ବେଳେ ଊର୍ଦ୍ଧ୍ୱ ମହାକାଶେ, ତାରକା-ଖଚିତ,
ମହତରେ ଦେଖି ତହିଁ, କ୍ଷୁଦ୍ରତା ଛଡ଼ାଅ,
ଉଦାରେ ମିଶାଅ ନିଜ ଆତ୍ମା ସଂକୁଚିତ ।

Digitized by srujan ka@gmail.com

୧୯

ଛନ୍ଦିଁ ଧାଏଁ କୋଟି କୋଟି ସୂର୍ଯ୍ୟ-ପରିବାର
ଚନ୍ଦ୍ରାଶ୍ରିତ ବେଗେ ଅନ୍ତହୀନ ବିହାୟସେ,
କି ଲକ୍ଷ୍ୟ, କେ ନାହିଁ ଜାଣେ, ଆଦେଶେ କାହାର
ନ ଭରିବ କା ଚିତ୍ତ, ସେ ଦୃଶ୍ୟ ଦିବ୍ୟ ରସେ ?

୨୦

ଅଗଣ ସେ ବିଶ୍ୱ ମେଳେ ଆମ ଏ ଧରଣୀ,
ହିମାଳୟ-ପଦ-ଲଗ୍ନ ସର୍ଷପ ସମାନ,
ସେ ପୋଷିଛେ କେମନ୍ତି ଆମ ଅହଂର ଫଣୀ,
କୀଟ ବୃଥେ କୀଟଠାରୁ ଭୟ ଓ ସମ୍ମାନ ।

୨୧

ଯୁଗେ ଯୁଗେ ଯେତେ ଜ୍ଞାନୀ ବୁଦ୍ଧି-ନିଃଶ୍ରେଣୀରେ
ଗଲେ ଊର୍ଦ୍ଧ୍ୱେ କଳିବାକୁ ସୃଷ୍ଟି ଆଦି, ଅନ୍ତ
ହେଲା ଶେଷ ତାଙ୍କ ଚେଷ୍ଟା 'ନେତି' 'ନେତି' ଗୀରେ,
ଏବେ ମଧ୍ୟ ରହସ୍ୟରେ ଆବୃତ ସମସ୍ତ ।

୨୨

କିନ୍ତୁ ସେ ରହସ୍ୟ, ଖୋଲେ ମୂର୍ଖୁଁ ଆବରଣ
ଯଦି କେଷ୍ଟ ଆଢାରଇ ତାର ବାତାୟନେ
ନିଶୀଥ-ପ୍ରେମିକ ପରି; ନିଃଶେଷେ ବର୍ଜନ
କରି, ଯାହା ଭୋଗ୍ୟ ବୋଲି ଭାବଥାନ୍ତି ଜନେ ।

Digitized by srujan ka@gmail.com

୧୩

ଦୂରେ ନାହିଁ, ନାହିଁ ସେ ଯେ ଲୁଚି ଅନ୍ତରାଳେ,
ସେ ଯେ ଊର୍ଦ୍ଧ୍ୱେ, ନିମ୍ନେ, ଆଗେ, ପଛେ ପ୍ରକାଶିତ
ବସନ୍ତେ କିଏ ସେ ନବ ଜୀବନ ସଂଗ୍ଳରେ ?
କୁସୁମକୁ ବର୍ଣ୍ଣେ ଗନ୍ଧେ କରେ ବିଭୂଷିତ ?

୧୪

ଜୀବର କଲ୍ୟାଣପାଇଁ ବୀଜରୂପେ ଫାଟି
ଉଠେ ସେ ଖେଳାଇ ଶ୍ୟାମ-କେଦାରେ ଲହରୀ,
ଶସ୍ୟ ହୋଇ ଶୁଖେ ଆପେ, କୃଷୀ ନିଏ କାଟି,
ବଞ୍ଚୁ ଆମେ ସେ ଈଶ୍ୱରେ ଉଦରରେ ଭରି ।

୧୫

ଏସନେ ସେ ଅହରହ ନିତ୍ୟ କର୍ମେ ମରେ,
ଲାଗିଅଛି ପରମର ସୃଜନ ଓ କ୍ଷୟ,
ସେହି ସୁଖ, ସେହି ପୁଣି ଅଶ୍ରୁ ହୋଇ ଝରେ,
ଅର୍ଥହୀନ ହେବ କି ଏ ମହା-ଅଭିନୟ ?

୧୬

ବେଦନା ବୋଲି ଯା ଦିଶେ ନେହେ ବର୍ତ୍ତମାନ,
ସୁଖର ଅବନ୍ଧ୍ୟ ବୀଜ, ନିଶ୍ଚେ ତା ଫଳିବ
ଅନ୍ୟକାଳେ, ଅନ୍ୟ ସ୍ଥାନେ । ଏବ ତନୁ, ମାନ
କେ ନ ଜାଣେ ଯଥାକାଳେ ଧୂଳିରେ ମିଶିବ ?

Digitized by srujan ka@gmail.com

୨୭

ଅଲଂଘ୍ୟ ନିୟମ ଜାଲେ ବନ୍ଧା ସେ ଈଶ୍ୱର
ଆପଣା ନିର୍ଦ୍ଦିଷ୍ଟକ୍ରମେ ଆସେ ତାଙ୍କ ରଥ,
ସୁଖ, ଦୁଖ, ଭଙ୍ଗା, ଗଢ଼ା, ଚକ୍ର ସେ ରଥର,
ଧୂଣ୍ଣ-ରେଣୁ ମହାକାଳ ତାଙ୍କ ରାଜପଥ ।

୨୮

କେ ଧରାପ୍ରବାସି-ନର, ଏ ଶ୍ରେଷ୍ଠ ଧରଣୀ
ଯାର ଆଦ୍ୟ, ମଧ୍ୟ, ଶେଷ ଧରିଛ ଆଙ୍କଡ଼ି
ମନ ଜ୍ଞାନେ ମାତ୍ର କର୍ଷା ସ୍ରଷ୍ଟାର କରଣି ?
ଅଗଣ ଧରଣୀ ସ୍ରଷ୍ଟା ରଖିଛନ୍ତି ଗଢ଼ି !

୨୯

ନ ଦେଖିଛ ଯେ ସୁଷମା, ଶୁଣିନା ଶ୍ରବଣେ
ଯେ ସଂଗୀତ, ନ ପଢ଼ିଛ ଯେ କାବ୍ୟ ମଧୁର
ଲୋକେ ଲୋକେ ଅଛି ତାହା ସ୍ଥୂଳ ସୂକ୍ଷ୍ମ କ୍ରମେ,
ଅଜ୍ଞାତା ଭାବନା ସବୁ ଏ ମାଟିରେ ଠୁଳ ।

୩୦

ଦେଖୁଁ ଦେଖୁଁ ଯହିଁ ପ୍ରିୟା କନକ କପୋଳ
ପଡ଼ଇ ଝାଉଁଳି, ଓଠୁ ଲାଳିତ୍ୟ ଉଭାଏ,
ଆଖି ଆଗେ ଯଉବନ ହରେ କାଳ-ଚୋର,
କବି ଯହିଁ ମାନବର ବେଦନାକୁଁ ଗାଏ ।

Digitized by srujan ka@gmail.com

୩୧

କ ହେଉଛୁ ରେ ସେ ମୃତ୍ତିକା ଏତେ ନୈଇମ୍ପ୍ୟ ?
ଅକାରଣେ ନ କର ହେ ଆତ୍ମ-ପ୍ରତାରଣା !
ଧସ୍ୱର ଦେବାର ଯାହା ଆନନ୍ଦେ ତା ନଅ,
ମୂଢ଼ତା, କ୍ଷଣକ ଲଗି ହେବା କ୍ଷାନ-କଣା ।

୩୨

ପଥଭ୍ରାନ୍ତ ହୁଏ ପାନ୍ଥ, ପୃଥ୍ୱୀଙ୍କର ଦାନେ
ମଗ୍ନ ହୋଇ ଭୁଲେ ଯେବେ ସର୍ବ-ଦାନ-ମୂଳ
ସ୍ରଷ୍ଟାରେ । ନଶ୍ୱର ଯଦ ଆତ୍ମ-ଅଭିମାନେ
କର୍ଣ୍ଣରେ ବନ୍ଧନ ଭାବେ, ହେବ କେଉଁ କୂଳ ?

୩୩

ଈଶ୍ୱରେ ଆତ୍ମର ବାସ, ଖୋଜିଛୁ ଈଶ୍ୱରେ,
ହୋଇଛୁ ଏ ଧର୍ମ ତାଙ୍କ-ପ୍ରବର୍ତ୍ତ ଇଚ୍ଛାୟେ,
ତାଙ୍କଠୁ ଲଭିଥା ଯାଏ ସେତୁ ସର୍ବ ସ୍ଥଳେ,
ସେହି ଧନ, ସେହି ପ୍ରିୟା, ସେ ବନ୍ଧୁ, ଅମୀୟେ ।

୩୪

କହୁ ସେହି ମୂର୍ଖ, ଯେହୁ ଭାବେ ସେ ଈଶ୍ୱର
କରାଇବେ ପ୍ରତି କାମ ଗୃହ-ଗୁରୁ ପର,
ସଂପଦ ଥୋଇବେ ଆଣି ଧାନଜନ-କରେ,
ମଦ୍ୟପେ ତୋଷିବେ ସ୍ୱୟଂ ମଦ୍ୟ-ପାତ୍ର ଧରି ।

Digitized by srujan ka@gmail.com

୩୫

ଚେଷ୍ଟା ଓ ପ୍ରକାଶ ଦୁଇ, ସୃଷ୍ଟିର ନିୟମ,
ଶିଶୁ ହୁଏ ମହାବୀର, ଅଜ୍ଞାନ ପଣ୍ଡିତ,
ଦରିଦ୍ର ହୋଇବ ପୁଣି ଧନର ପରମ
ତାମସ-ଜୀବନ ହେବ ସତ୍ତ୍ୱ-ବିଭୂଷିତ ।

୩୬

ଗଉରବ ଆତ୍ମା-ଯତ୍ନେ ପତନୁଁ ଉଠିବା
ପଉରୁଷ ନୁହେଁ ଦେବା ଗଢ଼ା-ମୂର୍ତ୍ତି ପଣ,
ସୁଖ, ନିଜ ସ୍ୱେଦେ ନିଜ ଅନ୍ନ ଅରଜିବା
ପିବା ନିଜ ଦୁଃଖ ନିଜ ବାହୁରେ ସନ୍ତରି ।

୩୭

ତେଣୁ ଏତେ ଭୁଲ୍-ମୟ ମାନବ-ଜୀବନ
ଏତେ ବଙ୍କା ଟଙ୍କା ନର-ପ୍ରକାଶର ପଥ,
ଯୁଗେ ଯୁଗେ, ସଦା ଆଗେ ତାଙ୍କର ଆସନ
ଆତ୍ମ-ଚେଷ୍ଟା-ଅଶ୍ୱ ବଳେ ଚଳେ ଯାଙ୍କ ରଥ ।

୩୮

ଏକେଶ୍ୱର ଉପାସକ ମାମୁଦ-ଗଜନି
ଦେଖ ଭଙ୍ଗେ ସୋମନାଥ ମନ୍ଦିର ପ୍ରାଚୀର,
ପୁରୋହିତେ ଝଳପନ୍ତି ଯେସନେ ରମଣୀ,
ମୁଣ୍ଡ କୋଢ଼ି, 'ହାନ୍ତି' କହି, ଚରଣେ ମୂର୍ତ୍ତିର ।

Digitized by srujan ka@gmail.com

୩୯

ବିଧାତା କି ଏଡ଼େ ମୂର୍ଖ, ବିଜୟ-ତିଳକ
ନ ଦିଅନ୍ତେ କର୍ମ-ଦୃପ୍ତ ମୁସଲମାନରେ ?
କି ନୟନେ ସେ ବିରାଟ-ବିଶ୍ୱର ଚାଳକ
ବିଜୟୀ କରନ୍ତେ ଠକ ପୁରୋହିତ ଦଳେ ?

୪୦

ଯେ ଅଛ ଅଳସ, ଅଜ୍ଞ, ଦୁର୍ବଳ ପଥିକ,
ଉଠ ଭାଇ, ଈଶ୍ୱରଙ୍କୁ ଜଗାଅ ଅନ୍ତରେ,
ମାନବର ଦେହ-ମନୁଁ କି ଅଛି ଅଧିକ ?
ତାହାର ବିକାଶ-ବୃଦ୍ଧି କର ସ୍ତରେ ସ୍ତରେ ।

୪୧

ଜାଗ୍ରତ ଈଶ୍ୱର ହେବ ତୃତୀୟ ନୟନ,
ସେ ନୟନେ ସତ୍ୟ-ମିଥ୍ୟା-ପ୍ରଭେଦ ଦିଶିବ,
କର୍ମ କର, ଛାଡ଼ ଶୁଷ୍କ ନାମ-ପାରାୟଣ,
ସର୍ବବିଧ କଲ୍ୟାଣରେ ଧରଣୀ ହସିବ ।

୪୨

କର ଭୋଗ, ଭଲ, ମନ୍ଦ ଉଭୟ ବିସ୍ତର,
ସଂଯମେ ଲଭଇ ଆତ୍ମା ବିମଳ ବିକାଶ,
ସ୍ଥୂଳରୁ ଦୂରେଇ ଚିତ୍ତ, ସୂକ୍ଷ୍ମରେ ପ୍ରସାର,
ଜ୍ଞାନ-ଦୀପ ଜାଳି ଚିତ୍ତେ, ତମ କର ନାଶ ।

Digitized by srujan ka@gmail.com

୪୩

ନିଜ ମନେ ଗଢ଼ ଯାଉଛ ! ସ୍ଥୂଳୁଁ, କ୍ଷଣିକରୁ
ଓଟାର ନିଯୋଗ ଛାଡ଼ି ସୂକ୍ଷ୍ମ ଆନନ୍ଦରେ,
ଦେଖିବ ବିଲୋପ ହେବ ବିବାଦ ବିଶ୍ୱରୁ
ସର୍ବ ଧର୍ମ, ଜାତି, ବ୍ୟକ୍ତି, ଏକ ସୂକ୍ଷ୍ମ-ସୂତ୍ରରେ ।

୪୪

ସେହି ମନ ଦୃଢ଼ କର ହୀନତ୍ୱ ଘୁଞ୍ଚାଅ
ବେଦ, ପୂଜା, ଶାସ୍ତ୍ର, ଭାଗ୍ୟ, ପୁରୋହିତଙ୍କର
ଦାସତ୍ୱର ସୁପ୍ରାଚୀନ ଖୋଳପା ଫିଟାଅ,
ଜାଣ ନିଜେ ସତ୍ୟେ ତୁମେ ପୁତ୍ର ଈଶ୍ୱରର ।

୪୫

କେ ହିନ୍ଦୁ, ଖ୍ରୀଷ୍ଟାନ, ବୌଦ୍ଧ, କିଏ ମୁସଲ୍‌ମାନ୍
କେ ନିରାମିଷାଶୀ, କିଏ ଉପବାସଧାରୀ
ବିଶ୍ୱେଶ୍ୱର ଆଗେ ଏ ଯେ ପିଲା-ଖେଳମାନ,
ବୃଥା ଦ୍ୱନ୍ଦ୍ୱ କେ କାଫେର୍, ବ୍ରାହ୍ମ ବା ସାକାରୀ ।

୪୬

ଜୀବନ ସୁନ୍ଦର କର ଖଟାଇ ବିସ୍ତର,
ଲଗାଇ ବୁଦ୍ଧି ଓ ବାହୁ ବେଗ ଧରଣୀରେ
ନ ଡାକିଲେ ଅନ୍ୟ, ତମ ଯୋଗୁ ନେହୁ ଧାର,
ସବୁ ଠିକ୍,—ମର ଯାଉ, ସୁଖେ ଏ ମାଟିରେ ।

Digitized by srujan ka@gmail.com

୪୭

ଆସ ଭାଇ, ଶ୍ୱେତ, କୃଷ୍ଣ, ଲୋହିତ, ପିଙ୍ଗଳ,
ହିନ୍ଦୁ, ବୌଦ୍ଧ, ଜୈନ, ପାର୍ଶି, ଖ୍ରୀଷ୍ଟ, ମୁସଲ୍‌ମାନ,
ବିଶୁଦ୍ଧ, ସଙ୍କର—ଧର୍ମ-ପଥ-ଯାତ୍ରୀଦଳ,
ଭୁଲ ଶ୍ରେଷ୍ଠ ସ୍ୱାର୍ଥ, କର ଦ୍ୱନ୍ଦ୍ୱ ଅବସାନ ।

୪୮

ଖୋଲ ଭାଇ ମନ୍ଦୁଁ, ମୁର୍ଖୁଁ, ମୁଖା ଉଲ୍ଲଚାର,
ପରସ୍ପରେ ହୃଦ୍ଦୁଁ ଦେଖ, ସର୍ବେ ଭାଇ ଭାଇ;
ସର୍ବେ ଆମେ ପୁତ୍ର, କନ୍ୟା, ଏକ ବିଧାତାର,
ଏଣୁତ୍, ଣ୍ଣଣାନେ ସର୍ବେ ସମାନ କି ନାହିଁ ?

୪୯

ସମସ୍ତେ ଈଶ୍ୱର-ପୁତ୍ର, ସମସ୍ତେ ସମାନ,
ସମସ୍ତଙ୍କ ଧର୍ମକ୍ଷେତ୍ରେ ସମ ଅଧିକାର,
ପରମପିତାଙ୍କୁ ସେ ଯେ ଘୋର ଅପମାନ,
ଅନ୍ୟେ ଯଦି ପୀଡ଼େ ତବ ଅଜ୍ଞ ଅହଂକାର ।

୫୦

ପ୍ରତ୍ୟେକେ ସ୍ୱାଧୀନ, ସଭ୍ୟ,—କିନ୍ତୁ ପରସ୍ପରେ
ମଧୁ-ସ୍ପର୍ଶ ରହୁ ମୈତ୍ରୀ, ସମବେଦନାର
ସ୍ୱର୍ଗ ହେବ ପ୍ରତିଷ୍ଠିତ, ତେବେ ଧରା ପରେ
ତା ନ ହେଲେ ବୃଥା ଯେତେ ବକ୍ତୃତା ବିସ୍ତର ।

Digitized by srujan ka@gmail.com

ସ୍ୱର୍ଗଚ୍ୟୁତି

ଏଇ ତ ସେଦିନ ମତେ, ଗଛ, ଲତା, ଫୁଲ, ବାୟୁ
କଥା କହୁଥିଲେ ପରା !—ନିତି ନିତି ଗୀତ ଗାହୁ,
ମନଘର ପିଞ୍ଜରରୁ ଖୋଲି କୋଳେ ପ୍ରକୃତିର,
ଧାଉଁଥିଲି ଦେଖିବାକୁ ମାୟାରୂପ ଧରଣୀର ।

ଘାସ ମାନେ ଶିଶିରର ତରଳ ମୌକ୍ତିକ ଶୋଭା
ଦେଖି ସେବେ ଶିଶୁ ମନ ହେଉଥିଲା ଯାହା ଲୋଭା;
ଆଜ ଦେଖି ଦେଖି ଆଖେ ନାନା ଯାଦୁ ସମ୍ଭାର
ସେ ଆନନ୍ଦ, ଉଲ୍ଲାଠନ, ତୃପ୍ତି କାହିଁ ଏ ଆତ୍ମାର ?

କି ଦେଲ ଜୀବନ-ନାଥ, ବୟସ ବଢ଼ନ୍ତି ସାଥେ;
ସ୍ୱର୍ଗ ମୋର ନେଲ କାଢ଼ି, ଜ୍ଞାନ-ଫଳ ଦେଇ ହାତେ ।
କି ବିଶ୍ୱାସ ଥିଲା ତତେ — ଜନ୍ତୁ, ଜନ, କାହାଣୀର
ଜୀଇ ଉଠି ଶିଶୁମନ, ନାହିଁ ରଖୁଥିଲେ ସ୍ଥିର;

ସାଧବ ପୁଅକୁ ମେଷ, କଲା ମନ୍ତ୍ରେ ମାନ୍ତ୍ରୁଆଣୀ;
କାନ୍ଦନ୍ତି ଅଶୋକ ବନେ ଆହା ସୀତା ଠାକୁରାଣୀ;
ସେ ଲାଗି ଯେ ସମଦୁଃଖ, ଜୀବନେ ତା ଆଉ କାହିଁ ?
ସେ ମଧୁର କଳ୍ପଲୋକ ହରାଇଲି କାହିଁପାଇଁ ?

Digitized by srujan ka@gmail.com

ଦେବ ଦେବୀ ଥିଲେ ପାଖେ, ସ୍ୱର୍ଗ ଥିଲା ମଥାପରେ
ରଚନାରେ ସତ୍ୟ ଥିଲା, କୌତୂହଳ ନୟନରେ,
ଜନ୍ମ ଥିଲା ଅଦ୍ଭୁତ, ଥିଲା ପ୍ରାଣ ସୁକୋମଳ
ଜଗତ ବି ଦିଶୁଥିଲା ଆନନ୍ଦ-ମଧୁରସ୍ଥଳ ।

ସବୁ ଆଜି ବିପରୀତ, କ୍ଲିନ୍ନ, ରୁକ୍ଷ, ନିରାନନ୍ଦ,
ଜୀବନ-କବିତା କେବୁଁ ହରାଇଛି ତାର ଛନ୍ଦ ।
ଡାକେ ତତେ ଦଗ୍ଧ-ଚିତ୍ତ ଜଳ ହେ ଜୀବନ-ନାଥ
ନିଅ କାଢ଼ି ଜୀବନୁ ଏ ଅଯାଚିତ ବିପଦ୍‌ପାତ ।

ନିଅ ଚିତ୍ତୁଁ ତର୍କ, ଦ୍ୱନ୍ଦ୍ୱ, ନିଅ ଜ୍ଞାନ, ଗବେଷଣା,
ଭ୍ରାନ୍ତ ପରି ଏଣେତେଣେ ଘୂରି ସୁଖ-ଅନ୍ୱେଷଣା ।
ଦିଅ ପୁଣି ସେଦିନର ନିବିଡ଼ ବିଶ୍ୱାସ ପ୍ରାଣେ
ଦେବତା ଖେଳିବେ ସାଥେ, ଭେଟିବି ତୁମରେ ଘ୍ରାଣେ ।

ମାୟାଞ୍ଜନ ଦିଅ ନେତ୍ରେ, ଶିଶୁ ପୁଣି ଦିଶୁ ଧରା
ତଥ୍ୟ ମୋର ଲୋଡ଼ା ନାହିଁ, ଯଦି ତାହା ଭ୍ରମ-ଛଡ଼ା ।

Digitized by srujan ka@gmail.com

ଭିଖାରୀ

ଭିଖାରୀ ଗାଉଛି ଗୀତ,
ଗାଆ ରେ ଭିଖାରୀ,
ଶୁଣୁଛି ମୁଁ, ବାତାୟନ ପାଶେ କାନ ପାରି ।

ଧୂଳିବିମଳିନ-ଦେହ, ଜୀର୍ଣ୍ଣ ଦେହ-ବାସ,
ଶୀର୍ଣ୍ଣ ମୁଖେ ଦାରିଦ୍ର୍ୟର ବିଶଦ ବିଳାସ,
ଦାଣ୍ଡେ ବସି ଧୂଳିପରେ, ଭୟେ ସଂକୋଚରେ
କେ ବୁଝି କହିବ ହାୟ ।
ତଥାପି କଣ୍ଠରେ
ମଧୁର ସଂଗୀତ ଫୁଟେ, ଗାଆ ରେ ଭିଖାରୀ
ଶୁଣୁଛି ମୁଁ ବାତାୟନ ପାଶେ କାନ ପାରି ।
ଗୀତ ଶୁଣି କିନ୍ତୁ ବିରକ୍ତ ହେଲେଣି ଗୃହିଣୀ;
ବିରକ୍ତର ଗୃହ-ଭୃତ୍ୟ । ଖାଇଯିବେ ଶୁଣି
ପରା ଏ ଭିଖାରୀ ଦଳ ! ଏକଇ ସକାଳେ
ଏ ହେଲା ସପ୍ତମ କାଳ ! ଫେରାଇ ବା କାହେଁ
ଦେବୁଁ ଗୃହସ୍ଥର ହାତୁ ?
ତଥାପି ଘରଣୀ
ଦେଲେ ଶେଷେ ଭିକ୍ଷା ଡାଳ ମନେ କଳା ମଣି;

Digitized by srujan ka@gmail.com

ଶୁଣିଲେଣି ଗୀତ ପୁଣି; ମିଠା ଲାଗେ କାନେ,
ଭିଖାରୀ ଦେଉଛି କିଛି ଭିଖ-ପ୍ରତିଦାନେ !
କ୍ଷୁଧା ପାଇ କଣ୍ଠୁ ସୁଧା ଢାଳଇ ଭିଖାରୀ,
ଦାରୁଣ ଦାରିଦ୍ର୍ୟ ମଧ୍ୟ, ନର ସୃଷ୍ଟି-କାରୀ ।

ଭିଖାରୀ ଜାଣେ ନା ନିଜେ କଅଣ ସେ ଗାଏ ।
ତଥାପି ଲାଗଇ ଯେହ୍ନେ ମାଟି ଭାଷା ପାଏ
ନିଖିଳ ଏ ଧରଣୀର; ସଂଗୀତ ତାହାର
କଣ୍ଠେ ପଶି ହୃଦେ କରେ ଉଦାସ ସଂଚାର ।
ଏ ମର୍ତ୍ତ୍ୟେ ମାନବ ଜାତି ଶାଶ୍ୱତ ଭିଖାରୀ
ମାଗଇ ପ୍ରସାଦ କରଯୁଗଳ ପ୍ରସାରି
ଅଜ୍ଞାତ ଈଶ୍ୱର ପଦେ, ଅନ୍ତରୀକ୍ଷେ ଚାହିଁ,
ତା ବିନା ଏ ଗହନରେ ଭରସା ବା କାହିଁ ?
ସେ-ଭିଖାରୀ-ଧରଣୀର ହୃଦୟର ଭାଷା
ଏ-ଭିଖାରୀ କଣ୍ଠେ ଫୁଟେ । ଦେହର ପିପାସା
ପ୍ରାଣ-ପିପାସାର ସଖୀ । ଏ ଭିଖାରୀ-ବାଣୀ
ପିପାସୀ ଧରଣୀ କଥା ତେଣୁ ଯେହ୍ନେ ଆଣି
ଫୁଟାଏ ସ୍ୱ-ଯାଚନାରେ । ଗାଅ ରେ ଭିଖାରୀ
ତୋ ଗୀତେ ଧରଣୀ-ବ୍ୟଥା ଶୁଣେଁ କାନ ପାରି ।

Digitized by srujan ka@gmail.com

ମୋ ଧନ ରେ

ଗାଈ ଯେହ୍ନେ ହମ୍ବାଳଇ ଦୂର ବତ୍ସାପାଇଁ,
ବିରହୀ କପୋତ ଯେହ୍ନେ କାନନ ବଥାଇ,
ହେଲପରି ବନସ୍ପତି ଉଦ୍ବକଗଣାପ୍ଲୀ,
ଖୋଜୁଛି ମୁଁ ତତେ, କାନ୍ଦ ଭୁହାଇ ଭୁହାଇ
ମୋ ଧନ ରେ !

ସହସା ହୋଇଲେ ଅନ୍ଧୀଭୂତ ଚକ୍ଷୁଷ୍ମାନ,
ଏକସଙ୍ଗେ ସର୍ବସ୍ୱାନ୍ତ ହେଲେ ଧନବାନ
ଯେ ବିକଳ ଅନୁଭୂତି ହୁଏ ସମ୍ଭାବିତ
ତୋ ବିହୁନେ ସେହିପରି ବିକଳ ମୋ ଚିତ୍ତ
ମୋ ଧନ ରେ !

ଦୋଳୁଥାଉ ବକ୍ଷସ୍ଥଳେ ସ୍ୱର୍ଣ୍ଣପଦ୍ମ ସରି
ଦରୋଟି ବଚନେ କର୍ଣ୍ଣେ ଦେଉ ସୁଧା ଭରି,
ତୋ ହସ, ତୋ କଉତୁକ, ନୃତ୍ୟ, ଡାକହାକ
ଚିତ୍ରପରି ସ୍ମୃତିପଟେ ଜୀବନ୍ତ ନିର୍ବାକ
ମୋ ଧନ ରେ !

Digitized by srujan ka@gmail.com

ଦୋଳୁଥାଉ ଯେ ବକ୍ଷରେ ସ୍ୱର୍ଣ୍ଣପୁଷ୍ପ ପରି
ସେହି ବକ୍ଷେ ତୋ ଶୀତଳ ଅଙ୍ଗ-ସ୍ପର୍ଶ ଧରି
ବିଳପି ବିଳପି ଶବ-ଶେଯେ ଯା ଥୋଇଲି
ତୋ ସଙ୍ଗତେ ନିଷ୍ଠୁର ମୁଁ କିପାଇଁ ନ ଗଲି,
ମୋ ଧନ ରେ !

ଅନ୍ତରାଳ ହେଉଛୁ ଏବେ ଘୋର ଅନ୍ଧକାରେ
ଅକିଞ୍ଚନ ନିଧି ହଜିଗଲା କେଉଁଠାରେ
ଯେତେ ଗତ ହୁଏ କାଳ ତୋ ସ୍ମୃତି ପ୍ରବଳ
ସ୍ପଷ୍ଟତର ହୋଇ କ୍ରମେ କରୁଛି ବିକଳ
ମୋ ଧନ ରେ !

ବୋଲୁଥାଏ ସଦା ତୋର ପଦ୍ମ-ମୁଖେ ଚୁମ୍ବି,
"ଭ୍ରମରେ ଏ ଘରେ ବୋଧେ ଆସିଛୁ ପଳାଇ !
ଦରିଦ୍ର, ଅଧମ ଘରେ ତମେ କି ସମ୍ଭବ !"
ଆସି କିପାଁ ଚୂନା କଲୁ ମୋ ସ୍ନେହ-ଗରବ
ମୋ ଧନ ରେ !

ପାଇ ତତେ ପିତା ବୋଲି ହେଲି ଅନୁଭବ
ହୃଦୟେ ବାତ୍ସଲ୍ୟରସ ହୋଇଲା ଉଦ୍ଭବ;
ତୋ ବିନା ସେ ପ୍ରାଣ-ସ୍ତନ୍ୟ ଦେବି ରେ କାହାକୁ
ସ୍ଥାଣୁ ହୋଇ ଚାହୁଁଛି ମୁଁ ଏ ଶୂନ୍ୟ ଧରାକୁ
ମୋ ଧନ ରେ !

କାହିଁ ଅଛୁ ଅନ୍ତରୀକ୍ଷେ, ଜଳେ ବା ପବନେ
ବାଧୁଥିବ ପରା ଶୀତ, ଖରା, ଝଳେଁ ମନେ,

Digitized by srujan ka@gmail.com

ବାଧୁଥିବ ପରା କ୍ଷୁଧା, ଖୋଜୁଥିବୁ ସାଥୀ,
କାହା କୋଳେ କାଟିବୁ ତୁ ଘୋର ବର୍ଷାରାତି
ମୋ ଧନ ରେ !

କାହିଁକି ଆସିଲୁ, ସଂଗୃହିଲୁ ନାନା ଆଶା
ଗଲୁ ବା କାହିଁକି ନ ସରୁଣୁ କଥା-ଭାଷା,
ଜନ୍ମାନ୍ତର ବଇର କି ସାଧିଲୁ ରେ ଧନ,
ଭାବୁନ ସମ୍ଭବ ତୋଠି ସେତେ ପ୍ରବଞ୍ଚନ ।
ମୋ ଧନ ରେ !

ପବିତ୍ର ସ୍ମୃତିରେ ତୋର ଏ ପାପ-ଜୀବନ,
ଚିଦାନନ୍ଦ-ସ୍ୱାଦ ଦିଏ ତୋ ମୁଖ-ସ୍ମରଣ
କିଜାଣି ମା ଆସିଥିଲୁ ମୋହାନ୍ଧ ପିତାର
ଚକ୍ଷୁ ଖୋଲି ଦେଖାଇବୁ ବାସ୍ତବ ସଂସାର ।
ମୋ ଧନ ରେ !

ଧରାରେ ବଞ୍ଚିବା ଲାଗି କର୍ମ ଦୈନନ୍ଦିନ
କରୁଛି ସିନା ମୁଁ, ଅନ୍ତସ୍ତଳେ ରାତି ଦିନ,
ତୋ ଲାଗି ମା ଜଳୁଅଛି ଯଜ୍ଞ ଲୋତକର,
ନୀରବେ ଡାକୁଛି ତତେ ବିକଳ ଅନ୍ତର ।
ମୋ ଧନ ରେ ।

Digitized by srujan ka@gmail.com

ରୂପାନ୍ତର

ମିଷ୍ଟାନ୍ନ ତାଆଁରୁ ଯତ୍ନେ ଖୋଜନ୍ତ ଜନନୀ
ସେ ମିଷ୍ଟ ଜଂଜାଳ କ ମୋ ଆଉ ଆସିବନି !
ପଛେ ପଛେ ଲାଗିଥାଏ, କରୁଥାଏ ବ୍ୟସ୍ତ
ହାତ ମାରି ଲଣ୍ଡଭଣ୍ଡ କରାଇ ସମସ୍ତ !
ଗାଳି ମାଡ଼େ ତାର ଅବା ଅସମ୍ମାନ କଲି,
– ବ୍ୟାକୁଳେ ଜନନୀ ନେତ୍ରୁ ଅଶ୍ରୁ ପଡ଼େ ଝରି !
ଘରେ ଫେରୁଁ ପରବାସୁଁ ବାପା ଦେଖୁ ନାହିଁ,
ଲାବଣ୍ୟ ପ୍ରତିମାଟିଏ 'ବାପା' ବୋଲି ଧାଇଁ,
ଦ୍ୱାରେ ହସି ହେବା ଠିଆ ସ୍ନେହ ପ୍ରତୀକ୍ଷାରେ,
କଏ ତାକୁ ହରିନେଲା ଚକ୍ଷୁ ଅନ୍ତରାଳେ !
ସେ କନ୍ୟା ମରି ଯେ ନାହିଁ – ମିଥ୍ୟା ସେ ବଚନ,
ବରଣ୍ଡ ନାହିଁ ରୂପ ଆଉ ସ୍ନେହର ମରଣ ।
ବାହାରେ ସେ ଥିଲା ଯାହା, ପଶିଲା 'ଅନ୍ତରେ,
ଭୋଗିବାକୁ ଯେତେ ସ୍ନେହ ଅଛି ଅନ୍ତସ୍ତଳେ ।
ଆଖି ବୁଜି ଏବେ ତେଣୁ ଜନନୀ ଜନକ
ଦେଖୁଛନ୍ତି ଅହର୍ନିଶ ତା ମଧୁ ନାଟକ ।
ମରି ନାହିଁ, ମରି ନାହିଁ, ଲଭି ରୂପାନ୍ତର
ସେ ଶିଶୁ ପିଉଛି ସ୍ନେହ, ଦୁହିଁଣ ଅନ୍ତର ।

———

Digitized by srujan ka@gmail.com

ସାଆଁତମା

ନୟନେ ଲୋତକ ହୃଦରେ କରୁଣା
ଦୀନ ଦୁଖୀ ପାଇଁ ଜନମାସମା,
ବହୁ ଦେଖି ନାହିଁ ମୂରୁଖ ସିନା ସେ
ଦେଖା ମୋ ପ୍ରାଣର ସାଆନ୍ତମା ।

ବିଦୁଷୀ, ରୂପସୀ ରୂପେ ମୁଁ ଭେଟିଛି
ନାୟିକ ଧରାର ଅନେକ ଭାଗେ
କେବଳ ସେହି ସେ ନିରକ୍ଷରାର
ଚରଣ-ଧୂଳି ମୋ ମଉଳି ମାଗେ ।

କ୍ଷୁଦ୍ର ଗାଆଁର ଦୁଃସ୍ଥ, ନିର୍ଜନ
ତାହାର ହାତକୁ ଥାଆଁନ୍ତି ଚାହିଁ
ଖୁଦ, ତଣ୍ଡୁଳ ଯା ମିଳେ ତା ହାତୁ
ପ୍ରସନ୍ନ ମନେ ଫେରନ୍ତି ପାଇ ।

Digitized by srujan ka@gmail.com

ନିଜେ ସେ କିନ୍ତୁ   ମୂର୍ତ୍ତି ଦୈନ୍ୟ
ପ୍ରସବି ଅନେକ, ନିଃସନ୍ତାନ
ସ୍ୱାମି-ଗଉରବ   ଜାଣି ନ ଜାଣିଛୁ,
ବିଧବା କରିଛୁ ବିଧାତା-ବାଣ ।

ତଥାପି ପରାଣେ   ତିକ୍ତତା ନାହିଁ
ଆପଣା କଷଣ ମରମେ ମାରେ,
ଆଶ୍ରିତ ଜନ   ଆଳି, ଆନ୍ଦୋଳି
ଉଠୁଁ ବସୁଁ ଖାଉଁ, ନିରତେ ଭଲେ ।

ପିତା-ମାତା-ହୀନ   ଶଇଶବୁଁ ମୁଁ ଯେ
ଜନନୀ-ଅଭାବ ଜାଣିନି ଦିନେ
ସାଆନ୍ତମା ମୋ   ଦ୍ୱିତୀୟା ଜନନୀ,
ଗରଭ-ଧାରିଣୁ ନୁହଇ ଭିନେ ।

ଜଗତ ବୁଲିଲି   ବଡ଼ଲୋକ ହେଲି
କରମେ ବିରାମ ମିଳୁନି ଜମା
ତଥାପି ସ୍ମରଇ   ପିଲାଦିନ ଅଳି
'ଖାଇବାକୁ ଦିଅ ସାଆନ୍ତମା !'

ପ୍ରବାସେ ବିଳାସେ   ଯାପୁଛି ମୁଁ ଦିନ,
ଭଗ୍ନ କୁଟୀରେ ଅଛି ସେ ପଡ଼ି,
ପୁରାତନ ମାଟି   ନାହିଁ ସେ ଗୁଡ଼ିବ
ବ୍ୟଥାରେ ମୋ ବୁକୁ ମରେ ଗୁମରି ।

Digitized by srujan ka@gmail.com

ସ୍ତନ ଗୁଡ଼ ସବୁ ଜନନୀର ଯାହା
ନେଇ ବଢ଼ାଇଲ ଅଧମେ ଏଥି
କି ଦେଇ ଶୁଝିବି ଏତେ ତବ ଋଣ ?
କି ପାରେ ଅଧମ ଜୀବନ ଦେଇ ?

ଜନନୀର ସ୍ନେହ ଅଶ୍ରୁଝ ଧରାରେ,
ପୁରୁଷର ମଥା ନୁଆଇଁ ସେଥି,
ଜୀବନେ ଜୀବନେ ତମ ପାଦଧୂଳି
ଦିଅ ସାଆଁ ତମା କପାଳେ ଲେଖି ।

Digitized by srujan ka@gmail.com

ଶେଲୀ-ମୃତ୍ୟୁ

—୧—

ନିରଜନ ବେଳାବାସେ ପତି-ପ୍ରାଣା ମେରୀ ଅଛି ଗୃହେଁ,
ସାତ ଦିନ ଗଲାଣି ଯେ, ଶେଲୀ ତାର ନ ଆସେ କିପାଇଁ ?
ପର ଉପକାର ଲାଗି, ଭୁଲେ ସେ ଯେ ଭୋଜନ, ଶୟନ,
ପିସା ନଗ୍ରେ ରହିଲା କି, କରିବାକୁ କା ଦୁଃଖ ମୋଚନ ?
ଅଥବା — କମ୍ପଇ ପ୍ରାଣ, ମେରୀ ହୃଦେ ହେଲେ ସେ ଭାବନା —
ବତାସି ବାରିଧି-ବକ୍ଷେ ଘଟିଲା କି କିଛି ଦୁର୍ଘଟଣା ?

ମନୁଷ୍ୟ ତ ନୁହେଁ ଶେଲୀ — ନରଦେହେ ଶିଖା ପ୍ରକୃତିର,
ତେଣୁ ଜଳେ, ବନେ, ସ୍ଥଳେ, ବୁଲେ ଶେଲୀ ନିରତ ଅସ୍ଥିର ।
ପ୍ରକୃତି ପରି ସେ ବନ୍ୟ, ପ୍ରଭଞ୍ଜନ ପରି ସେ ଚଞ୍ଚଳ,
ରୂପ ଆଉ ପ୍ରେମ ଖାଲି ବାନ୍ଧିଅଛି ତା ପଦେ ଶୃଙ୍ଖଳ ।
ମାନସୀକୁ ରଖି ପାଶେ, ଶେଲୀ ଗୃହେଁ ପ୍ରେମର ବନ୍ୟାରେ
ଭସାଇ ଏ ରୁକ୍ଷ ଧାରା, ଗଢ଼ିବ ତା ସ୍ୱପ୍ନ ଅନୁସାରେ ।

Digitized by srujan ka@gmail.com

କିନ୍ତୁ ଭଙ୍ଗିଅଛି ସ୍ୱପ୍ନ—ମାନବର ଶୁଭ ଅଭିଳାଷୀ,
ମନୁଷ୍ୟର ହୀନତାରେ ନଷ୍ଟ ହୋଇ ଯାଇଛି ତ, ସେ ସ୍ୱପ୍ନ-ବିଳାସୀ ।
ପକ୍ଷାହତ ପକ୍ଷୀ ପରି ଉଡ଼ିବାର ବାସନା ଶେଲୀର
ଅଧିକୁ ଅଧିକେ ବଢ଼େ, ହୋଇ ପଡ଼େ ବିକଳ ଶରୀର ।
ମେରି ମନା ନ ଶୁଣିଲେ ସେ କ୍ଷୁଦ୍ର ଏକ ଯୁଲୁପ ତିଆରି,
ଅକୂଳ ବାରିଧି-ବକ୍ଷେ ବୁଲାଇବେ ହେଉଅଛି ପାରି ।
ସୁକୁମାର ତନୁ ତାର, ସନ୍ତରଣ ଜାଣେ ନା ତା ବାହୁ,
ତଥାପି ସେ ଭୟ-ହୀନ—ରୁଦ୍ର ପଛେ ହେଉ ସିନ୍ଧୁ-ବାୟୁ,
କ୍ଷୁଦ୍ର, ଟଳମଳ ନାବେ, କରୁଦ୍‌ବେଗେ ପଡ଼ୁଥାଏ ଶେଲୀ
ବତାସି-ବ୍ୟାକୁଳ ଜଳେ କାବ୍ୟ ଅବା ଦରଶନ ମେଲି ।

ସେଦିନ ସେ ଯାଇଥିଲା ବନ୍ଧୁ ଲାଗି ଅର୍ଥ ଆନୟନେ
ଲେଗର୍ଣ୍ଣ ନଗରେ, ସେଇ କ୍ଷୁଦ୍ର ନାବେ; ମେରିର ନୟନେ
ଆଶଙ୍କାର ବାଷ୍ପ ଭରା । ନ ଫେରୁଁ ସେ ଏତେ ଦୀର୍ଘ କାଳ,
ନିରଜନ ବେଳାଗୃହେ ଉଦ୍‌ବିଗ୍ନ ମେରିର ସଂସାର ।

— ୨ —

କ୍ରମେ କ୍ରମେ ଗଲା ଜଣା, ମେରି ପାଶେ ଫେରିବାକୁ ଭରି
ଲେଗର୍ଣ୍ଣରୁ, ଅବେଳେ ଶେଲୀ ମେଲିଦେଲା ତା ନାବ ଦଦରି ।
ମଧ୍ୟପଥେ, ସିନ୍ଧୁ-ଝଡ଼େ କ୍ଷୁଦ୍ର ନାବ ଯାଇଅଛି ବୁଡ଼ି ।
ନିର୍ମମ ପ୍ରକୃତି ହାତେ ମରିଅଛି ପ୍ରକୃତିର କବି ।
ମେରି ବୁଲେ ଏଣେତେଣେ, ସହଜେ ତା ନ ହୁଏ ବିଶ୍ୱାସ,
ସତ୍ୟର ନିଷ୍ଠୁର ମୁଖୁଁ ପଳାୟନେ ତା ମୂଢ଼ ପ୍ରୟାସ ।

Digitized by srujan ka@gmail.com

ଏଣେ କିନ୍ତୁ ବେଲାଦେଶେ ଶବ ଏକ ଆସିବାର ଭସି
ସମ୍ବାଦ ଆସିଲା କାଲେ । ସତ୍ୟ-ମିଥ୍ୟା-ଦେଖା-ଅଭିଳାଷୀ,
ଟ୍ରେଲାନି, ଶେଲୀର ବନ୍ଧୁ, ଥାନେ ଯାଇ ଓଟାରିଲେ ଶବ
ଜଳୁଁ ବେଲା-ବାଲୁକାରେ; ଯା ଦେଖିଲେ ତାହା କି ସମ୍ଭବ ?
ଏହି କି ଶେଲୀର ଦେହ ? ଘୃଣ୍ୟ ମଡ଼ା, ବୀଭତ୍ସ ଆକାର
ଅନାବୃତ ମୁଖ ହସ୍ତ ହୋଇଅଛି ମତ୍ସ୍ୟର ଆହାର !
କିନ୍ତୁ ଏ ଶେଲୀର ଅଙ୍ଗା, ପକେଟରେ କୀଟ୍ସର କବିତା
ଇଟାଲିର ସମୁଦ୍ରରେ ଝଡ଼େ ବସି କିଏ ପଢ଼ିବ ତା ?
କିବା ମୃତ୍ୟୁ କି ଜୀବନ ! କି ଦେହର କିବା ପରିଣତି,
ପୂଟେନ୍ତା ଗୋଲାପ ଗୋରୁ-ଖାଦ୍ୟ କଲା ନିର୍ବୋଧ ପ୍ରକୃତି ।
ଶେଲୀର ସେ ନୀଳ ଆଖି ଗ୍ରୀଷ୍ମ-ନଭ ପରି ଯା ଗଭୀର,
ତାର ସେ ଶରୀର-ଯଷ୍ଟି ଯହିଁ ଥିଲା ଶୋଭା କୁମାରୀର;
ଶେଷେ ସେ ସମୁଦ୍ର ପଙ୍କେ ହେଲା ଜଳ-ଜୀବର ଆହାର
ହେବାର ଘୃଣିତ ମଡ଼ା, ହେଲା ରୂପ-ପୂଜା ପୁରସ୍କାର ।
ମନୁଷ୍ୟକଲ୍ୟାଣ ପାଇଁ ଉତ୍ସର୍ଗିତ କଲା ଯେ ଜୀବନ
ଘରୁ ପିତାମାତା ତାକୁ, ଦେଶୁଁ ଜାତି କରିଲେ ତାଡ଼ନ ।
ବିତାଡ଼ିତ, ଆଘାତିତ ପ୍ରାଣୀ ପରି ସ୍ୱର୍ଗର ଏଞ୍ଜେଲ୍
ମଲା ଶେଲୀ ନିର୍ଯ୍ୟାତନେ, ପାଇ ପାଇ ମନୁଷ୍ୟର ଶେଲ ।

— ୩ —

ସବୁ କି ହୋଇଛି ବ୍ୟର୍ଥ ?
ନାହିଁ ମୂଲ୍ୟ ଶେଲୀ-ଜୀବନର ।
କେ କହେ ତା ? ଶେଲୀ ରଖି—
ଯାଇନି କି କିଛି ଅନଶ୍ୱର ?

Digitized by srujan ka@gmail.com

ସତ୍ୟ ନ୍ୟାୟ ଲାଗି ଏବେ, ଯିଏ ଯହିଁ ହୁଏ ନିର୍ଯ୍ୟାତିତ
ସେ ଏକ ଜୀବନ୍ତ ଶେଲୀ — ପ୍ରମିଥିଅସ୍ ଖଣ୍ଡ-ବିବର୍ଜିତ ।
ତୁମେ ଶେଲୀ, ଦେଖାଇଛ କବି କିସ ହେବାର ଉଚିତ —
କବି ଖାଲି ନ ରଚିବ ମଦ-ଓଠ-ସୁଆଦ ସଙ୍ଗୀତ ।
ବିଦ୍ରୋହୀ ସେ, ଜଗତର ହୀନ, ଦୁଃସ୍ଥ, ଦଳିତର ବନ୍ଧୁ,
ତା ଲେଖନୀ ଅଶ୍ରୁ ତେଜେ, ନେବ ଟେକହ୍ନେ ଭାର ଜନସ୍କନ୍ଧୁଁ!
ସ୍ୱାର୍ଥହୀନ, ପାପହୀନ, ସତ୍ୟସନ୍ଧ, ଊର୍ଦ୍ଧ୍ୱଗ ଜୀବନ
ରୂପପାୟୀ, ପ୍ରେମମୟ, ନରେ-ଜୀବେ-ନିରତ-କରୁଣ ।
କବିର ଏ ଛବି ଶେଲୀ, ଦେଶେ ଦେଶେ ସାହିତ୍ୟେ ସାହିତ୍ୟେ,
ତୁମ ଲାଗି ବ୍ୟାପିଅଛି, ଭାଷା ଆଉ ମାନବର ହିତେ ।
ତୁମ ଦୁଃଖ, ତୁମ କଷ୍ଟ, କ୍ରମେ କ୍ରମେ ଲଭେ ସଫଳତା
ସେଦିନର ନଗଣ୍ୟ ଶେଲୀ, ଆଜି ବିଶ୍ୱକାବ୍ୟର ଦେବତା ।

Digitized by srujan ka@gmail.com

ହତସ୍ୱପ୍ନାର ପତ୍ର

ଦିନ ଥିଲା ଯେବେ ତୁମ ପତ୍ର ପାଇବାରେ,
ତୁମକୁ ଦେବାରେ ଭାଷା, ମୋ କ୍ଷୁଦ୍ର ସଂସାରେ
ଥିଲା ପ୍ରିୟତମ ସୁଖ । ମନେ ପଡ଼େ ନିକି
ତୁମେ ମଧ୍ୟ ରହୁଥାଅ କେମନେ ପ୍ରତୀକ୍ଷି,
ମୋ-ହାତର କୁଳଖିତ ପତ୍ର ଫାଲେ ପାଇଁ,
ଭୋଖିଲା ରହଇ ଯଥା ଭୋଜନେ ଅନାଇଁ !
ମନେ କର, ଇ ଭିତରେ ଗଲା କେତେ କାଳ
ଦୁହେଁ ଦୁଃଖେ ଦୂରେ ଦୂରେ ବିରହ-ବିହାର
କଲେ ମୌନ ଅଭିମାନେ; କୁଶଳ ଜିଜ୍ଞାସି
ଦୁହେଁ ନାହିଁ ଦେଲୁଁ ପତ୍ର ଅହଂକାରେ ଭାସି ।
ସେଦିନ ପ୍ରଣୟି-ଯୁଗ୍ମ ପ୍ରୀତି-ଜରଜର
ଆଜ ଶୁଷ୍କ, ପରସ୍ପରେ ନିଃସ୍ପୃହ-ଅନ୍ତର ।
ଶୁଖି ଶୁଖି କନ୍ତୁ ଶେଷେ ଫାଟିବା ଆଗରୁ
ତୁମକୁ ଶୁଣାଇ ଯାଏଁ ମୋ ବ୍ୟଥା ଅନ୍ତରୁ ।
ସେଲାଗି ଏ ଶେଷ ପତ୍ର । ସେ ଘରେ ଶୟାନ
ସୁଖେ ତୁମେ; ଲେଖୁଛି ମୁଁ ନିଷ୍ପୀଡ଼ିତ-ପ୍ରାଣ;
ମୋ ଆଖିରେ ନିଦ ନାହିଁ, ଅଶ୍ରୁ ମଧ୍ୟ ନାହିଁ
ପୋଛୁ ଚୁମ୍ବୁଥିଲ ଯାହା ତୁହାଇ ତୁହାଇ ।

Digitized by srujan ka@gmail.com

ପିଲେ ମୋର ଶୋଇଛନ୍ତି — ଶେଷ ଶାନ୍ତି ମମ,
ତାଙ୍କ ଯୋଗୁ ପାଏଁ ହେଲେ ଜନମ-ସମ୍ଭ୍ରମ ।
କି ଆଉ ଲେଖିବ ସତେ ?—ସକଳ ସ୍ୱପନ
ଭାଙ୍ଗିଲ ତ; ଖାଲି କରେ ଗୋଟିଏ ପ୍ରଶନ ।
କିଶୋର ବୟସେ ତୁମେ ବକ୍ଷେ ଘେନି ମତେ,
କହିଥିଲ ଭଲ ପାଅ ପ୍ରତି ଚୁମ୍ବ ଅନ୍ତେ;
ସେ କି ଖାଲି ଚଟୁ କଥା, ଭୁଲାଇବା ପାଇଁ
କିଶୋରୀରେ ? ତହିଁ ତବ ପ୍ରାଣ ଥିଲା ନାହିଁ ?
କିନ୍ତୁ ଲଘୁ ଆମୋଦର ସେ ଛଳନା-ବାଣୀ
କି ଗଭୀର ରେଖାସବୁ ଦେଇଅଛି ଟାଣି
ସେଦିନୁଁ ଏ ବାଳିକାର ଅନ୍ତର ନଭତେ,
ବିଳାସୀ ପୁରୁଷ ତୁମେ ଜାଣ କି କିଞ୍ଚିତେ ?
ଜାଣିଥିଲେ କି ହେ ପ୍ରିୟ ସେଦିନର ସେହି
ଚିତ୍ତର ପରମ ସ୍ୱପ୍ନ, ଅନ୍ତରର ସ୍ନେହୀ,
ମରମର ସ୍ନେହଧାରା, ଶରୀରର ଲତା
ଉପେକ୍ଷିତ ଅନାଦରେ ଭୂତଳେ ଲୋଟନ୍ତା ?
ଯେ ସ୍ନେହ-ସାମ୍ରାଜ୍ୟେ ଗରବିଣୀ ଅଧୀଶ୍ୱରୀ
ହେବାର ସ୍ୱପ୍ନରେ ଚିତ୍ତ ଯାଉଥିଲା ଥରି,
ତାହାର ଅଜ୍ଞାତ କୋଣେ ଶୁଷ୍କଲତା ପରି
ପଡ଼ିଥାନ୍ତି ମୁଁ କି ଖାଲି ଅଶ୍ରୁତ ସୁମରି !
କିଶୋର ବୟସେ ଦିନେ ଦେହ, ମନ, ପ୍ରାଣ
ଭକ୍ତିଭରେ କରି ବନ୍ଧୁ-ନାମ ଉଚ୍ଚାରଣ,
କଲି ଯା ଉତ୍ସର୍ଗ ତବ କରେ ଆଶାନ୍ୱିତା
ତା ଫଳ କି ଏଇ ପ୍ରିୟ ? ଏ ହୀନ ଦୀନତା ?

Digitized by srujan ka@gmail.com

ତବ ବନ୍ଧୁ ଆନ ବନ୍ଧୁ ଜାଣି ନାହିଁ ମନ,
ତୁମଠୁ ଶୁଣିଲ ଯେତେ ନିଷ୍ଠୁର ବଚନ !
ତୁମ-ଯୋଗ୍ୟ ନୁହେଁ ଯଦ୍ଧ ଯେନାଲ କପାଇଁ,
ପିଇଲ ମୋ ଗଣ୍ଡ, ମୋର ମିଥ୍ୟା-ସ୍ତୁତି ଗାଇ ?
ବିଳାସେ ରସାଳ ଖାଇ ପିଙ୍ଗା ବୀଜ ପରି
କଣୋଶି ହୋଇଛୁ ଆଜ ଅପଗତ-ଶିଖି,
ଶରୀର-ସ୍ତାବକ ପୁଂସ ତେଣୁ କି ଉପେକ୍ଷା,
ଆତ୍ମାର ଏକାନ୍ତ ପୂଜା ନ କଲ ଅପେକ୍ଷା ?
ତବ ପାଶେ ଆନ କକ୍ଷେ ବିନଦ୍ରାଯାମିନୀ
ଅଶ୍ରୁସିକ୍ତ ଉପାଧାନେ ଏ ହତଭାଗିନୀ
କାଟେ ଦିନ ଦିନ ଧରି, ଜାଣି ଜାଣ ନାହିଁ
ମୋ ପାଇଁକି ସ୍ୱପ୍ନା ଦେଲ ପାଷାଣରେ ଥୁଇ ?
ବିଧାତା ମୋ କୋଳେ ଯାହା ଥୋଇଛୁ ଖେଳନା
ଜୀବନ ଧରିଛୁ, କରି ତାଙ୍କର ମାଜଣା ।
ତୁମ ଗୃହ ବୁଝିଥାନ୍ତେ ଦାସୀ, ନଉକର,
ମୁଁ ବି ପାରିଥାନ୍ତି ଜନ୍ମି ଜାରଜ କୁମର,
ତୁମଠାରେ କଲି କପାଁ ଆତ୍ମସମର୍ପଣ,
ତା ଗୌରବ ବୁଝିଲନି, ଏଡ଼େ ମୂର୍ଖ କଣ ?
ଯା ହେବାର ହେଲା, ଯାହା ଥିଲା ଏ କପାଳେ
ଭୋଗିଲି, କି ଲାଭ ସ୍ମରି ତାହା ବାରେ ବାରେ !
ଜନମୀ, ଗୃହିଣୀ ସିନା, ପ୍ରିୟା ନୁହେଁ ଆଉ
ବୁଝି କି ନାରୀର ଏହା କେତେ ବଡ଼ ଦାଉ ?

Digitized by srujan ka@gmail.com

ଦ୍ୱନ୍ଦ୍ୱ

ଜ୍ଞାନ ଯା କହେ କରନା କରନା
ମନର ତହିଁ ବିଶେଷ ଅନୁରାଗ
ଜବାବ୍ ଦିଏ 'ଇଚ୍ଛା ହେଲା କିପାଁ
ବୁଝାଇ ମତେ ଉତ୍ତର ଦିଅ ଆଗ ।'
କହଇ ଜ୍ଞାନ "ପାପ ରେ ଭାଇ ତାହା"
କହଇ ମନ "ଖାତିର୍ ନାହିଁ କରେ
ବିଧାତାକୁ ପଚାର ଯାଇ ଆଗେ
ପାପକୁ କିପାଁ ମିଠା-ମଧୁର୍ କଲେ ।"

ବୁଝାଏ ଜ୍ଞାନ "ନିନ୍ଦା ଦେବେ ଲୋକେ"
କହଇ ମନ "କି ସାଧୁ ସେମାନେ !"
"ନରକେ ଯିବୁ" କହିଲେ ହସି କହେ
"ଦେଖିବି ମୁହିଁ ସକଳେ ସେ ଥାନେ ।"

Digitized by srujan ka@gmail.com

ମନ, ଜ୍ଞାନର ଏପରି ଝଣାଝଣି
ନିରନ୍ତର ଚାଲିଛି କ୍ଷଣେ କ୍ଷଣେ
କହିଲେ ଜ୍ଞାନ "ଛି ଛି" କାହିଁପାଇଁ
"ଚମତ୍କାର !" କହଇ ଆନ ଜଣେ ।

ଦୁଇର ଦ୍ୱନ୍ଦ୍ୱେ ମୁଁ ହୁଏଁ ଖାଲି ଦଳି
ଭୁବନ ବନେ ଧାଉଁଛି ଲକ୍ଷ୍ୟହୀନ ।
ଶ୍ରେୟ ପ୍ରେୟର ବାଛବିଚାର ହେଉଁ,
ଅସ୍ତପ୍ରାୟ କ୍ଷୁଦ୍ର ଏ ଜୀବନ ।

ବନ୍ୟାଜଳେ ଶୁଖିଲା ଘାସ ପରି
ବିଧାତା, ମତେ କଲ ଯେ ଶୂନ୍ୟ-ବଳି
ବିଚାର ବେଳେ ସାକ୍ଷୀ ହେବେ ମୋର
ମନ, ଜ୍ଞାନ ସମ୍ମୁଖେ ତୁମ୍ଭର ।

ପାତକ ନାହିଁ, ପୁଣ୍ୟ ନାହିଁ ମମ,
ମୁଁ ଖାଲି ଏକ ଅନୁଭୂତିର ମାଳା
ହସ, ଲୁହର ବିଚାର କରିବାକୁ
ରଖିଛ କହେ ବେତ, ଆଉ କାହା ?

Digitized by srujan ka@gmail.com

ପ୍ରାଣର ବାପୁଜୀ

ତମ ନେଇ ଯେତେ ଯୁକ୍ତିତର୍କ
ସବୁ ଆଜ ଅବସାନ,
ପ୍ରାଣର ବାପୁଜୀ,
ଆଜ ପ୍ରାଣେ ଖାଲି,
ଅଶ୍ରୁ ଓ ସମ୍ମାନ ।

ଜୀବନେ ତମକୁ ଲଦ୍ଧ ବର୍ତ୍ତରଙ୍କୁଁ
ସବୁଥିରେ ଅଙ୍କୁଁ ଫାଁକ,
ତବ ଉପଦେଶ ଦଳଙ୍କୁଁ ଚରଣେ
ଉତ୍ତସ୍ୱ ତବ ଡାଁକ ।

ଆଉ ନାହିଁ, ଆଉ ନାହିଁ,
ଏଥର ଜୀଇବା, ଜୀଇବା କେବଳ
ବାପୁଜୀ, ତମର ପାଇଁ ।

Digitized by srujan ka@gmail.com

ପଳ ପଳ କରି ଆମରି ପାଇଁକି
ଶରୀର, ରକ୍ତ ଦେଲ,
ଦେଖି ନ୍ହି ଆଖିରେ ପାଷଣ୍ଡ ଆମେ
ଭାବୁଥାଉଁ ସବୁ ଗେଲ ।
ତୁମରେ ଦେଇନୁ କଷ୍ଟ
ସରମେ ବାପୁଜୀ, ଆମରି ଆତ୍ମା
ଆମକୁ କରଇ ଛି ଛି ।

ଫାଁକି ଦେଇ ଯାହା ଗଲ ଚୁଲି, କୋଟି-
ହୃଦୟ ଦେଇଛ ଦଳି,
ସବୁ ଅନୁତାପ, ସବୁ ଅପରାଧ,
ଲୋତକେ ପଡ଼ୁଛି ଗଳି ।

ନାରି ନୁହଁ ଆଉ,
ହୋଇଅଛ ନାରାୟଣ,
ଏକ ଥିଲ, ଆଜ ଭଗ୍ନ ବ୍ୟାପିଲ
ହେ ସତ୍ୟ-ପରାୟଣ !

ବାହାରେ ଯା ଥିଲ, ମରଣେ ବାପୁଜୀ
ଅନ୍ତର ଗଲ ମାଡ଼ି,
ତୁମେ ନ୍ହିଁ ଆମର ବିବେକ ଏଥର,
ଦୁର୍ଗମେ ପ୍ରତିହାରୀ ।
ଆମ ପୁଅଝିଏ ତବ,
ଶମଶାନୁ ତବ ଫେରୁଛୁ ବାପୁଜୀ, ଧରି ଏହି ଆଶା ନବ ।

Digitized by srujan ka@gmail.com

ଯୁଗେ ଯୁଗେ ତମେ ହୋଇଛ ରସୁଲ୍ ,
ମେସାଇୟା ଅବତାର
ଏଥରକ ପର ହୃଦୟୁବଳନ
କର ନାହିଁ କେଉଁ ବାର ।

ସତ୍ୟ ଶିବର ହେ ମହା-ପୂଜାରୀ, ଧାର
ଅସତ୍ୟ ଆମେ, ଅପୂର୍ଣ୍ଣ ଆମେ;
ଲଜେ ଅନୁତାପେ
ଦେଉଁ ଢାଳ ଆଖି-ଧାର ।

ଦିଅ ଛାଡ଼ି ତାରେ

ବାପୁଜୀ କରନ୍ତେ ସାହା, ସ୍ମର ତାହା ପଣ୍ଡିତ ନେହରୁ,
ଛାଡ଼ିଦିଅ ସେ ଘାତକେ, ମୁକ୍ତାକାଶ ତଳେ ବସି ଝୁରୁ,
ସେ ନବୋଧ; କଳଙ୍କିତ ମାୟାଚ୍ଛନ୍ନ ପାପ ଆପଣାର,
ଅନୁତପ୍ତ ଲୁହ ପଡ଼ୁ, ନ ପଡ଼ୁ ତା ଶୋଣିତର ଧାର
ଏଥି ସେ ମାଟିରେ, ଯାହା ପବିତ୍ରିତ ବାପୁଜୀ-ଶୋଣିତେ,
ବାପୁଜୀଙ୍କ ଆତ୍ମା କରୁ ସଇତାନ-ମୁକ୍ତ ତାର ଚିତ୍ତ ।

ପତାକାରେ ସ୍ୱହଁ ଥରେ । କଲେ ଯେଉଁ କ୍ଷମା ମହାମନେ
ତାହାରେ କଲା ଯେ ନାଶ ପ୍ରିୟ-ପୁତ୍ର ପଲ୍ଲଶ-ଲୋଚନେ,
ଧର୍ମ-ଚକ୍ର ଲେଖାଅଛି ପରା ସେହି ଧର୍ମାଶୋକଙ୍କର
ଦଣ୍ଡଠାରୁ ଦୟା ବଡ଼, ସ୍ମର ତାହା, ତାରେ ମୁକ୍ତ କର ।

ଘୃଣାର ତଳେ ସେ ଜୀବ, ସେ କେବଳ କୃପାର ଭାଜନ
ଛାଡ଼ିଦିଅ, ନ କରୁ କେ ତାର ଆଉ ନାମ ଉଚ୍ଚାରଣ ।
ବାପୁଜୀଙ୍କି ପାଇବା କି ଏଥିପର କୋଟି ଜୀବ ନାଶି ?
ପଣ୍ଡିତ ନେହରୁ, ତବ କୃପା ହେଉ ତାର ଯୋଗ୍ୟ ଫାଶୀ ।

Digitized by srujan ka@gmail.com

ଭାରତ ପୁତ୍ର

ମୁକୁଟମଣ୍ଡିତ ଶିର ନୁଏଁ ଯହିଁ ଦାରିଦ୍ର୍ୟ-ଚରଣେ,
ନାମ ଯହିଁ ମୁଖେ ହୁଏ ଅବଲୁପ୍ତ ପୁଣ୍ୟ-ଆଚରଣେ,
ଧର୍ମ ଯହିଁ ବିରାଟରେ ମଗ୍ନ କରେ କ୍ଷୁଦ୍ର ଅହଙ୍କାର,
ଭଗବାନ ଯହିଁ ସତ୍ୟ, ଜ୍ଞାନ ଆଉ ଆନନ୍ଦର ଧାର,
ଜ୍ଞାନ ଯହିଁ ଖାଲି ତାହା ଶିଖାଏ ଯା ଆତ୍ମ-ଉନ୍ନମନ,
କର୍ମ ଯହିଁ ଦିଏ ଫଳ, ନାହିଁ ରଖି ବାସନା-ବନ୍ଧନ,
ରାଷ୍ଟ୍ର ଯହିଁ ତପୋବନ, ଶାସକର ସାଧନାର ପୀଠ
ହୀନତମ ଯହିଁ ପ୍ରଜା ମହତ୍ତମ କର୍ମେ ଲଭେ ଇଷ୍ଟ,

ଜନମ ଲଭିବା ଯହିଁ କଲ୍ୟାଣର ମହତ ପରୀକ୍ଷା,
ଭୋଗରେ ହିଁ ଥାଏ ଯହିଁ ସଂଯମ ଓ ସମର୍ପଣ ଦୀକ୍ଷା,
ଈଶ୍ୱର-ଚର୍ଚ୍ଚିତ ଯହିଁ ଜୀବନର ସମସ୍ତ କରମ
ସତ୍ୟରୂପେ ସମ୍ମାନିତ ଯହିଁ ସର୍ବ ପୂଜା ଓ ଧରମ,
ବାପୁଜୀ, ସେ ଭାରତର ତୁମେ ଅଟ ଜୀବନ୍ତ ପ୍ରତୀକ
ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଏକାଧାରେ ଶୂଦ୍ର ଓ ଯାଜ୍ଞିକ ।

Digitized by srujan ka@gmail.com

ଅଗଷ୍ଟ ପନ୍ଦର

(୧୯୪୮)

ଅଗଷ୍ଟ ପନ୍ଦର ଆଜ,
ଫେରାଇଛୁ ପୁଣି ସମ୍ବତ୍ସର
ସେହି ସେ ଦିବସ, ଯାର ପଦପାତ ଆନନ୍ଦ-ଚଞ୍ଚଳ
ଭାରତର ମୁକ୍ତି-ଛନ୍ଦେ । କପାଳରେ ତିଲକ ଯାହାର
ଭାସ୍ୱର ବିଜୟ-ଗର୍ବେ; ବକ୍ଷେ ସ୍ୱପ୍ନ-ମାଳ ।
ଏଇତ ସେ କାଲି ପରା — ଯେବେ ତାର ଉନ୍ମତ୍ତ ନର୍ତ୍ତନେ
ଭାଙ୍ଗି ଘୃଣା-ବ୍ୟବଧାନ, ହେଲେ ବନ୍ଧୁ ଦୃଢ଼ ଆଲିଙ୍ଗନେ
କୋଟି କୋଟି ପ୍ରତିବେଶୀ; ତାହାଙ୍କ ତ ପତାକାର ତଳେ
କୋଟି କୋଟି ଜନସଂଘ ଠିଆହୋଇ ମୁକ୍ତ-ମାଟି ପରେ
ଗାଇଲେ ଉଦାତ୍ତ କଣ୍ଠେ, "ଜୟ ହିନ୍ଦ୍‌, ଗୋ ପ୍ରିୟ ଜନନୀ,
ଶୃଙ୍ଖଳ ଖସିଛି ପଦୁ, ନିଜ ଘରେ ତୁ ପୁଣି ଘରଣୀ ।
ଉଠ ମା ଆଦେଶ ଦିଅ, କୋଟି କୋଟି ଆମେ ପୁଅ ଝିଅ
ଦେବୁ ମଥା ତୋର ଲାଗି;—ଏ ପତାକା ହେଲା ପୂଜ୍ୟ, ପ୍ରିୟ ।
ଆମେ ଆଜ ଧନହୀନ, ନାହିଁ ବସ୍ତ୍ର, ନାହିଁ ଖାଦ୍ୟ, ବାସ,
ବିଶ୍ୱଆଡ଼ୁ ନିକ୍ଷେପିତ, ନାହିଁ ଥିଲା ଚଉଡ଼େ ଆମ ଆଶ;
ଆଶାର ବର୍ତ୍ତିକା ହେଲେ ଜାଳ କୋଟି ଉପୁଜ୍ଞାତ ପ୍ରାଣେ
ଏଇ ସେ ବାପୁଜୀ········"

Digitized by srujan ka@gmail.com

ହାୟ, ସେ ଶବ ଯେ ଅଶ୍ରୁ ନେତ୍ରେ ଆଣେ
ଆଜ ଏ ଉତ୍ସବ ଦିନେ ! କାହାନ୍ତି ସେ ପ୍ରାଣର ଗାନ୍ଧିଜୀ
ଆମ ହାତେ ଥୋଇଗଲେ ଯେଉଁ ଏହି ଅସମ୍ଭବ ସିଦ୍ଧି !
ଅସ୍ୱସ୍ଥିନ, ଅସହାୟ, ଉତ୍ପୀଡ଼ିତ ଦୀନ ଜନତାଙ୍କ
ବକ୍ଷରେ ଯେ ଜଗେଲ ଆଶା, ସ୍ୱପ୍ନ, ବୁଦ୍ଧି, ସଙ୍କଳ୍ପ ସଂସ୍କର,
ଘୃଣିତ ଯେ ଥିଲେ କାଲି, ଉତ୍ପୀଡ଼ିତ ନିଜ ମାଟି ପରେ
ସେ ଆଜ ସମ୍ରାଟ୍ ଚକ୍ଷି, ଦୃପ୍ତମଥା—ଯାଙ୍କ ମନ୍ତ୍ର ବଳେ;
ସର୍ବଶକ୍ତ ଯେ ସନ୍ନ୍ୟାସୀ ସାମ୍ରାଜ୍ୟର ଦର୍ପ କରି ଚୂର୍ଣ୍ଣ
ନାନା ଦାନେ ଆମ ଡାଲି ଆଘାତରେ କରିଗଲେ ପୂର୍ଣ୍ଣ,
ଭୁଲି ସେହି ସନ୍ନ୍ୟାସୀଙ୍କ ଭାଲେ ଦେବା ଭକ୍ତିର ଚନ୍ଦନ,
ଆସ ମହା ହିନ୍ଦୁସ୍ଥାନ ପୁଣ୍ୟପଦ କରିବା ବନ୍ଦନ ।

ହାୟ, କିନ୍ତୁ ନାହାନ୍ତି ସେ !
କାହାନ୍ତରେ ପ୍ରାଣର ବାପୁଜୀ ?
ପର୍ବତର ତ ହିମାଚଳେ, ପୁଛ ଗଙ୍ଗା — କହିବେ ବା ବୁଝି !
ପୁଛ ଏ ବିରାଟ ନଭେ, ପୁଛ ଯାଇ ଉନ୍ମତ୍ତ ସିନ୍ଧୁରେ
ପୁଛ ବିନ୍ଧ୍ୟେ, ପୁଛ ତାପ୍ତୀ, ପୁଛ ପୁଣି ମହାନଦୀ କୂଳେ ।
କହିବେ ସକଳେ ମିଳି—"ହିନ୍ଦୁସ୍ଥାନ, ତୁ ଯେ ଅଭିଶପ୍ତ
ଯେ ଦେଲା ତୋ ଲାଗି ସବୁ, ତାକୁ ମାରି ପିଇଲୁ ତା ରକ୍ତ !
ପ୍ରେମର, ସ୍ୱର୍ଗର ରାଜ୍ୟ ଥାପିବାକୁ ଚାହିଁ ତୋ ମାଟିରେ
ତାକୁ ତୁ ବଧିଲୁ ବନ୍ୟପଶୁ ପରି ପାଷଣ୍ଡ ଗୁଳିରେ !

Digitized by srujan ka@gmail.com

ଆମେ ହେଲୁ ଧନ୍ୟ ଧରି ପୁଣ୍ୟ ତାର ଅଙ୍ଗ-ଅଣୁରାଶି,
ସ୍ପର୍ଶ ତାର ଜଳ, ମାଟି କରିଅଛୁ କଳୁଷ-ବିନାଶି ।
ଗାନ୍ଧିର ନିଷ୍ଠୁର ହତ୍ୟା ହୋଇନି ସେ ଥରକରେ ଶେଷ,
ତମେ ପୁଣି ପ୍ରତିଦିନ ଦିଅ ତାକୁ ନୃଶଂସ-ହିଂସ୍ର କ୍ଳେଶ ।
ଶୁଣ ଶୁଣ ଭାରତର ନରନାରୀ ଜନସାଧାରଣ
ମିଥ୍ୟା ଭାଇ କହ ନାହିଁ, କର ନାହିଁ କେ କାରେ ଶୋଷଣ,
ଯହିଁ ହିଂସା, ଯହିଁ କ୍ରୋଧ, ଯହିଁ ଉଦେ ସାମାନ୍ୟ ଅନ୍ୟାୟ
ତହିଁ ତହିଁ ତତ୍‌କ୍ଷଣେ ଗାନ୍ଧି-ହତ୍ୟା ହୁଏ ଉଦ୍ୟାପନ ।
ହେ ଭାଇ, ଦେଖ ଏ ଜଳ, ବାୟୁ, ମାଟି, ନଦୀ, ବନ, ନଭ
ପ୍ରକୃତିରେ ଦେଖ କେଉଁ ପ୍ରଣୟରେ ଆଲିଙ୍ଗନବଦ୍ଧ,
ତୁମେ କପାଁ ସୃଷ୍ଟି କର ସମାଜରେ ନାନା ଭେଦାଭେଦ
ଖ୍ରୀଷ୍ଟାନ, ମୁସଲମାନ, ଜାତି, ଗୋଷ୍ଠୀ, ବାଇବେଲ, ବେଦ ।
ସ୍ମର ଭାଇ ଗାନ୍ଧିବାଣୀ—ପ୍ରେମେ ହୁଅ, ଗୋଟିଏ ମାନବ
ପରସ୍ପରେ ନାହିଁ ଧ୍ୱଂସି କର ସ୍ୱର୍ଗ-ରାଜ୍ୟର ଉଦ୍ଭବ ।"

ବନ୍ଦକର ବାଦ୍ୟତାନ, ବନ୍ଦକର ଜନ୍ମଓ ଉତ୍ସବ
ଖୋଜ ଖୋଜ ହିନ୍ଦୁସ୍ଥାନ ବାପୁଜୀଙ୍କୁ ଅନ୍ତରରେ ତବ ।
ଅଶ୍ରୁହିଁ ଯଥେଷ୍ଟ ନୁହେଁ ହାହାକାର ନୁହେଁ ସ୍ମୃତି ତାର
ନିଜକୁ ଯେ ବଳି କଲା ଦୁରିବାକୁ ପାପ, ଅନାଚାର ।
ପଚାର ନିଜକୁ ଭାଇ ଆଜି ଏହି ଅଗଷ୍ଟ ପନ୍ଦରେ
ସ୍ୱାଧୀନ-ଭାରତ ତମେ ଗଢ଼ୁଛ ତ ତାହାର ବାଟରେ ?
ଯଦି ନୁହେଁ; ତେବେ ମିଥ୍ୟା, ବୃଥା ଏହି ଉତ୍ସବ ଚିତ୍କାର
ଅଗଷ୍ଟ-ପନ୍ଦର ନୁହେ ପୁନର୍ଜନ୍ମ, ବିବାହ କନ୍ୟାର ।
ଏ ଯେ ଗାନ୍ଧି-ତପସ୍ୟାରୁ ଜନ୍ମ ନବ ଭାରତ-ଜାତିର
ତା' ବନ୍ଦନା, ଗାନ୍ଧି-ସେବା, ନୁହେଁ ହେବା ଉତ୍ସବ-ଅଧୀର ।

Digitized by srujan ka@gmail.com

ଶୁଣ ଶୁଣ ହିନ୍ଦୁସ୍ଥାନ, ଗୁଣି ଗୁଣୀ, ଜନସାଧାରଣ,
ଆଜି ଏ ପୁଣ୍ୟାହେ ତବ ବାପୁଜୀ କି ହୁଅନ୍ତ ସ୍ମରଣ ?
ଭାରତର ଭାଗ୍ୟଦାତା, ପ୍ରଜାପତି ମୁକ୍ତ ଭାରତର
ହିଂସ୍ର, କ୍ଲାନ୍ତ ଧରଣୀରେ ଅବତାର ସତ୍ୟ ଓ ପ୍ରେମର;
ଯାହା ଯୋଗୁଁ ଯୁଗ ଯୁଗ ଧନ୍ୟ ହେବ ଅଗଷ୍ଟ ପନ୍ଦର
କି ଭାବରେ ତା ସ୍ମୃତିକି ସମ୍ମାନିତ କହ ଆଜି କର ?
ଜାଣେ କବି, ଆଜିର ଏ ମୁଖରିତ ଉତ୍ସବର ତଳେ
କୋଟି ଗଣ୍ଡ ତିନ୍ତୁଥିବ ତାଙ୍କ ପାଇଁ ଉଷ୍ଣ ଅଶ୍ରୁଜଳେ;
—ଅଶ୍ରୁତ ତାଙ୍କର ପାଇଁ, କିଏ ଆଜ ତାଙ୍କଠାରୁ ପ୍ରିୟ
ସ୍ୱାଧୀନତା ବଞ୍ଚିଯିବା ତାଙ୍କ ଲାଗି ରକ୍ତ ହୋଇ ଜଳ—
କିନ୍ତୁ ସେ ଯଥେଷ୍ଟ ନୁହେଁ; କର୍ମଯୋଗୀ, ଅଟଳ ବାପୁଜୀ
ତାଙ୍କର ବନ୍ଦନା ପାଇଁ ଲୋଡ଼ା ପରା ଅନ୍ୟ ପୂଜାପୂଜି ।
ସେ ପୂଜାରେ ଦ୍ରବ୍ୟ ନାହିଁ—ଦାରିଦ୍ର୍ୟହିଁ ସଙ୍ଗୀତ ତାହାର
'ଭୋଗ' ତହିଁ ଆତ୍ମ-ଶୁଦ୍ଧି, ବିକାଶିବା ସବ ମିଥ୍ୟାଚାର ।
ସତ୍ୟ ତହିଁ ପୁରୋହିତ, ଅହିଂସା ତା ମନ୍ତ୍ର-ଉଚ୍ଚାରଣ
ତା' ଆସନ ବସ୍ତ୍ର-ଶୁଭ୍ରେ ବରନେବା ଆତ୍ମ-କରଷଣ ।
ଏ ପୂଜାର ଆୟୋଜନ କର ଭାଇ ଅଗଷ୍ଟ ପନ୍ଦରେ
ସ୍ଥିର କର ପାଳିବାକୁ ଗାନ୍ଧି-ବାଣୀ ଅନ୍ତରେ ଅନ୍ତରେ ।
ଧରା ଯେବେ ଅନ୍ଧକାର, କୁଟୀରରେ ପ୍ରଦୀପ ମାଟିର
କରେ ଅନୁକୃତି ଯେହ୍ନେ କ୍ଷୀଣଭାବେ ଦିବସ-ଦୀପ୍ତିର
ତମେ ଭାଇ, ସେହିପରି ଦେଖିଲେହେଁ ପାପ ଚାରିଆଡ଼େ
କ୍ଷୁଦ୍ର ଗାନ୍ଧି ରହ ନିଜେ ଶତ୍ରୁମତେ ଜଗି ଆପଣାରେ;
ସେହି ତବ ଶ୍ରେଷ୍ଠ ଅର୍ଘ୍ୟ ବାପୁଜୀର ଚରଣ କମଳେ
ପରମ ଉତ୍ସବ ସେହି ବର୍ଷେ ବର୍ଷେ ଅଗଷ୍ଟ ପନ୍ଦରେ ।

———

Digitized by srujan ka@gmail.com

ଜୀବଯନ୍ତ୍ର

ଲୋଡ଼ା   କଟ୍‌ଲେଟ୍
ଲୋଡ଼ା   କୁର୍ମା
ଗୁଇ   ମଟନ୍, ମିନସ୍-ଚୂର୍ଣ୍ଣ ।
ଗୁଇ   ଇଲିସିର ଝୋଳ
         ଚିକେନର ଚପ୍
ଗୁଇ   ଚିଙ୍ଗୁଡ଼ି ହେମବର୍ଣ୍ଣ ।

ଆଜ   ବନ୍ଧୁ ଆସିବେ
         ଟ୍ଟେଳ ଥାଣ
ଆଜ   ଘାସ ଭଲ, ସମ-
         ପକ୍ଷୀ ଆଣ

ଆନର ରକ୍ତ ଉଦରେ ନଗଲେ
ଉତ୍ସବ ଆମ ନୁହେଁ ଠାଣ ।

Digitized by srujan ka@gmail.com

ତେଣୁ ପ୍ରତ୍ୟହ କୋଟି କୋଟି ଜୀବ-
ମଥା କଟେ ବୃଥା ଚକ୍ରାରେ
ଛାଗଳ, ଘାଉଳି, ଗାଈ, ଛେଳି, ମେଷ
କେ କରିବ ତାର ସଂଖ୍ୟାଟେଇ ?
ସବୁ ହୁଏ ନର ଜଠରରେ ଲୀନ
ବିଜ୍ଞାନ କହେ ଲୋଡ଼ା ସେ ପ୍ରୋଟୀନ
କୋଟି ଜୀବନର ଯନ୍ତ୍ରଣା ଲୁଚେ
ଭୋଜନ-ତୁଷ୍ଟି ଫୁତ୍କାରେ ।

—୨—

"କିବା ମୋଲାଏମ୍ ଏ ମାଂସ ସତେ !
କେଉଁଠୁ ଆଣିଲେ ଆପଣେ ?"
"ମାତ୍ର ତିନୋଟି ମାସର ଛାଗଳ ପୋଷିଥିଲି ନିଜ ଯତନେ,
ଆପଣଙ୍କ ଲାଗି ଖୁସିରେ କାଟିଲି !
କର୍କଠ ଯାହା ଖାଇଲେ,
ତାକୁ ରାନ୍ଧିବାର ପ୍ରସେସ୍ ଜାଣନ୍ତି ?
ଏବେ ସିନା ଜଣେ କହିଲେ !
ଠକ୍ ଠକ୍ ଫୁଟା ପାଣିରେ
ଛାଡ଼ିବେ ଜୀଅଁନ୍ତା ପ୍ରାଣୀରେ
ତା ହେଲେ ରକ୍ତ, ଚୋପାଏ ନଷ୍ଟ
ନୋହିବ । ପାଇବେ ସ୍ୱାଦ ତା'
ଜୀଅଁନ୍ତା ନିକାଳି ଦେଇ ବା ପାରନ୍ତି
ଓଟାର ତାହାର ଖୋଳଟା !"

—୩—

ଜଳେ, ଥଳେ, ନଭେ, ବିଲେ, ବୁଦା, ବଣେ
କୋଟି କୋଟି ପ୍ରାଣୀ କରୁଣ ମରଣେ

Digitized by srujan ka@gmail.com

ଶୋଷ କରେ ନର କ୍ଷୁଧା,
ଯାଇଁ ରକ୍ଷିବାକୁ କେ ନପାଏ ଭଲ ?
କେ ଝୁହେଁ ମରଣ ହୋଇ କଲବଲ
ଗୁଳି, ଛୁରା ଖାଇ ହଠାତ୍ କେ ଝୁହେଁ
ଛୁଡ଼ିବାକୁ ଏ ବସୁଧା ?

ଏଇ ସେ ସେଯ ଢାଳ
ଚକ୍ଷୁ ବାହାରି ପଡ଼େ ବାରିଧାରା ଯାହାର
ନିଜ ସନ୍ତାନ କେବେଳେ ନଖାଇଲେ
ଖାଇଲେ ବା କା'ର ପ୍ରହାର,
ସେହି ସେ ରମଣୀ ଯାଅଁ ତା ମନ୍ୟ
କାଟେ କଟକଟ୍ ନାହିଁ ତା ଲକ୍ଷ୍ୟ,
କର୍ତ୍ତିତ ମଥା କଷଣେ ଡେଉଁଛି
ଶୋଣିତ ହଉଛି ବାହାର
ସଗି ପୁଣି କଣ୍ଠା-ଶ୍ରମରେ
"ଆଉର ଯାଇଁଛି ନମରେ ।"
କହି, ଛେଦି କରେ ମଥାରୁ ଯୀବନ ବାହାର !

— ୪ —

ଏଇ ଆମେ ନର !
କରୁ ଦାବି ବହୁ କରୁଣା ।
'ନରତ୍ୱ' ନାମେ କଷ ଗାଏ ମନ ଫୁରୁଣା
'ପଶୁତ୍ୱେ' ନାକ ଛିଁ ଛୁର,
ମୈତ୍ରୀରେ ଗୃହୁଁ ଗଢ଼ିବୁ ସୁସ୍ଥ ସମାଜ
ଅଛୁକ ସେଥିରେ ମୂକ ଯୀବଙ୍କାଗି ବସାଦ ?

Digitized by srujan ka@gmail.com

ଜଙ୍ଗା ନ୍ୟାଯ୍ୟ-ସ୍ୱାନ ବକ୍ଷର !
ଏକ ନିୟମରେ ଗଢ଼ା ଆମେ ସବୁ
ସୂର୍ଯ୍ୟରୁ ପିପିଲିକା,
ଭୂମାର ବକ୍ଷ-ପରବାରେ ଗୁଡ଼
ଭିନ୍ନତା ଅହମିକା;
ସେ ଯାଏଁ ଆମର ବାରୁଦ, ଛୁରିକା
ଘାତକ ମୟୂର, ମେଷେ
ନିରର୍ଥକ ସେ ଅସ୍ତ୍ର, ଆମର ଘାତକ ଦେବୋଦ୍ଦେଶ୍ୟ
ନିମ୍ନତମର ବ୍ୟଥା,
ବ୍ୟର୍ଥ କରିବ ଉଚ୍ଚତମର ଅହଙ୍କାରର ମଥା ।

Digitized by srujan ka@gmail.com

ସମାଧି

"ଏଇ, ଏଇ ସେ ଯେ କୋଠା,—ମସଜିଦ୍ ପଛେ,
ଅସ୍ପଷ୍ଟ ଯା ନାରିକେଳ ଗଛେ,
ସେ'ଠା ଜଜ୍ ଅମୁକଂକ ବିସ୍ତୀର୍ଣ୍ଣ ବାଗାନ୍,
ମାଛଠାରୁ ଶାଗଯାଏଁ ସବୁ ଖଞ୍ଜା ତହିଁ,
ତାଂକ ପରି କିଏ ଭାଗ୍ୟବାନ୍ ?"

"ପୁଣି ଏଇ,—ସ୍ୱାଡ଼େ ଅନା;
ସେ ମୋଡ଼ର ଦୁ'ଚାଳ ସେ ଘର,
ଜାଫ୍ରାନ୍ ରଂଗର,
ଗାଆଁ ପାଖ ଅମୁକଂକ,—ବିଲାତ-ଫେରନ୍ତ,
ବୋଳାଏ ବରମା ତାଂକ,—କଲେଜ୍‌ରେ କି କାମ କରନ୍ତି;
ଆଗପଛେ ବହୁଯାଗା—ବିକିହୁଏ ଦୁଧ ଓ କଦଳୀ,
ବହୁ ଟଙ୍କା ପା'ନ୍ତି ପୁଣି
ଭଡ଼ା ଘର ଥୋଡ଼ା ଠିଆ କରି ।"

Digitized by srujan ka@gmail.com

"ଏଇ ଯେ;—ପାରଛ ଦେଖି ?
ଖାଦ୍ୟ ସେହ୍ମ ପଢ଼ନ ଯାଗାଟି ?
ଜମାହୁଏ ଇଟା, କାଠ, ମାଟି;
କଣିଛନ୍ତି ଅମୁକ ସେ, ତୋଳାଇବେ ତିନତାଲା କୋଠା,
ଦଶ ବର୍ଷ ତଳେ ତାଂକ ନାହିଁ ଥିଲା ପଟି ଅବା ଲେଟା,
ଆମ ସେଠି ପ୍ରଭେ ଯିବେ କହୁଲେ କାହାରେ ?
ଏତେ ଟଂଙ୍କା ଆସେ ପୁଣି କଡାପ ଛପାରେ ?"

କଟକ-ଟାଉନ୍-ବସ୍,
ଅତି ଭିଡ଼—ଅତି ଘେଞ୍ଚାଘେଞ୍ଚ
ଅଜାଣତେ, ଅନଛାରେ ହେଉଛନ୍ତି ଯାତ୍ରୀ କେଞ୍ଚାକେଞ୍ଚ,
ହେଉଛନ୍ତି ଗାଳି ପରସ୍ପରେ,
ତେବେ ବି ଦଳକୁ ଦଳ. କଣ୍ଡକ୍ଟର ଯାତ୍ରୀ ଆଣି ଭରେ ।
ଅଧିକାଂଶ ଦୋଳତ ଏକସ୍ଥ;
ସ୍ଥିର ରଖିବାକୁ ପାଦ, ମାରୁଛନ୍ତି ହାତ ଯତ୍ରତତ୍ର ।

ସେହ୍ମ ଭିଡ଼େ, ସେ କହଲେ, ବିଭ୍ରତ ସେ ମାନବ ମିଳନେ
ନିଶ୍ଚିନ୍ତରେ ବସି ଏକ କୋଣେ,
ମଫସଲୁଁ ଦୁଇସାଙ୍ଗ ଦେଖୁଛନ୍ତି କଟକ-ନଗର;
ସହରର ଆଡ଼ମ୍ବରେ, କୁତ୍ସିତ ତା' ଧୂଳି, ଆବର୍ଜନା
ନାହିଁ ପଡ଼େ ନଜରେ ତାଙ୍କର ।

ଯିଏ ଆଗୁଁ ପରିଚିତ କଟକ ସାଥିରେ
ଦେଖାଏ ସେ ନବ ଅତିଥିରେ;

Digitized by srujan ka@gmail.com

କଟକ ସହରରେ ତାଙ୍କୁ ଅମାଲୁମ ନାହିଁ କେଉଁ ସ୍ଥାନ,
ମହତଙ୍କୁ ଜାଣିବାହିଁ ହେଲା ତାର ଅହମିକା-ମାନ ।

ସେହି ସେ ପେଞ୍ଚରେ ଚପି ଆପଣାକୁ କଉଣସିମତେ
ବସିଥାଏଁ ମୁହିଁ ଏକପଟେ;
ଶୁଣୁଥାଏଁ ଏ ଦୁହିଙ୍କ ବାକ୍ୟାଳାପ ମୁଗ୍‌ଧ କୌତୂହଳେ,
ବର୍ଣ୍ଣିତ ହେବାର ଯେତେ ଗଣ୍ୟମାନ୍ୟ କଟକ-ନଗରେ,
ଧନ, ଧାନ୍ୟ, ଟଙ୍କା, କୋଠାଘର,
ପ୍ରାଚୀନ 'ସାହେବ' 'ବାବୁ', ନୂଆ 'ମାନ୍ୟବର' ।

ବସ୍‌ରୁ ଓହ୍ଲାଇ ଶେଷେ ହେଲେ ଅନ୍ତର୍ହିତ
ଯେଝା ପଥେ ଯାତ୍ରି-ଦଳ । ମୁଗ୍ଧ, ବିଚଳିତ
ମୁହିଁ ଧୀରେ ଝୁଲେଁ ଶେଷେ ବସୁରୁ ଓହ୍ଲାଇ
ମଫସଲି ବନ୍ଧୁଙ୍କର ମାପ-କାଠି ମନେ ମନେ ଧ୍ୟାୟି ।
ଚିତ୍ତ ହୁଏ ତିକ୍ତ, ବିମନ୍ଥିତ,
କେଉଁ ମାନଦଣ୍ଡେ ସତେ ମୂଲ୍ୟ ମୋର ହେବ ପରିମିତ ?

ଶେଷେ ଶାନ୍ତ ସମାହିତ କରି କ୍ଷୁବ୍‌ଧ ଚିତ୍ତେ
ଉଠାଇଲି ଏ ପ୍ରାର୍ଥନା ସ୍ରଷ୍ଟା-ପାଦ-ପୀଠେ,
"ହେ ନାଥ, ଭରିଛ ପ୍ରାଣ ନାନା ଲାଞ୍ଛନାରେ,
ଶୂନ୍ୟ ତାହା ଆଜଯାଏ ଖାଲି ବଞ୍ଚନାରେ,
କେବେ ଯେହ୍ନେ ନାହିଁ ହୁଅ ଅଯାଚିତ ନବ ଅପମାନ,
ମାପିତ ହେବାର ମୋର କ୍ଷୁଦ୍ର ଯାହା ନଗଣ୍ୟ ସମ୍ମାନ,
ମାନଦଣ୍ଡେ, ଅର୍ଥ ହାକିମିର,
ବଂଶେ, ମରେ, ମାତ୍ର କଣ୍ଢ—ଚକ୍ଷେ ଯାଉ ପର ପାଇଁ ମୋର ।

Digitized by srujan ka@gmail.com

ଶ୍ରେଷ୍ଠ ଏକ ସମାଧିଟି ଶ୍ୟାମ ଘାସ ପରେ
ଥାଇପାରେ ପଲ୍ଲି ବା ନଗରେ,
ଏକମାତ୍ର ଚିହ୍ନରୂପେ ଦୀନ ଏକ୍କ ପୃଥ୍ୱୀ-ବାସୀର,
ମୃତ୍ୟୁ-ରାଜ୍ୟେ ଯିବ ଯେବେ, ଛୁଡ଼ି କୋଳ ମାଆ ଧରଣୀର ।

ବସନ୍ତର ପୁଷ୍ପୋତ୍ସବେ, ଶାରଦ ଜ୍ୟୋତ୍ସ୍ନାରେ
ସ୍ମରି କେବେ ମୋ ଦେଶର ଯୁବକ ଯୁବତୀ,
ଆସି ସେ ସମାଧି ପରେ
ପୁଷ୍ପ ଡାଳ ପ୍ରୀତିଭରେ
କକ୍ଷରେ ଦେବେ ସେ ଯଦ୍ଧ ଶ୍ରଦ୍ଧାର ଆରତି,
ସେହି ସେ ହୋଇବ ମୋର ଶ୍ରେଷ୍ଠ ପୁରସ୍କାର,
ସେହି ମୋର ମାନଦଣ୍ଡ ଜୀବନ-ଯାତ୍ରାର ।

Digitized by srujan ka@gmail.com

ତାହାରେ ସ୍ମର ଭାଇ

କ୍ଷୁଦ୍ର ଲାଭେ ଚିତ୍ତ ଯେଉଁବ ହୁଏ ଅନ୍ଧୀଭୂତ
କ୍ଷମତା ଆଶେ ଧର୍ମପଥୁଁ ଚରଣ ହୁଏ ଚ୍ୟୁତ,
ଶ୍ରେଷ୍ଠ ଯେବେ ଦଳିତ ହୁଏ ସାମାନ୍ୟର ପାଇଁ
ତାହାରେ ସ୍ମର ତାହାରେ ସ୍ମର ତାହାରେ ସ୍ମର ଭାଇ !

କେତନ ତାର ଉଡାଅ ଯେହୁ ସୈନିକ ସାମନ୍ତେ
ମଥାରେ ତାର ମାଲ୍ୟ ଦେଇ, ଢଳ ନା ତାର ମତେ
କର ନା ପାପ- କର୍ମ ଯେତେ ପୂଣ୍ୟ ତା ନାଁ ଗାଇ,
ସ୍ମରଣ କର ବଚନ ତାର ପାଳନ କର ଭାଇ !

ପଶୁ କେ ସିନା ନାଶିଲ ତାର ପଙ୍କ-ମାଟି-ଘଟ,
ଭକ୍ତଠାରୁ ପାଉଛି ସେ ଯେ ଗୋଇଠା ଅବିରତ,
ଛଦ୍ମବେଶେ ଅଧିକ ତାରେ ହତ୍ୟା କର ନାହିଁ
ସାମାନ୍ୟରେ ଆଦେଶ ତାର ପାଳନ କର ଭାଇ !

ଅସ୍ତ୍ର ସେ କ ଚିତ୍ତ ଆଜ ଅଗଷ୍ଟ ପନ୍ଦରେ
ପରେଟ୍ ଆଜ ବକ୍ଷ ତାରେ, ମେଳା ଉତ୍ସବରେ ?
ତାକୁଇ ଟିକେ ପ୍ରବେଶ ଦିଅ ମନର ମନ୍ଦିରେ,
ଏ ମହାଦିନର ସ୍ରଷ୍ଟା ସେହି, ପ୍ରାଣର ବାସ୍ପୁଜାରେ ।

Digitized by srujan ka@gmail.com

ଫେରାଇ ଦିଅ

ଫେରାଇ ଦିଅ, ଫେରାଇ ଦିଅ
ସ୍ୱପ୍ନ ସରସ କିଶୋର ବୟସ
ମଧୁର ସେ ଦିନ
ପୀରତି-ପ୍ରିୟ !

ଜୀବନ-ପ୍ରଭାତେ ମାଗୁଥିଲି ଯାହା
ନୟନ-ଜଳେ,
ପ୍ରାଣର ସେ ମଗା ଏବେ ବି ଜାଗର
ମର୍ମ ତଳେ ।

ଶୁଣି, ଶୁଣି ନାହିଁ ବିକଳ ଯାଚନା,
ପଥ-ମଗା ଲୋକେ କଲି ବାଣ୍ଟ-ବଣା
ବ୍ୟର୍ଥ, ବିପଥ, ବିକଳ, ମିଥ୍ୟା
କରାଇଲି ମୋର ପ୍ରାଣର ଦିଅଁ
ଜୀବନ-ଦେବତା,
ଅଲୋଡ଼ା ଏସବୁ
ନିଅ ହେ ନିଅ ।

Digitized by srujan ka@gmail.com

ନବ କଦମ୍ବ ଗନ୍ଧପରାଗର ଭ୍ରମର ପରି
ନୂଆ ଜୀବନର ମାଦକେ ନଚିଲ ଚିତ୍ତ ଭରି,
ଉନ୍ମନେ ବୁଲୁଥିଲ ଏ ଧରଣୀ
ଅନୁଭବମୟ ତରୁଣ ଧମନୀ
ମାଟିର ଏ ଧରା ଦିଶୁଥିଲା ସତେ
କି କମନୀୟ
ସେଇ କାଳ ସତେ ଫେରାଇ ଦିଅ ।
ବାଟେ ନବ ଫୁଟା ରୂପକୁସୁମର ମାଳାଟି ଧରି
ଏକ ସେ କିଶୋରୀ ଦେଖୁଁ ପାଦ ଆଉ ନ ପାରେ ଚଳି,
ଉଦାସର ଆଖେ ସରମର ଛାଇ
ଦୁଇ ଓଠେ ମୃଦୁ ସ୍ମିତର ଜୁଆର,
ବିନା ବଚନରେ ଅସ୍ପଷ୍ଟତାରେ
କେ କଲା ପ୍ରଣୟେ
ବଦ୍ଧ-ହୃଦୟ !
ହେ ଜୀବନ-ନାଥ,
ପ୍ରଣୟର ସେହି
ମଧୁ ଆଗ୍ରହ
ଫେରାଇ ଦିଅ ।
ସେ ଦିନୁଁ ଯାଇଛି କେତେକାଳ ଏବେ ବୁଢ଼ାଇ ଲୁବ୍ଧ
ଜୀବନର ଡାକେ, ଲଜେ ବିଦ୍ରୋହେ ନଉଁଛି ମୁହିଁ !
ମାଟି କୁଟା ପାଇଁ କି ଯେ ତକରାଳ,
ଭୁକ୍ତ ପାଇଁରେ କିବା ଜଞ୍ଜାଳ,
କାଅଁଳ କାଳର ମରମ-ପିପାସା
ଫସାରେ ଯେଣୁ ଅଚଳମୟ

Digitized by srujan ka@gmail.com

ହେ ନାଥ, ସେ ଦିନ ବସନ୍ତ ଦିନ
ଆଛୁ ନି-ସବୁଜ
ରୁକ୍ଷ ଢ଼ିଅ ।

ପ୍ରାଣର ଦେବତା ନିଃଶେଷେ ସବୁ ନିଅ ହେ ନିଅ,
ଲୋକ-ଲୋଚନକୁ ଯା କିଛି ଶ୍ରେଷ୍ଠ, ଶଂସନୀୟ,
ଦିଅ ପୁଣି ଖାଲି ସେଇ କୈଶୋର
ନବ ଜୀବନର ସ୍ୱପ୍ନ ବିଭୋର

ରସ ଉଚ୍ଛଳ,
ଲୁହ-ପିଚ୍ଛିଳ
ଅପାପବିଦ୍ଧ,

ସ୍ୱଚ୍ଛ ହିୟୁ,
ହେ ନାଥ, ହେ ସଖା,
ସେହି କାଳ ଥରେ
ଫେରାଇ ଦିଅ ।

Digitized by srujan ka@gmail.com

ସେଇ ଦୁଇ ଆଖି

— ୧ —

ସଞ୍ଜେ, ସକାଳେ, ସଂଘେ ବିହାରେ
ନିମଗ୍ନ ଯେବେ ଧ୍ୟାନେ,
ତଥାଗତ-ବାଣୀ ଅମୃତୋପମ ବାଜୁଥାଏ କାନେ କାନେ,
ମନ ଯେବେ ମୋର ସକଳ ତୃଷ୍ଣା-ବନ୍ଧନ କାଟି କାଟି
ନିର୍ବାଣେ ଉଠେ ମୁଦିତା, କରୁଣା ଜଗତରେ ବାଣ୍ଟି ବାଣ୍ଟି,
ସହସା ସେଇ ସେ ନୟନ ଦୁଇଟି,
ଭାସି ଉଠେ ଅନ୍ତରେ
କାହାରେ କହିବି ସରମ ମୋ କଥା
ମାରହେ ମରମେ ମରେ ।

— ୨ —

କାହାରେ କହିବି ସିନା ହେ ବୁଦ୍ଧ !
ତୁମଠୁ ଲୁଚିବ କସ,
ତବ ପଦେ ସବୁ ସଁପିଛି ପ୍ରାଣର ସଂଗ୍ରାମ ଅହର୍ନିଶ ।
ତୁମେଇ ମୋହର ଆଶ୍ରୟ, ଗୁରୁ ସାଧନାର ଋଜୁ-ପନ୍ଥା
ତୁମକୁ ତରୁଣ ଭିକ୍ଷୁ ଜଣାଏ ତା ଶତ ହଟହଟା ।

Digitized by srujan ka@gmail.com

ବୁଦ୍ଧ ଶରଣ ଯାଏ
ଧର୍ମ ଶରଣ ଯାଏ
ତରୁଣ ଭିକ୍ଷୁ ମାୟା-ବନ୍ଧନୁ
ମୁକ୍ତ କେବଳ ଗୃହେଁ ।

— ୩ —

ବାର ବାର ଚିତ ମନ୍ଥିତ କର ଯେଉଁ ସେ ନୟନ ଟାଣେ,
ଗମନେ, ଶୟନେ, ଧ୍ୟାନେ,
ପୂର୍ଣ୍ଣିମା ଶଶୀ ତରଳ ଜଳଧି ଜଳରେ ଟାଣିଲା ମତ
ହେ ବୁଦ୍ଧ, ତେଣୁ ଶରଣ ମାଗୁଛି
ଆତୁର ଗଭୀର କତ ।

— ୪ —

ତୁମର ଚରଣେ ଶରଣ ପଶିଛି ପ୍ରପଞ୍ଚ ଜଞ୍ଜାଳୁ
ବିଦାୟ ନେଇଛି ଘର, ପରିବାର, ସମାଜ, ବନ୍ଧୁଠାରୁ ।
ସ୍ୱପ୍ନ ଛନ୍ଦେ ଟାଣି ମାୟା ମୋତେ ତଥାପି ବାଉଳି କର
ହେ କରୁଣାମୟ, ଆଶ୍ରୟ ଦାଅ କର ହେ ନିକଟତର ।

— ୫ —

ତୁମର ଆଦେଶେ ଭିକ୍ଷାର ଆଶେ
ଯାଏ ଯେବେ ପଥ ପ୍ରାନ୍ତେ,
ନୀରବ-ବଦନ, ନମ୍ର-ନୟନ, ଭିକ୍ଷାପାତ୍ର ହାତେ
ପରମ ଯତନେ, ଅନ୍ତରେ ମନେ ତୃଷ୍ଣାର ଅବସାନ
ଅଭ୍ୟାସ କରେ, ଆର୍ଯ୍ୟ ଅଷ୍ଟ ମାର୍ଗରେ ରଖି ଧ୍ୟାନ,
ତଥାପି ପ୍ରଭୁ ହେ, ମାର ଟାଣେ ଥର ଥର
ହେ କରୁଣାମୟ, ଦୟା କର ଉଦ୍ଧର ।

Digitized by srujan ka@gmail.com

—୬—

ପ୍ରତିଜ୍ଞା ମୋର ଭାସିଯାଏ କାହିଁ, ଚରଣ ଧରଇ ପଥ
ଅଜ୍ଞାତେ ସେ ଦୂର ଗାଁଏଁ ଘର
-ଲେଉଟା ପଥିକବତ ।
ନମ୍ର-ନୟନ ଆପେ ଉଠିଯାଏ ସେଇ ବାତାୟନ ଆଡ଼େ
ଶ୍ରେଷ୍ଠି କନ୍ୟା ଚାହିଁଥିଲା ଯହିଁ
ବଦନେ ମଞ୍ଜୁଳ ହାସେ ।

—୭—

ପ୍ରଭୁ ବୁଦ୍ଧ ହେ, ସେହି ହସ, ସେହି କଟାକ୍ଷ ନୟନର
ଦାରିଦ୍ର୍ୟ ଚୀର ତଳେ କରେ ମୋର ଚିତ୍ତରେ କଲବଲ ।
ଉପରେ ଏ ମାର-ସଂଗ୍ରାମ ମୁହିଁ ତରୁଣ ବ୍ରହ୍ମଚାରୀ
ଅକ୍ଷତ ଜୟେ ଉପସର୍ପିବି—ତବ ପଦେ ମୋ ଗୃହଦ୍ୱାର ।
ଆନ୍ତର ଶରଣ ଯାଏ
ଆକର୍ଷଣ ଏ ଦାନବ ଉପରେ
ଶକ୍ତି ଦିଅ ହେ ପାଦପୂ ।

—୮—

ନିର୍ବାଣ ଆଶେ ତରୁଣ ଭିକ୍ଷୁ ରକ୍ତ, ତିକ୍ତ, ତ୍ୟାଗୀ
କୁଟୁମ୍ବ ଜନ ଘର ସମ୍ପଦ ଛାଡ଼ି ସେ ଆସିଛି ମାଗି
ତୁମରି କରୁଣା, ତଥାଗତ, ପାରିହେବାକୁ ଏ ସଂସାର
ଦୁଇଟି କୃଷ୍ଣ ନୟନ ଅଇରି ଆଜି ତା ତପସ୍ୟାର ।
ତୁମେଇ ଶରଣ ତାର
ହେ ଜିନ, ବୁଦ୍ଧ ପରମ ଶୁଦ୍ଧ,
କରୁଣାର ଅକୂପାର ।

Digitized by srujan ka@gmail.com

ତୀର୍ଥଯାତ୍ରା

ଦୂର ଗ୍ରାମେ ମଫସଲେ ନିରକ୍ଷରା ନାରୀ
'ମଣି' ତାର ନାମ, ବଡ଼ ସରଳା ବିଶ୍ୱାସୀ,
ସ୍ୱାମୀ ଛଡ଼ା ଆଉ କିଛି ଜାଣେ ନା ସଂସାର
ସ୍ୱାମୀର ସେବାରେ ଖାଲି ଦିନ ଯାଏ ତାର ।
ସ୍ୱାମୀ ପାଇଁ ନାନା ବ୍ରତ ନାନା ଉପବାସ
ନାନା ଦେବପୂଜା, ନାନା ଠାକୁର ମନାସ,
ମନ ଦେଇ ଧନ ଦେଇ ଡାକଇ ସକଳେ
'ହେ ଦିଅଁ, କେବଳ ତାଙ୍କୁ ରଖ ହେ କୁଶଳେ ।'
ସର୍ବ କୁଶଳରେ ମିଶେ ଯୁଗଳ ପ୍ରାଣୀରେ
ରଖିଥିଲେ ଦିଅଁ । ଖାଲି ଦରିଦ୍ର କୁଟୀରେ
ଶୂନ୍ୟାଙ୍ଗନ ଏଯାବତ ଦିଶେନି ଭୂଷଣ
ବାଳଗୋପାଳର ମୁହଁ, ଅମୃତ ସିଂଚନ
କରି ଦୁଇ ପ୍ରାଣି-କକ୍ଷେ । ଏକ ଆନ ମୁଖ
କେତେ ଆଉ ଦେଖି ଦେଖି ପୁଲକିବ ବୁକ ?
ନୂତନ ବନ୍ଧନ ଲୋଡ଼ା ବାନ୍ଧିବାକୁ ଦୁହେଁ
ସ୍ୱାମୀ ଆଉ ଅନାଉନି ବେଶି ତାର ମୁହେଁ—
ଏ କଥା ମଣିର ବକ୍ଷେ ମାରିଯାଏ ଛୁରୀ
ଅବରୁଦ୍ଧ ସନ୍ତାପେ ସେ ହୁଅଇ ସନ୍ତୁଳ ।

Digitized by srujan ka@gmail.com

ସ୍ୱାମୀ କଥା ଗୁଡ଼, ନଜେ ମଣିର ହୃଦୟେ
ଜନମର ଆବର୍ତ୍ତ ହୁଏ ଯେ ସମୟେ,
ସକଳ ଶରୀର ତାର, ସ୍ନାୟୁ ଶିରା ଧର
ସୁନବଡ଼ ବେଦନାରେ ଉଠେ ଥର ଥର,
ଅବ୍ୟକ୍ତ ଚିତ୍କାରେ କଏ ଡାକଇ ରକତେ
'ବୋଉ, କୋଉ' କାଖା ଟିକେ' 'ଦୁଧଦେଏ ମତେ' ।

ସବୁ ନ ପାଶୁଣ ମଣି, ହାତ କାମ ଗୁଡ଼
ଶୋଇ ପଡ଼େ ଭୂମି-ଶେଯେ, ନେଇ ଦୁଃଖ ଢ଼ାଳ ।
ନାରୀ ହୋଇ ମାଆ ସେ ଯେ ନ ହେବ କପର ?
ଗର୍ଭ ତାର ଶୂନ୍ୟ ଯିବ ! ଶୂନ୍ୟ ଯିବ ସର
ଶିଶୁର କୋମଳ-ସ୍ନେହ-ଓଷ୍ଠ-ପାନ ଛନେ,
ପୂଣ୍ୟ ଜନମ କପାଁ ନ ହେଲା ଜୀବନେ ?

ମଣି-ସ୍ୱାମୀ ରଘୁନାଥ ଚଷା ତ ସହଜେ
ମଣିର ଏ ସୂକ୍ଷ୍ମ-ଦୁଃଖ ମନେ ନାହିଁ ବୁଝେ ।

ସେ କେବଳ ଥରେ ଥରେ ଭାବେ 'ଯଦି ଆନେ
ପିଲାପିଲି କଲେ, ମୋର ନ ହେବ କେସନେ ?
ତାହା ଛଡ଼ା ବେଳେ ବେଳେ ଭାବେମଧ ବସି
ଶ୍ରାଦ୍ଧ ଗ୍ରାଦ୍ଧ କଲାବେଳେ କେବେ ପ୍ରତିବେଶୀ,
ମଲା ପରେ ତାକୁ ମଧ ପିଣ୍ଡ କଏ ଦେବ
ଲୋକମତେ ଆଣ୍ଠୁକୁରା ନରକେ ପଡ଼ିବ ।
ଏ ସକଳ ବୁଝି ଭାବ ରଘୁ ଥରେ ଥରେ
କୃଷକ ଖଣ୍ଡରେ ରାଗ ଢ଼ାଳେ ମଣିପରେ ।
ସରଳା ସେ ସତୀ ଜାଣି ନଜ ଅପରାଧ
ନର୍ବିକାରେ ସହିଯାଏ ସବୁ ପରିବାଦ ।

Digitized by srujan ka@gmail.com

ବରଷ ବରଷ କରି ଦଶଟି ତ ଗଲା
କ୍ରମେ କ୍ରମେ ନୈରାଶ୍ୟରେ ବୁଡ଼ିଲା ସରଳା ।
କ୍ରମେ କ୍ରମେ ଛୁଟିଯିବ ଦେହରୁ ଯୌବନ
ବୟସଗତେ କି ହେବ ସନ୍ତାନ ଜନନ ?
ନାନାମତେ ଉପଚାର ବ୍ରତ ଉପବାସ
କଲା ମଧ୍ୟ ପୂରିଲାନି ମଣି-ଅଭିଳାଷ ।
ଶେଷରେ ଅମୋଘ ପଥ କହିଲେ ସକଳେ,
"ତୀର୍ଥଯାତ୍ରା କର ମଣି, ଦେବତାଙ୍କ ଦ୍ୱାରେ
ହୋଇପାରେ ଯଦି କିଛି—ନ ହେବ କାହିଁକି ?
ଆଖି ଆଗେ ଦେଖିଲୁ ତ 'ପୁରରେ' ପାଇଛି
ପୁରୁଆ-ମା ପୁରସ୍ତମେ ଦେଖି ଜଗନ୍ନାଥେ
କି ନ ଘଟେ, ଦୟା କଲେ ଦିଅଙ୍କର ହାତେ ?
କାର୍ତ୍ତିକ ପୂର୍ଣ୍ଣିମା ଦିନ ଯାଉଛନ୍ତି ପରା
କେତେ କେତେ, ଯାଆନ୍ତେ ତୁ—ଯଦି ଚକା-ଡୋଳା
ଦୟା-ନେହ ପକାଇବେ, ଦୁଃଖ ଯିବ ଚୂଳି,
କାନ୍ଦ ନା ଲୋ—କାହିଁ କାନ୍ଦୁ—କାନ୍ଦି କାନ୍ଦି ଖାଲି
ଶୁଖିଗଲୁଣି ତୁ ଅଧେ—କାନ୍ଦ ନା ଲୋ ଆଉ
ଇଏ ଗୋଟେ ଦୁଃଖ କଣ 'ସିଏ' ଚୋରି ଥାଉ ?"

ସେ ଦିନ ଜଣୀଥେ ମଣି, ସ୍ୱାମିପଦ ଦୁଇ
ସାଉଁଳି ସାଉଁଳି ସ୍ନେହେ, ଦେହ ମୁଣ୍ଡ ଛୁଇଁ
ଦୁଇ ଗଣ୍ଡୁ ଅଶ୍ରୁ ଢେଳି, ତନ୍ଦ୍ରଳ ସ୍ୱାମୀରେ
କହିଲା ଗୋପନେ ନିଦ୍ରା ଭଙ୍ଗାଇ ସଧୀରେ
ଶ୍ରୀକ୍ଷେତ୍ର ଯିବାର କଥା । ସ୍ଥୂଳବୁଦ୍ଧି ସ୍ୱାମୀ
କି ବୁଝେ ତା ନାରୀ-ଦୁଃଖ ? ନାହିଁ ପରିଣାମି .

Digitized by srujan ka@gmail.com

ମଣି-ବକ୍ଷେ ମା ହେବାର ସୁତୀବ୍ର ବେଦନା
ବନ୍ଧ୍ୟା ହୋଇ ମୃତ୍ୟୁ ହେବା ଅବ୍ୟକ୍ତ ବାସନା,
ଏମନ୍ତେ ସେ ନାରୀଟିର ସମଗ୍ର-ଜୀବନ
ଇହ-ପର, ସମସ୍ତହିଁ, କୋମଳ ବଦନ
ଶିଶୁଟିରେ କେନ୍ଦ୍ର କରି ଘୂରେ ଅବିରତ,
କିନ୍ତୁ ସେ ବୁଝିଲ ନାହିଁ — ରହି ତନ୍ଦ୍ରାରତ;
କହିଲା ଉପେକ୍ଷାଭରେ 'ଯିବୁ ଯଦି ଯାଆ
ବାଞ୍ଝାଟା ତୁ — ତୋ କପାଳେ ଅଛି ହେବୁ ମାଆ !'

ଏତେ କହି ସୁଗଭୀର ନିଦ୍ରା ଗଲ ପୁଣି
ମଣି ସେକ୍ଷି ସ୍ୱାମୀପାଶେ ଦୁଃଖ ଗୁଣିଗୁଣି
ପୁହାଇଲା ସେ ରଜନୀ ଗଭୀର କ୍ରନ୍ଦନେ ।
ତା ପରେ ଚଳିଲେ ହେବେ ତୀର୍ଥ ଦରଶନେ ।

ଗ୍ରାମବୃଦ୍ଧା କେତେ ଜଣ ପୁରୋହିତେ ଧରି
ମଣି ତାଙ୍କ ସଙ୍ଗେ ଗଲା । ବନ୍ଦୋବସ୍ତ କରି
ସବୁ କଥା ସ୍ୱାମୀ ପାଇଁ, କହି ବାର ବାର
ପ୍ରତିବେଶିନୀ ଜାଆରେ, ଖାଇବା ପିଆର

ସବୁ ଯତ୍ନ ନେବାକୁ । ନଜେ ରଘୁନାଥେ
କହିଗଲା ଫେରିବ ସେ ସମସ୍ତଙ୍କ ସାଥେ
ଅଳ୍ପ ଦିନେ, ସଙ୍ଗିଜନ ବ୍ୟସ୍ତ ହେବେ ନାହିଁ —
କହୁ କହୁ ଆଖି ତାର ଓଦା କାହିଁପାଇଁ ।

ଜଗତ ଦେଉଳ, ବହୁ ଜନ ସମାଗମ,
ଅବିରତ କୋଳାହଳ, ସଦା ଗମଗମ
ଶତ ଶତ ଯାନେ, ଦୀର୍ଘ ପ୍ରଶସ୍ତ ନଗର,
ଶତ ଶତ ଅଟ୍ଟାଳିକା, ହର୍ମ୍ୟ ଜନପୂର

Digitized by srujan ka@gmail.com

ଢବାଗ୍ରସ୍ତ ଅଭିନୟ, ଦେଖି ଦେଖି ମଣି
ଶ୍ରୀକ୍ଷେତ୍ରର ସବୁ କଥା ସ୍ୱପ୍ନ ପରି ମଣି ।

ପ୍ରତିବେଶଙ୍କେ ସଙ୍ଗମେଳେ ବଡ଼ଦେଉଳରେ
ଶଙ୍ଖ ଘଣ୍ଟା ବାଦ୍ୟରୋଳ-ଗମ୍ଭୀର-ମୁଖରେ,
ଭକ୍ତ ଜନ ସମାଗମ, ପ୍ରାଣର ଉଚ୍ଛ୍ୱାସ
କୃତକୃତ୍ୟ ପ୍ରଣିପତ୍ୟ, ଗନ୍ଧ ମାଲ୍ୟ ବାସ,
ଚନ୍ଦନ ଅର୍ଗଳ, ବେତମାଣ୍ଡ, ଧୂପଦୀପ,
ଗମ୍ଭୀରରେ ରତ୍ନ ସିଂହାସନର ସମୀପ,
ତ୍ରିମୂର୍ତ୍ତିର ସନ୍ନିଧାନେ ସାତ୍ତ୍ୱିକାନୁଭୂତି
ଗଦଗଦେ ଜଣାଇବା ପ୍ରଭୁର ବିଭୂତି—
—ସବୁ ମିଳିମିଶି ପ୍ରାଣେ ଅଦ୍‌ଭୁତ ଭାବର
ଉଦୟ ହୋଇଲା ଧୀରେ । ଝର ଝର ଝର
ନୟନୁ ତାର ଲୁହ ଗଲା ଖରତର ବହି,
'ପ୍ରଣିପାତ ଦେବତାରେ ଦୁଃଖ ଗଲା କହି—
ହେ ପ୍ରଭୁ, ଜଗତକର୍ତ୍ତା, ଜଗତର ନାଥ,
ଏ ଲୀଳା ଲଗାଇଅଛ, କର ଆତଯାତ
ସକଳ ସଂସାର ତୁମେ, ଏ ଦୁଖିମାଟାର
ସାମାନ୍ୟ ଏ ଦୁଃଖ କି ହେ ନାହିଁ ଟାଳିପାର ?'

ତଳ-ପ୍ରଣମିତା ମଣି ସ୍କନ୍ଧଦେଶେ ତାର
ଅନୁଭବ କଲା କର-ସଂସ୍ପର୍ଶ କାହାର,
ଚମକି ହୋଇଲା ଉଭା, ଦେଖିଲା ପଶ୍ଚାତେ
ସେମାନଙ୍କ ପଣ୍ଡା ଧରି ପୁଷ୍ପ ମାଲ୍ୟ ହାତେ
କହୁଛି, 'ନିଅ ମା ଏହି ପ୍ରସାଦ ପ୍ରଭୁର'—
ବୋଲି ପଛୁ ହାତ ଆଣି ଛୁଇଁ ତାର ଉର

Digitized by srujan ka@gmail.com

ମଣି-ହାତେ ଦେଲା କହୁ—ସାଶ୍ରୁ ଲୋଚନରେ
ଘୁଞ୍ଚିଯାଇ ମଣି, ତାକୁ ବାନ୍ଧିଲା ଆଦରେ ।
ପଚାରିଲା ପୁଣି ପଣ୍ଡା, 'କପାଁ ଏତେ ଖେଦ,
କି ହୋଇଛି, କି ଅଭାବ, କରଦେବା ବୋଧ
ଠାକୁରେ ତୁମର ଲାଗି, କରିବା ଉପାୟ,
କାନ୍ଦୁଛ କପାଇଁ ଏତେ ପାଗଳମା ପ୍ରାୟ ?'

ମଣି ରହେ ନିରୁତ୍ତର କିନ୍ତୁ ସାଥୀଜନେ
ପ୍ରକାଶିଲେ ମଣିଦୁଃଖ— ସନ୍ତାନ ବିହୁନେ
କେମନ୍ତେ ସେ ସାଧିଲାଣି କଠୋର ତପସ୍ୟ,
ଅପେକ୍ଷା କଲାଣି ଦୀର୍ଘ ଦଶଟି ବରଷ
ବୃଥା ଖାଲି । କାଉଣସି ଦିଅଁ ବା ଦେବତା
ଶୁଣିଲେନ ଦୁଃଖ ତାର । ଶେଷେ ହେଲା କଥା
ଠାକୁରଙ୍କ ରଜା ତ ଏ— ଯାଙ୍କୁ ଜଣାଇବା
କି ହେଉଛି ଭାଗ୍ୟେ ତାର ପଛକେ ଦେଖିବା ।
ଦୁଃଖିମାଠା ବହୁ କଷ୍ଟ—ହସି କହେ ପଣ୍ଡା
'ଏଇ କଥା ? ମୋ ଦେଖାରେ ବନ୍ଧ୍ୟା ଗଣ୍ଡା ଗଣ୍ଡା
କାଳିଆ-ଦୟାରେ ଏବେ ବହୁପୁତ୍ରବତୀ
ଏ କି ଗୋଟେ କଥା ?' ତେବେ—ଘୁଞ୍ଚିଆସି କଣ୍ଠ
ପ୍ରବୀଣ ଜଣକ କାନେ କହେ ପଣ୍ଡା ଧୀରେ
କହୁକଥା, ହ୍ନିଁ ଗ୍ନିଁ କଣେଇ ମଣିରେ ।
ପ୍ରବୀଣ ଠୁଙ୍କାରେ ମୁଣ୍ଡ—କ୍ରମେ ସେ ବାରତା
ଗୋପନେ ଗୋପନେ ହେଲା ସଭିଙ୍କ ଜାଣତା
କେବଳ ମଣିରେ ଗୁଡ଼ । ବହିଲା କେ ଦନ୍ତ
'ତାର କି ଆପତ୍ତି ଏଥି ? ଘରେ ଆସେ ଚନ୍ତ ।'

Digitized by srujan ka@gmail.com

ବସାରେ ଶୁଣିଲ ମଣି ପ୍ରସ୍ତାବ ଗୋପନ
ଝିମି ଝିମି ହେଲା ଦେହ ଶୁଦ୍ଧ ତାର ମନ
ଘୃଣାରେ ଉଠିଲା ପୂରି । କହିଲା ହଠାତ୍
'ଏକି କଥା ? ଛି ଛି ଛି ଛି !' ଛିଁ ଘୁଡ଼ି ସେ ହାତ
ଘୁଞ୍ଚି ଗଲା ଅନ୍ୟ ସ୍ଥାନେ । ତହୁଁ ବୃଦ୍ଧା ଦୁଇ
ପଛେ ଯାଇ, ପାଖେ ଧରି କହିଲେ ବୁଝାଇ,
'ଦେଖ୍ ମଣି, ତୋର ଭଲ ପାଇଁ ସିନା କଥା,
ତୋ ଲାଗି ଆମର କପାଁ ବଥାଇବ ମଥା ?
ଏତେ କଷ୍ଟ ପାଇ ଶେଷେ ଆସିଛୁ ଏଠାରେ,
ଏଠି ଯଦି ବ୍ୟର୍ଥ ହୁଏ କହିବୁ କାହାରେ ?
ତୀର୍ଥ ସ୍ଥାନେ ବ୍ରାହ୍ମଣକୁ ଦେଲେ ଉପଭୋଗ
ପାପ କିସ ? ଏ ତ ତୋର ବରଂ ପୁଣ୍ୟ ଯୋଗ ।
ପିଲା ତୁ ଜାଣିନୁ କିଛି, ବାଞ୍ଝ ହେବାଠାରୁ
ଛତି କଣ ଦେହ ଯଦି ହେଲା ଟିକେ ମାରୁ ?
ଠାକୁର ଠାକୁର-ପଣ୍ଡା ଏକ ବୋଲି ଧରି
ଠାକୁରେ ଭୋଗିଲେ ତୋତେ ଏକଥା ବିଚାର ।'

ସେ ଦିନ ନିଶାରେ ସତ୍ତ୍ୱ ସରଳା ସେ ନାରୀ
ପଣ୍ଡା ଆଜ ଦେବତାରେ ଉଭୟ ବିସ୍ତର
ହୃଦଗତେ ପୁଣ ଆଖେ, ଘୋର ଅନ୍ଧକାରେ
ଶୁଦ୍ଧ ତା ଶରୀର ଦେଲା ପଣ୍ଡା-ବ୍ୟଭିଚାରେ ।
ଡାକିଲା ବ୍ୟାକୁଳ ହୋଇ 'ପ୍ରଭୁ ନାରାୟଣ,
ପାପ ଏ କି ପୁଣ୍ୟ ତାହା ତୁମେ ଖାଲି ଜାଣ ।'

ଫେରିଲେ ସକଳ ଯାତ୍ରୀ, ମଣି ତାଙ୍କ ସାଥେ,
ଘୋର ଲାଜେ ପଞ୍ଚ ଆଗେ ନାହିଁ ପାରେ ମାଥେ

Digitized by srujan ka@gmail.com

ଠେକି ସେ ମଣ୍ଡୋଙ୍କ ହୋଇ । ସାଥୀଙ୍କ କୃପାରେ
ଅଜ୍ଞାତ ରହିଲା ନ ହିଁ ଗ୍ରାମ-ଜନଠାରେ
ପୁଷ୍ପରେ ତାହାର କିମ୍ବା ଲଜ୍ଜା ଘୋଉତର
ଶିଉଳାରେ ଶର ପରି ବନ୍ଧନ ପ୍ରବଳ ।

ଏ କଥା ସ୍ୱାମୀରେ କହିଦେବ ତୁଣ୍ଡ ଖୋଲି
ଏ ସାହସ ନାହିଁ ଆସେ । କହୁ ସେ ନ ବୋଲି
ଥାଏ ଚୁପେ । ଦିନେ ରଘୁନାଥ କନ୍ତୁ ଜାଣି
ସବୁ କଥା, ନ ପରୃଶ ଗଲା ଅଙ୍ଗ ହାଣି
ପାଞ୍ଚଣରେ—ସତୀ ସ୍ୱାଧ୍ୱୀ ନଇପଶାଧାଇ,
ଉଚ୍ଚେ ଡାକ—'ପିଲା ପୁଣି ହେବ ବେଶ୍ୟାଠାର ?'
ସକଳେ ଜାଣିଲେ କଥା ପ୍ରକାଶେ ଏଥର
ଚରଚ୍ଚା ଲାଗିଲା ଗ୍ରାମେ ମଣି-ସତୀଭର ।

କହିଲେ ସତୀଏ, 'ପିଲା ନ ହେଲେ ନ ହେଲା
ଏ କଥା କରିବ, ମଲା, ପାଦେ ଦେଇ ଦେଇ ଠେଲା
ହାତ ଧରି କଣ୍ଡି ହେଲା ଯାକୁ ବେଦୀ ପରେ ।
ମରଣ ନ ହେଲା କପାଁ । ପୁଣ୍ୟ ସହରରେ
ଏମ୍ବା କରିବାକୁ ଯାଇଥିଲା ଏ ଚଣ୍ଡାଳୀ ।'
ଦିନେ ଯାଏ ମଣି ସବୁ ସହିଲା ଏ ଗାଳି
ମଥା ପୋତି, ଆଉ ସତୀ ନ ପାରିଲା ସହି,
ଯେ ଦିନ ଜଣୀଥିଏ, ସବୁ ଦୁଃଖ ମାଥେ ବହି
ଗଳାରେ ସ୍ୱାମୀର ବସ୍ତ୍ର ଚୁମ୍ବି ଦେଲା ବାନ୍ଧି,
କହିଲା ଦୁଇ କର ଯୋଡ଼ି ନୀରବରେ କାନ୍ଦି—
'ହେ ବଡ଼ଠାକୁରେ ପ୍ରଭୁ, ତୁମ ଦରଶନେ
ଭ୍ରଷ୍ଟ କଲି ଦେହ ମୋର, ନଷ୍ଟ ମୋ ଧରମେ ।

Digitized by srujan ka@gmail.com

ମୁ ରୁଗ୍ଣ ନାସ୍ତ ମୁଁ ଆଶ୍ରା ନେଇଥିଲି ପଦେ
ବାରଣ ହେଇ କି ପାରନ୍ତନ ମୋ ବିପଦ ?
ଅସଙ୍ଖ ତ ବଞ୍ଚିଛନ୍ତି ପୁଅ କନ୍ୟା ନେଇ
ସତ୍ତୀ ବୋଲି ପର ଘର ଜୀବନ ନଦେଇ;
କନ୍ଦାଇ କନ୍ଦାଇ ମୋର ଏ ସାରା ଜୀବନ
ଦେଲି ଶେଷେ ଦେଲି ପାପ, ସରମ, ମରଣ !
ତୁମ ଦୟା କେବେ ମୁଁ ତ ଜାଣିନି ବିଧିରେ
ଯାଉଛି ମୁଁ ଭଲେ ରଖିବ କି ମୋ ସ୍ୱାମୀରେ !

[ଲେଖକ ଜମାପଡ଼ାରେ ଶିକ୍ଷକ ଥିଲାବେଳେ ତତ୍‌କାଳୀନ 'ତରୁଣ କବି' ଶ୍ରୀମାନ୍ ସଚ୍ଚିଦାନନ୍ଦ ରାଉତରାୟଙ୍କର ଲେଖକ ନିକଟକୁ ଏକ ପତ୍ରରେ ଏହି କବିତାଟିର ମୋଟ କଥା ବ୍ୟଞ୍ଜିତ ହୋଇଥିଲା ।]

ମୁଦ୍ରାକର—ଶ୍ରୀ ନିତ୍ୟାନନ୍ଦ ଦାସ, ନିଉ ଷ୍ଟୋର୍ସ ପ୍ରେସ୍, ବ୍ରହ୍ମପୁର ।

Digitized by srujan ka@gmail.com